# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 8/2025 | Page 16 | ₹ 7.00

୫୧ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 76 ମୂଲ୍ୟ ₹୭/-


## ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳ ଆଜି

**ନୂଆଦିଲ୍ଲୀ, ୭।୨:** ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାର ନିର୍ବାଚନ ଫଳ ଶନିବାର ପ୍ରକାଶ ପାଇବ। ଶାସକ ଆମ୍ ଆଦମୀ ପାର୍ଟି (ଆପ୍) ୪ର୍ଥ ଥର କ୍ଷମତାସୀନ ହେବ ନା ଭାଜପା ଦୀର୍ଘ ୨୬ ବର୍ଷର ବ୍ୟବଧାନ ପରେ ସରକାର ଗଢ଼ିବାର ସୁଯୋଗ ପାଇବ ତା' ଉପରେ ସମସ୍ତଙ୍କ ନଜର ରହିଛି। ଭୋଟ ଗଣତିର ଅବ୍ୟବହିତ ପୂର୍ବରୁ ଜାତୀୟ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ☞ପୃଷ୍ଠା–୪

## ଆଜି ମିଳିବ ୪ର୍ଥ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)**

'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା ଶନିବାର ମିଳିବ। ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ସୂଚନା ଦେଇ କହିଛନ୍ତି, ସୁଭଦ୍ରା ହେଉଛି ବିକାଶର ମୂଳପିଣ୍ଡି। ଶନିବାର ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବା ପରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୯୮ଲକ୍ଷରେ ପହଞ୍ଚିବ। ଯୋଜନାର ଲାଭ ପାଇବା ପାଇଁ ନିବେଦନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ପରିବର୍ତ୍ତନର ସଙ୍କେତ

## ଜନସେବାର ମାଧ୍ୟମ ହେଉ ଚାକିରି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଉପସ୍ଥିତ ଅଛନ୍ତି।

**୯ ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ**

- ୮ ମାସ ମଧ୍ୟରେ ୨୬ ହଜାରରୁ ଅଧିକ ସରକାରୀ ନିଯୁକ୍ତି
- ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରଖିବାକୁ ଆହ୍ୱାନ

**ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)**

ସରକାରୀ ଚାକିରି କେବଳ ଜୀବନ ଜୀବିକାର ସାଧନ ନୁହେଁ, ଏହା ଜନସେବାର ଏକ ମାଧ୍ୟମ ହେଉ। ସାଧାରଣ ଜନତା, ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି। ସେସବୁକୁ ପୂରଣ କରିବା ପାଇଁ ଆପଣମାନେ ସବୁଠାରୁ ବଡ଼ ମାଧ୍ୟମ ବୋଲି କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ☞ପୃଷ୍ଠା–୪

## ରେପୋ ରେଟ୍ ୬.୨୫%କୁ ହ୍ରାସ

**୫ ବର୍ଷ ପରେ ୨୫ ବିପିଏସ୍ ସୁଧ କମାଇଲା ଆର୍‌ବିଆଇ**

**ପ୍ରାୟ ୫ ବର୍ଷ ପରେ ଆର୍‌ବିଆଇ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ଏହାକୁ ୬.୨୫%ରେ ସ୍ଥିର ରଖିଛି। ଏହା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଲଗାତର ୧୧ଟି ଏମ୍‌ପିସି ବୈଠକରେ ସୁଧହାର ହ୍ରାସ ନେଇ କୌଣସି ନିଷ୍ପତ୍ତି ନେଇ ନ ଥିଲା। ସୁଧହାର କମିବା ପରେ ଏଣିକି ସାଧାରଣ ଜନତା ଓ ବିଜ୍‌ନେସ ସେକ୍ଟରକୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଗୃହ, କାର୍ ଋଣ ଓ ବିଜ୍‌ନେସ ଲୋନ୍ ପାଇଁ ଇଏମ୍‌ଆଇ ଶସ୍ତା ହୋଇପାରେ। ତେବେ ଗ୍ରାହକ ଏଥିରୁ କେତେ ଉପକୃତ ହେବେ ତାହା ବ୍ୟାଙ୍କଗୁଡ଼ିକ ଉପରେ ନିର୍ଭର କରୁଛି।**

**ମୁମ୍ବାଇ,୭।୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପାଖାପାଖି ୫ ବର୍ଷ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ନୂଆ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ସୁଧ ହାର ହ୍ରାସ କରିଛି। ଅର୍ଥନୀତିକୁ ଆଗେଇନେବାରେ ସହାୟତା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଦୀର୍ଘବର୍ଷ ହେଲା ଏହାର ନୀତିକୁ ସନ୍ତୁଳିତ କରି ରଖିଆସିଥିଲା। ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ଏହାକୁ ୬.୨୫ ପ୍ରତିଶତ ରଖିବାକୁ ଆର୍‌ବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ନିଷ୍ପତ୍ତି ନିଆଯାଇଛି।

୨୦୨୦ ମେ'ରେ ଶେଷ ଥର ପାଇଁ ରେପୋ ରେଟ୍ ହ୍ରାସ ☞ପୃଷ୍ଠା–୪













# ଶଶିଭୂଷଣ ରାୟଙ୍କ 'ଦାକ୍ଷିଣାତ୍ୟ ଭ୍ରମଣ'

## ଅତୀତର ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ଶଶିଭୂଷଣ ୧୦ ମାର୍ଚ୍ଚ ୧୮୭୬ରେ ବାଲେଶ୍ୱର ଜିଲାର କେଦାରପୁରଠାରେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ କଟକରେ ଅବସ୍ଥାନ କରି ଉତ୍କଳ ସାହିତ୍ୟ ସମାଜ ସମେତ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଉତ୍କଳ ସାହିତ୍ୟ, ମୁକୁର, ସହକାର, ନବଭାରତ, ଭଞ୍ଜପ୍ରଦୀପ, ଶଙ୍ଖ, ଚତୁରଙ୍ଗ ଓ ଝଙ୍କାର ପ୍ରଭୃତି ପତ୍ରପତ୍ରିକାରେ ତାଙ୍କର ଦାର୍ଶନିକ, ସାହିତ୍ୟିକ ଓ ପ୍ରକୃତି ବର୍ଣ୍ଣନାମୂଳକ ପ୍ରବନ୍ଧ ପ୍ରକାଶ ପାଇ ଓଡ଼ିଆ ଗଦ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା। ତାଙ୍କ ରଚିତ ଆର୍ଯ୍ୟାବର୍ତ୍ତ ଦର୍ଶନ, ପିତୃସ୍ମୃତି, କନିକା ଦର୍ଶନ, ଚିଲିକା ଦର୍ଶନ, ଉତ୍କଳର ଋତୁଚିତ୍ର, ଉତ୍କଳ ପ୍ରକୃତି, ବଡ଼ମ୍ବା ପ୍ରକୃତି, ମୁକୁଟୋତ୍ସବ, ପଲ୍ଲୀ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପ୍ରବନ୍ଧ ପ୍ରବାହ, ଶିକ୍ଷା, ପ୍ରବନ୍ଧ ପ୍ରସୂନ, ପ୍ରବନ୍ଧ ସଂଗ୍ରହ, ଚେତନଚିନ୍ତା, ଆଧୁନିକ ତାଳଚେର ପ୍ରଭୃତି ପୁସ୍ତକ ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛି। ତାଙ୍କ ରଚିତ 'ଦାକ୍ଷିଣାତ୍ୟ ଭ୍ରମଣ' (୧୮୯୬) ଓଡ଼ିଆ ଭ୍ରମଣ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଅନବଦ୍ୟ ସୃଷ୍ଟି। ୨୩୪ ପୃଷ୍ଠାର ଏହି ପୁସ୍ତକଟି ବାମଣ୍ଡା ରାଜକୁମାର ସଚ୍ଚିଦାନନ୍ଦଙ୍କୁ ଉତ୍ସର୍ଗ କରାଯାଇଛି।

ଏହା ପୂର୍ବରୁ ରାଧାନାଥଙ୍କ ଭାରତ ଭ୍ରମଣ, ଭ୍ରମଣକାରୀର ପତ୍ର ଓ ଚିଲିକା କାବ୍ୟ, ଗୋବିନ୍ଦ ରଥଙ୍କ କଲିକତା ବର୍ଣ୍ଣନ, ମେଳା ଦର୍ଶନ, କଟକ ଦର୍ଶନ, ଲାଟ୍ ଦର୍ଶନ, ଦାମୋଦର ପଟ୍ଟନାୟକଙ୍କ କପିଳାସ କ୍ଷେତ୍ର, ଫକୀର ମୋହନଙ୍କ ଉତ୍କଳ ଭ୍ରମଣଂ, ବାସୁଦେବ ସୁଢ଼ଳଦେବଙ୍କ ଚିତ୍ରୋତ୍ପଳା, ଦାମୋଦର ମିଶ୍ରଙ୍କ ଅଂଶୁପା ପ୍ରଭୃତି ରଚନା ଓ କାବ୍ୟ-କବିତା ପ୍ରକାଶ ପାଇ ଓଡ଼ିଆ ଭ୍ରମଣ ସାହିତ୍ୟକୁ ସମୃଦ୍ଧ କରିଥିଲା। 'ଦାକ୍ଷିଣାତ୍ୟ ଭ୍ରମଣ'କୁ ପ୍ରଶଂସା କରି ସମକାଳର ପତ୍ରପତ୍ରିକା 'ଉତ୍କଳ ଦୀପିକା', 'ସମ୍ବଲପୁର ହିତୈଷିଣୀ' ପ୍ରଭୃତି ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଫକୀରମୋହନ 'ଉତ୍କଳ ଭ୍ରମଣଂ'ରେ ଉଦାତ୍ତ କଣ୍ଠରେ କହିଛନ୍ତି- ''ଆହେ ଶଶିବାବୁ କଲ ଦକ୍ଷିଣ ଭ୍ରମଣ/ ମାତ୍ରକ ପଢ଼ିଲେ ତାକୁ ବୋଲ କେତେଜଣ/ ନ ପଢ଼ନ୍ତୁ କେହି କିନ୍ତୁ ଯାହା ଗଲ ରଖି/ ତାହା ତୁଲେ ଆଉ କୀର୍ତ୍ତି ତୁଳନା ହେବ କି।'' ଦକ୍ଷିଣ ଭାରତର ପ୍ରାକୃତିକ, ଭୌଗୋଳିକ, ସାମାଜିକ ଓ ଧାର୍ମିକ ଜୀବନଧାରାର ସୁଚିନ୍ତିତ ବର୍ଣ୍ଣନା 'ଦାକ୍ଷିଣାତ୍ୟ ଭ୍ରମଣ'କୁ ସଫଳ କରିଛି।

ଶଶିଭୂଷଣ ୧୭.୭.୧୮୯୫ରେ କଟକରୁ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରନ୍ତି ଏବଂ ୩.୯.୧୮୯୫ ଦିନ କଟକକୁ ଫେରିଆସନ୍ତି। ପ୍ରାୟ ଦୁଇମାସର ଭ୍ରମଣକୁ ଅତି ସୁନ୍ଦରଭାବେ ସେ ବର୍ଣ୍ଣନା କରିଛନ୍ତି। ତାଙ୍କ ବର୍ଣ୍ଣନାରେ ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ସହିତ ଜନଜୀବନର ରୀତିନୀତି, ପୂଜାପାର୍ବଣର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ପ୍ରତିଟି ଅଞ୍ଚଳର ଭ୍ରମଣ କାହାଣୀ କାବ୍ୟ ପରି ଆକର୍ଷଣୀୟ ଓ ଲାଳିତ୍ୟପୂର୍ଣ୍ଣ। କେବଳ ସାମାଜିକ ଏବଂ ଅର୍ଥନୈତିକ ବର୍ଣ୍ଣନା ନୁହେଁ, ଲୋକଙ୍କର ଭାଷା, ସାହିତ୍ୟ, ବିଚାରଧାରା ଓ ଧାର୍ମିକ ପରମ୍ପରାର ମନୋଜ୍ଞ ବର୍ଣ୍ଣନା ଦେବାରେ ଶଶିଭୂଷଣ କାର୍ପଣ୍ୟ କରିନାହାନ୍ତି। ପ୍ରତି ଅଞ୍ଚଳର ପ୍ରାକୃତିକ ବର୍ଣ୍ଣନା କଲାବେଳେ ସେ ଜନ୍ମଭୂମି ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟକୁ ନିଜ ଚେତନା ଭୂମିରେ ପ୍ରତ୍ୟକ୍ଷ କରିଛନ୍ତି ଓ ପାଠକକୁ ତା'ର ରସ ଉପଭୋଗ ପାଇଁ ପରିବେଷଣ କରିଛନ୍ତି। ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତମାଳାର ବର୍ଣ୍ଣନା କଲାବେଳେ ସେ ବରୁଣେଇ ପାହାଡ଼ର ପାଣ୍ଡବଘର, ଦଶପଲ୍ଲାର ମଣିଭଦ୍ରା, କଣ୍ଟିଲୋର ଗୋ-ଶୃଙ୍ଗ, ବାଙ୍କୀର ମହାପର୍ବତ, ବଡ଼ମ୍ବାର କୁମାରଙ୍ଗ, ଢେଙ୍କାନାଳର କପିଳାସ ଓ ସପ୍ତଶଯ୍ୟାର ବର୍ଣ୍ଣନା ପ୍ରଦାନ କରିଛନ୍ତି। ପ୍ରତିଟି ଅଞ୍ଚଳର ବାଣିଜ୍ୟ ବ୍ୟବସାୟ, ଲୋକସଂସ୍କୃତି, ମନ୍ଦିର ନିର୍ମାଣ ଶିଳ୍ପ ଉପରେ ସେ ଦେଇଛନ୍ତି ନିଜସ୍ୱ ଅଭିମତ। ଦାକ୍ଷିଣାତ୍ୟର ପାହାଡ଼ରେ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖି ଦେବୀଦ୍ୱାର ଓ ସପ୍ତଶଯ୍ୟାର ସୂର୍ଯ୍ୟାସ୍ତ ଦୃଶ୍ୟ ତାଙ୍କ ମାନସପଟରେ ଉଦ୍ଭାସିତ ହୋଇଛି। ଦକ୍ଷିଣ ଅଞ୍ଚଳର ଭାଷା ଓ ଉଚ୍ଚାରଣ ଧ୍ୱନିର ବିଭିନ୍ନତାକୁ ସେ ସୂଚାଇଛନ୍ତି। ମାନ୍ଦ୍ରାଜ ଅଞ୍ଚଳର ଲୋକଙ୍କ ଜ୍ଞାନଲିପ୍ସା ଏବଂ ସରଳତା ତାଙ୍କୁ ଆକର୍ଷିତ କରିଛି। ପ୍ରତିଟି ପରିଚ୍ଛେଦରେ ସେ କିମ୍ବଦନ୍ତୀ, ଉପକାହାଣୀ, ସଂସ୍କୃତ ଶ୍ଳୋକ ଓ ଓଡ଼ିଆ କବିତାଂଶ ସଂଯୁକ୍ତ କରି ରଚନାଟିକୁ ହୃଦୟସ୍ପର୍ଶୀ ଏବଂ କଳାତ୍ମକ କରିଛନ୍ତି।

ବିଭିନ୍ନ ଅଞ୍ଚଳର ଭୌଗୋଳିକ ଅବସ୍ଥା, ଦର୍ଶନୀୟ ସ୍ଥାନର ବର୍ଣ୍ଣନା ସହିତ ରାଜ୍ୟର ଲୋକସଂଖ୍ୟା, ସାଧାରଣ ଲୋକଙ୍କ ଆୟ ପ୍ରଭୃତି ଉପରେ ମଧ ସେ ଆଲୋକପାତ କରିଛନ୍ତି। ମାନ୍ଦ୍ରାଜ, ତ୍ରିଚିନାପଲ୍ଲୀ, ପଣ୍ଡିଚେରୀ, ରାଜମହେନ୍ଦ୍ରୀ, ବିଜୟୱାଡ଼ା, କୁର୍ନୁଲ୍, କାକିନାଡ଼ା, କୋଡ଼ାଇକେନାଲ, ତାଞ୍ଜୋର, କାଞ୍ଜିଭରମ୍, ମଦୁରାଇ, ଶ୍ରୀରଙ୍ଗପଟନମ୍ ପ୍ରଭୃତି ଅଞ୍ଚଳର ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ପ୍ରତି ଅଞ୍ଚଳର ଶିଳ୍ପ, ଭାସ୍କର୍ଯ୍ୟ, କଳାଚାତୁରୀର ଅପରୂପ ବର୍ଣ୍ଣନା ପୁସ୍ତକଟିକୁ ଆକର୍ଷଣୀୟ କରି ତୋଳିଛି। ମଦୁରାଇର ମୀନାକ୍ଷୀ ମନ୍ଦିର, ତିରୁପତିର ବାଲାଜୀ, ଚିଦାମ୍ବରମ୍‌ର ସୁବର୍ଣ୍ଣେଶ୍ୱର ମନ୍ଦିର, ମାନ୍ଦ୍ରାଜର ଏଗମୋରଷ୍ଟେସନ, ନୀଳଗିରିର ପ୍ରାକୃତିକ ଦୃଶ୍ୟ, କାବେରୀ କୂଳରେ ସନ୍ଧ୍ୟାର ଦୃଶ୍ୟ ତାଙ୍କୁ ଭାବପ୍ରବଣ କରିଛି। ବିଭିନ୍ନ ଅଞ୍ଚଳରେ ସାହାଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମସ୍ତକ ନତ ହୋଇଛି। ଦାକ୍ଷିଣାତ୍ୟର ଲୋକେ କିପରି ଚାକିରି ଅପେକ୍ଷା ବାଣିଜ୍ୟ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦିଅନ୍ତି, ତାହା ସେ ଲକ୍ଷ୍ୟ କରିଛନ୍ତି। ଲୋକେ କର୍ମଠ ଓ କାର୍ଯ୍ୟକୁଶଳ। କୂପମଣ୍ଡୁକତା ନାହିଁ। ଅତୀତର ରୋମନ୍ଥନ କରି ଅଳସୁଆମି ହେବା ଏମାନଙ୍କ ଜାତକରେ ନାହିଁ। ଦାକ୍ଷିଣାତ୍ୟର ଧନଶାଳୀ ଲୋକେ ଅନେକ କୀର୍ତ୍ତି ଯଥା-ପୁଷ୍କରିଣୀ ଖନନ ଓ ମନ୍ଦିର ନିର୍ମାଣ ପ୍ରଭୃତି କରି ଲୋକଙ୍କର ଅଶେଷ ହିତସାଧନ କରିଛନ୍ତି। ବୈଦେଶିକ ଆକ୍ରମଣ ଯୋଗୁ ଆର୍ଯ୍ୟାବର୍ତ୍ତରେ ବିପ୍ଳବ ଓ ପରିବର୍ତ୍ତନ ସଂଘଟିତ ହୋଇଛି। ଅଥଚ ଦାକ୍ଷିଣାତ୍ୟରେ ପରିବର୍ତ୍ତନ ସେତେଟା ହୋଇନାହିଁ। ଉଦ୍ୟାନ ପ୍ରୀତି ଓ ଫଳପ୍ରିୟତା ଦୃଷ୍ଟିରୁ ଦାକ୍ଷିଣାତ୍ୟର ଲୋକମାନେ ଆଦର୍ଶସ୍ଥାନୀୟ।

'ଦାକ୍ଷିଣାତ୍ୟ ଭ୍ରମଣ'ରେ କେବଳ ଦକ୍ଷିଣ ଅଞ୍ଚଳର ବର୍ଣ୍ଣନା ନାହିଁ, ଆମ ସାହିତ୍ୟ-ସଂସ୍କୃତିର ଅନେକ ଅନାଲୋଚିତ ପ୍ରସଙ୍ଗ ରହିଛି। ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସ୍ମୃତିଚାରଣ କ୍ରମରେ ତାଙ୍କ ପ୍ରତିଭାର ବିକାଶ ପର୍ବର ସୂଚନା ସେ ଦେଇଛନ୍ତି। ଯଥା: କୁମାରଙ୍ଗ ଅଞ୍ଚଳର ପ୍ରସିଦ୍ଧ ଆଶୁକବି ଦାଶରଥି କବିଚନ୍ଦ୍ର। ପ୍ରତିଟି ବର୍ଣ୍ଣନାକ୍ରମରେ ଶଶିଭୂଷଣ ସ୍ଥାନୀୟ ପ୍ରବାଦ, ପ୍ରବଚନ ଏବଂ ଢଗଢମାଳିକୁ ଉପଯୁକ୍ତ ଭାବେ ସ୍ଥାନିତ କରିଛନ୍ତି; ଯେମିତି ସୋଲରୀ ଶିଖ, ମୟୂରବାଙ୍କ, କଂସାରୀ ନଈ, ବାଣପୁରିଆ ଭାଇ ଏହାଙ୍କୁ ପରତେ ନାହିଁ, ପାରିକୁଦରେ ମଲେ କଉଡ଼ି, ବ୍ରାହ୍ମଣ ଭାତ-କପାଳେ ହାତ ଇତ୍ୟାଦି। ୪ ସେପ୍ଟେମ୍ବର ୧୯୫୩ରେ ଏହି ମହାନ୍ ଲେଖକଙ୍କର ପରଲୋକ ହୋଇଥିଲା।

ମୋ: ୯୪୩୭୨୫୬୧୭୬

> ଶଶିଭୂଷଣ ରାୟଙ୍କ ରଚିତ 'ଦାକ୍ଷିଣାତ୍ୟ ଭ୍ରମଣ' ପ୍ରାରମ୍ଭିକ ଓଡ଼ିଆ ଭ୍ରମଣ ସାହିତ୍ୟର ଏକ ବିଶିଷ୍ଟ କୃତି। ଶଶିଭୂଷଣ ବିପୁଳ ଗଦ୍ୟ ସାହିତ୍ୟର ସ୍ରଷ୍ଟା। ତତ୍କାଳୀନ ଓଡ଼ିଆ ସାହିତ୍ୟର ପ୍ରାୟ ପତ୍ରପତ୍ରିକା ତାଙ୍କ ପ୍ରବନ୍ଧ ଦ୍ୱାରା ସମୃଦ୍ଧ। ପିତା ରାଧାନାଥ ରାୟଙ୍କ ପ୍ରତିଭା ଆଢୁଆଳରେ ରହି ଶଶିଭୂଷଣଙ୍କ ପ୍ରତିଭା ଓଡ଼ିଆ ସାହିତ୍ୟରେ ଉପଯୁକ୍ତ ମୂଲ୍ୟାୟନର ଅବକାଶ ପାଇନାହିଁ। ହେଲେ ତାଙ୍କ ଗଦ୍ୟ ସାହିତ୍ୟ ମୌଳିକତା ଓ ବିବିଧତାରେ ପୂର୍ଣ୍ଣ।






## ପୁସ୍ତକ ପରିଚୟ

### ଆମେ ଦିନେ ଦେଖାହେବା



**କବି:** ବିଜୟଲକ୍ଷ୍ମୀ ପରିଡ଼ା
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୩୯/-

ମୋଟ ୫୧ଟି କବିତା ୧୧୨ ପୃଷ୍ଠାର କଳେବରରେ। ଚାଉଳବଟା ଝୋଟିରେ ଯେମିତି କିଏ କୋଉ ଗାଁର କାନ୍ଥକୁ ଚିତ୍ରେଇ ଦେଇଛି- ଏପରି ଲାଗେ ପଢ଼ିବସିଲେ ବିଜୟଲକ୍ଷ୍ମୀଙ୍କ ଏ କବିତା ସବୁ। ସାନ ସାନ ଗପ ଜଟିଳ ଜୀବନର, ତହିଁରେ ପୁଣି କଳ୍ପନାର ନୂଆ ନୂଆ କାରିଗରି ପ୍ରାୟ କବିତାକୁ ଗଭୀର, ଅନୁଭବପ୍ରଖର କରି ଗଢ଼ିତୋଳିଥାଏ। କେତୋଟି ଉଦ୍ଧୃତି ନେବା- ୧. ''ଜହ୍ନ ନୂଆକରି ଉଇଁଥିବ ମୋ ସୁନ୍ଧାରେ/ ତୁମେ ଥିରିକରି ଓହ୍ଲେଇ ଦେବ ପାଦ ବୋହୁଥିବା ନଈକୁ/ ମୁଁ କଞ୍ଚାପତ୍ରଟିଏ ହେଇ କଅଁଳୁଥିବି ନଈକୂଳେ।'' (ଗପ, ପୃ: ୯), ୨. ''ମୋ ଭିତରେ ବହୁଥିବା ନଈ/ ମୋତେ ଏକଲା କରି/ ବରଫ ପାଲଟିଛି କେବେଠୁଁ।'' (ପାଦଚଲା, ପୃ:୧୧), ୩. ''ପଡ଼ିଶାଘରର ସ୍ତ୍ରୀଲୋକ ନମାଜ ପଢ଼ୁଛି ବାଲ୍‌କୋନୀରେ/ ମୁଁ ତୁଳସୀ ପାଖକୁ ଯାଇପାରୁନି/ ମଝିରେ ପଡ଼ିଛି ଅସଜଡ଼ା ଜାମାପତ୍ର,/ ଝିଅର ରଙ୍ଗ ପେନ୍‌ସିଲ,/ ସ୍ୱାମୀଙ୍କ ମନ।'' (କେହି କିଛି କହୁଛ କି, ପୃ:୯୭) ଓ ୪. ''ସଞ୍ଜ ହେବ ହେବ ହେଉଛି/ ଆଉ କେତେଟା ମିନିଟ୍ ପରେ/ ବୁଢ଼ାଲୋକ ଝୁଣ୍ଟିପଡ଼ିବା ପରି/ ସୂର୍ଯ୍ୟ ଡେଇଁ ପଡ଼ିବେ ଅସ୍ତାଚଳକୁ।'' (କଥୋପକଥନ, ପୃ: ୬୪)। ଚିରାଚରିତ ଦୃଶ୍ୟ ସହିତ ଅଭାବିତ କଳ୍ପନାର ଯେଉଁ ଉନ୍ମେଷମାଳିନୀ ଯୋଗାଯୋଗ ଏସବୁ ଉଦ୍ଧୃତି ତଥା ଅନ୍ୟ ଅନେକ କବିତାରେ ପାଠକ ଲକ୍ଷ୍ୟକରେ, ତାହାହିଁ ବିଜୟଲକ୍ଷ୍ମୀଙ୍କ କବିତାରୁ ପାଠକର ମୂଲ୍ୟବାନ୍ ଉପାର୍ଜନ। 'ଅସଜଡ଼ା ଜାମାପତ୍ର', 'ଝିଅର ରଙ୍ଗ ପେନ୍‌ସିଲ' ସହ ମଝିରେ ପଡ଼ିଛି 'ସ୍ୱାମୀଙ୍କ ମନ'। କାହାକୁ କାହା ସହ ଯୋଡ଼ିଦେଇ ଅବାକ୍ କରିଦେବାର କିମିଆଁ ହିଁ ଆଲୋଚ୍ୟ କାବ୍ୟଗ୍ରନ୍ଥର ସାମର୍ଥ୍ୟ, ଯାହା ହାଲୁକା ମନକୁ ଓଜନିଆ କରିଦିଏ।

### ସଦାନନ୍ଦର ପୃଥିବୀ




**ଲେଖିକା:** ଭାନୁମତୀ ସାହୁ
**ପ୍ରକାଶକ:** କିତାବ ଭବନ, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସ 'ସଦାନନ୍ଦର ପୃଥିବୀ'ରେ ଔପନ୍ୟାସିକା ସଦାନନ୍ଦ ଚରିତ୍ର ମାଧ୍ୟମରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମୟର ପୃଥିବୀକୁ ରୂପାୟିତ କରିବାର ଉଦ୍ୟମ କରିଛନ୍ତି। ବ୍ରିଟିଶ୍ ଅମଳର ସାମାଜିକ ଚଳଣି, କର୍ମଠ ଜୀବନଯାପନ ଶୈଳୀ, ଦାଦନ ଶ୍ରମିକଙ୍କ ଦୁଃଖଦୁର୍ଦ୍ଦଶା, କରୋନା କାଳର ପୀଡ଼ା- ଏହିପରି ସମୟ ସ୍ରୋତରେ ସମାଜ ଓ ଜୀବନର ନାନା ବିବର୍ତ୍ତନ ହେଉଛି ଉପନ୍ୟାସର ଗତିପଥ, ଯାହାକୁ ଲେଖିକା ଅତି ସରଳ ଓ ସୁଖକର ବର୍ଣ୍ଣନା ମାଧ୍ୟମରେ ଆଗେଇ ନେଇଛନ୍ତି ପୃଷ୍ଠା ପରେ ପୃଷ୍ଠା। ଉପନ୍ୟାସର ଶେଷ ଅଧ୍ୟାୟରେ ସଦାନନ୍ଦଙ୍କୁ ତାଙ୍କର ପୁଅ କହୁଛି: ''ବାପା, ଆଗକୁ ଆହୁରି ଆଶ୍ଚର୍ଯ୍ୟ କରିବା କଥା ଆସିବ। ଆମ ପିଲାମାନଙ୍କ ଆଗରେ ଆମେ ପୁରୁଣାକାଳିଆ ହୋଇଯିବୁ।'' ସଦାନନ୍ଦ ଉତ୍ତରରେ କହୁଛନ୍ତି: ''ସତରେ ପୁଅ ଏ ଆଖି କ'ଣ ନ ଦେଖୁଛି! ତୁ କି ଇଣ୍ଟରନେଟ୍ କନେକ୍ଟେଡ୍ ଛତା ନେଇ ଯାଉଛୁ ଯେ କେତେବେଳେ ବର୍ଷା ହେବ ସେ ଜାଣିପାରୁଛି। ରୋବର୍ଟ ଔଷଧ ଦେଲାଣି। x x ତୋ ଆଖିର ଚଷମାରେ କମ୍ପ୍ୟୁଟର ଯୋଡ଼ା ହୋଇଛି କେମିତି ? x x ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି। ସ୍ୱର୍ଗ ପାଲଟିଯିବ କି ଆମ ପୃଥିବୀ ? ଆସିଯିବ କି ସତ୍ୟଯୁଗ ? ସୁତରାଂ 'ସଦାନନ୍ଦର ପୃଥିବୀ' ବାସ୍ତବରେ ପରିବର୍ତ୍ତିତ ସମୟର ଏକ ବିଶ୍ୱସ୍ତ ଦସ୍ତାବିଜ୍। ଏଥିରେ ପିଢ଼ି ପରେ ପିଢ଼ି ଜାଗତିକ ବିଶ୍ୱର ଯେଉଁ ବୈଜ୍ଞାନିକ ରୂପାନ୍ତରକୁ ପ୍ରତ୍ୟକ୍ଷ କରୁଛନ୍ତି, ତା'ରି ଛବି ଔପନ୍ୟାସିକା ଆଙ୍କିଛନ୍ତି ଖୁବ୍ ଆନ୍ତରିକତାର ସହ।

## କାଳକାଳକୁ



### ''ଥିଲାବାଲାଙ୍କର ନୈତିକତା, ଆଉ ନ ଥିଲାବାଲାଙ୍କର ଧର୍ମ।''
– ଖୁସ୍‌ୱନ୍ତ ସିଂହ

**ଖୁସ୍‌ୱନ୍ତ ସିଂହ**ଙ୍କ ଜନ୍ମ ୨ ଫେବୃଆରୀ ୧୯୧୫ରେ ପାକିସ୍ତାନର ପଞ୍ଜାବରେ ଓ ପରଲୋକ ୨୦ ମାର୍ଚ୍ଚ ୨୦୧୪ରେ ନୂଆଦିଲ୍ଲୀରେ। ସେ ଏକାଧାରରେ ଲେଖକ, ଆଇନଜୀବୀ, କୂଟନୀତିଜ୍ଞ, ବାର୍ତ୍ତାଜୀବୀ ଓ ରାଜନେତା। ତାଙ୍କର ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ ହେଉଛି 'ଟ୍ରେନ୍ ଟୁ ପାକିସ୍ତାନ', ୧୯୪୭ର ଭାରତ ବିଭାଜନ ଯାହାର ପ୍ରସଙ୍ଗ। ୧୯୫୬ରେ ରଚିତ ଏହି ଉପନ୍ୟାସ ୧୯୯୮ରେ ଚଳଚ୍ଚିତ୍ରରେ ରୂପାୟିତ। ଖୁସ୍‌ୱନ୍ତଙ୍କର ଅନ୍ୟ ପ୍ରମୁଖ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଆଇ ସେଲ୍ ନଟ୍ ହିଅର୍ ଦ ନାଇଟିଙ୍ଗଲ୍', 'ଦ ହିଷ୍ଟ୍ରି ଅଫ୍ ଶିଖ୍‌ସ', 'ଦିଲୀ: ଏ ନଭେଲ୍', 'ଦ କମ୍ପାନୀ ଅଫ୍ ୱିମେନ୍', 'ଟ୍ରୁଥ୍, ଲଭ୍ ଆଣ୍ଡ ଏ ଲିଟିଲ୍', 'ମାଲିସ: ଏନ୍ ଅଟୋବାଇଓଗ୍ରାଫି' ଓ 'ହ୍ୱାଇ ଆଇ ସପୋର୍ଟେଡ୍ ଦ ଇମରଜେନ୍‌ସି'। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ପଦ୍ମଭୂଷଣ', 'ପଦ୍ମବିଭୂଷଣ', 'ପଞ୍ଜାବ ରତନ' ଓ 'ସାହିତ୍ୟ ଏକାଡେମୀ ଫେଲୋଶିପ୍'। ସେ କହନ୍ତି: ''ପୁରୁଷ ନ ଥିଲେ ସବୁ ନାରୀ ସତୀ।''

## ହନିଟ୍ରାପ୍‌ର ଶିକାର

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଫେରୋମନ୍ ଟ୍ରାପ୍‌ରେ ପଡ଼ି ଛଟପଟ ହେଉଛି ଫଳବିନ୍ଧା ମାଛିଟି। ତାକୁ ମାୟାବିନୀର କୁହୁକ ପରି ଲାଗୁଛି ସବୁକିଛି। ଯେଉଁ ନାରୀ ସଙ୍ଗିନୀର ଅହେତୁକ ଆକର୍ଷଣରେ ଟାଣି ହୋଇ ଆସିଥିଲା ସେ ଏଇ ଟ୍ରାପ୍ ଭିତରକୁ, ତା'ର ଦେଖା କାହିଁ? ଚିହ୍ନବର୍ଣ୍ଣ କିଛି ତ ଦିଶୁନାହିଁ। ତେବେ ଏଇ ଆହ୍ୱାନ, ଏଇ ମିଳନ ଆକାଂକ୍ଷା, ସବୁ କ'ଣ ମିଛ? ସବୁ ମାୟା? କେବଳ ଛଳନା ବ୍ୟତୀତ ଆଉ କିଛି ନୁହେଁ? ନାରୀ ସଙ୍ଗିନୀର ଫେରୋମନ୍ ଗନ୍ଧ ତଥାପି ଆସୁଛି କୋଉଠୁ? ଏଇଠି କେଉଁଠି ଥିବ ସେ। ଆଃ... ଏବେ ମଧ ମୋହାଚ୍ଛନ୍ନ କରି ରଖିଛି ତା' ଆକର୍ଷଣ, ତା' ମିଳନ ଆହ୍ୱାନ। ହେଲେ କାହିଁ? କୋଉଠି ସେ ମାୟାବିନୀ? ଦେଖାଯାଉନି ଯେ!

ଏ ତ କୀଟ ପତଙ୍ଗଶୂନ୍ୟ ନିବୁଜ କୋଠରି। ଭିତରକୁ ପଶିବାର ବାଟ ଅଛି। ହେଲେ ଫେରିବାକୁ ଚାହିଁଲାବେଳକୁ ହଜିଯାଉଛି ଜ୍ଞାନ। ବଣା ହେଉଛି ବୁଦ୍ଧି। ଏଇଠୁ ଫେରିବାର ବାଟ କାହିଁ? କୁଆଡ଼େ ଗଲା ବାଟ? ଆଉ କାହିଁ? କୁଆଡ଼େ ଗଲା ସେ ନାରୀ ସଙ୍ଗିନୀ? ଏଇ ନିବୁଜ କୋଠରି ଭିତରକୁ ଆମନ୍ତ୍ରଣ କରୁଥିଲା ସିଏ ଅତି ଆଦରରେ? ଏଇ କାମିନୀ କାଞ୍ଚନର ମୋହ ହିଁ ଏମିତି। ଖୁବ୍ ଭୟଙ୍କର। ଖୁବ୍ କଷ୍ଟପ୍ରଦ। ଥରେ ତା'ର ଶିକାର ହୋଇଗଲେ ମୁକୁଳିବାର ବାଟ ନଥାଏ ଆଉ। ତା'ପରେ ସର୍ବସ୍ୱ ହରେଇ ଆଜୀବନ ଭ୍ରମୁଥାଅ ଚକ୍ରବ୍ୟୂହ ଭିତରେ, ଠିକ୍ ସେଇ ହନିଟ୍ରାପ୍‌ର ଶିକାର ହୋଇଥିବା କୋଉ ସୈନିକ କି କୋଉ ଦାୟିତ୍ୱବାନ୍ ଅଫିସର ପରି। ଏତକ ଭାବିଭାବି ନିଜକୁ ନିଜେ ଧିକ୍କାର କରୁଥିଲା ଫଳବିନ୍ଧା ମାଛିଟି।

ମୋ: ୮୨୪୯୮୦୭୨୬୭



## କବିତା

### ମୁଁ ଚାଷୀ... ଅବିନାଶୀ

ଉମା ଶଙ୍କର ପାଳ

ସକାଳୁ ଉଠି ସୂର୍ଯ୍ୟଙ୍କୁ ପାଣିଦିଏ
ଭୂମିକୁ ପ୍ରଣାମ କରେ
ମୋ ହାତର ସା-ରେ-ଗା-ମା ଛୁଆଁରେ
କ୍ଷେତର ଫସଲ ପବନରେ ଗୀତ ଗାଉଥାଏ।

ପ୍ରକୃତିକୁ ଦେଇ ପୂଜାପଣା
ଚର, ଅଚର, ସୁର, ଅସୁର, ଭୂତ, ଅଭ୍ୟାଗତଙ୍କୁ
ସେମାନଙ୍କ ଭାଗର ପାଉଣା
ରାଜା, ଜମିଦାର, ସର୍କାରଙ୍କୁ ଖଜଣା
ଅବଶିଷ୍ଟାଂଶରେ କରୁଥାଏ
ସାରା ବର୍ଷର ମୋ' ସଂସାର ମାଜଣା।

ମୋ' ସ୍ୱେଦ ଶୋଣିତର ଘୃତ
ଜଗତର ଜଠରାଗ୍ନିରେ ଆହୁତି
ଅନ୍ନ ଯଜ୍ଞରେ ସୃଷ୍ଟିର ସନ୍ତୋଷରେ
ମୋର ଆତ୍ମତୃପ୍ତି
ଲୋଡ଼ାନାହିଁ ପ୍ରତିଦାନ, ପଦକ, ପ୍ରଶସ୍ତି
ତୁମ ଅନୁକମ୍ପା, ରିହାତି, ସହାନୁଭୂତି
ମୋତେ ନେଇ ଖବରର ଶିରୋନାମ, ରାଜନୀତି।

ମୁଁ ଚାଷୀ, ମୋତେ ଗର୍ବିତ କରେ ମୋ' ବୃତ୍ତି
ଜଗତ କଲ୍ୟାଣର ମନ୍ତ୍ରଜପି
ମୋର ଧର୍ମ କର୍ମ ହର୍ଷ ବିଷାଦ
ଭାଗ୍ୟ ଭବିଷ୍ୟ ନେଇ ମୁଁ ଖୁସି
ସୁଖ ମୋ' କ୍ଷେତରେ
ଲହଡ଼ିମାରୁଥାଏ ବାରମାସୀ।

ଶତାବ୍ଦୀ ଶତାବ୍ଦୀ ଧରି
ପ୍ରାକୃତିକ ଘାତ ପ୍ରତିଘାତର
ପ୍ରସ୍ତର ଭେଦି
କୃତ୍ରିମ ଅବରୋଧକୁ ପ୍ରତିହତ କରି
ମୁଁ ବାରମ୍ବାର ଉଠୁଥାଏ ମୁଣ୍ଡ ଟେକି
ଯାବତ୍ ସୃଷ୍ଟିର ସ୍ଥିତି
ତାବତ୍ ମୁଁ ଅବିନାଶୀ।

ମୋ: ୯୫୫୬୮୮୮୭୦୮

### ବ୍ୟଙ୍ଗ କବିତା

### ମନଲାଖି ବର

କାହ୍ନୁ ଚରଣ ମୁଦୁଲି

ପୁଅଟା ନିଜର ବୁଲେ ବାରଦ୍ୱାର
ସମ୍ପୂର୍ଣ୍ଣ ସେ ବେକାରିଆ
ଝିଅ ପାଇଁ ମା' ଖୋଜୁଅଛି ବର
ସରକାରୀ ଚାକିରିଆ।

ପୁଅଟା ଗଧିଆ ଫେଲ୍ ହୋଇଛି
ସପ୍ତମରେ ସାତ ଥର
ଝିଅ ପାଇଁ ମା' ଖୋଜୁଅଛି ବର
ହୋଇଥିବ ଡାକତର।

ନିଜ ପରିବାର ରୁହନ୍ତି ଗାଁରେ
ଶୁଭେ ବିଲୁଆର ରବ
ଝିଅ ପାଇଁ ମା' ଖୋଜେ ଶାଶୁଘର
ସହରରେ ହୋଇଥିବ।

ନିଜ ପରିବାର ବହୁତ ଦୁର୍ବଳ
ମୁଣ୍ଡରେ ବାଜୁଛି ଚାଳ
ଝିଅ ପାଇଁ ମା' ଖୋଜେ ଶାଶୁଘର
କୋଠା ଥିବ ବହୁତଳ।

ବରଟିର ଯଦି ବାପା ମା' ନଥାଇ
ଏକୁଟିଆ ରହୁଥିବ
ମା' ମନେମନେ ଖୋଜେ ଏହି ବର
ତାକୁ ଝିଅ ବାହା ଦେବ।

ଦିନରେ ସପନ ଦେଖୁଥିବ ଯିଏ
ସମୟ ଯିବ ତା' ଗଡ଼ି
ମନଲାଖି ବର କେବେ ମିଳିବନି
ଝିଅ ହୋଇଯିବ ବୁଢ଼ୀ।

ନିଜ ସମାସ୍କନ୍ଧ ବନ୍ଧୁ ଖୋଜୁଥାଅ
ନିଜ ସମକକ୍ଷ ଘର
ଅଯଥାରେ ଉଚ୍ଚ ଆଶା କରିବାରେ
ଦୁଃଖ ପାଇବାଟା ସାର।

ମୋ: ୯୭୭୬୦୯୭୬୧୨

### ଗୀତି-କବିତା

### ନୀଳବରଣା

ଜୟନ୍ତୀ ସାହୁ

ନଦୀ ମୁଁ ଯେ ସେହି ପାହାଡ଼ୀ କନ୍ୟା
ମୁଁ ପୁଣି ଚପଳଛନ୍ଦା,
ଦୁଇ କୂଳ ଖାଇ ଯାଏ ଦୂରେ ବହି
ଅନେକ ନାମରେ ବନ୍ଧା।

ମୋ ବକ୍ଷେ ଶୀତଳ ମନ୍ଦାକିନୀ ଧାରା
ତୃଷିତର ତୃଷା ହରେ,
ସ୍ୱର୍ଗୀୟ ସୁଷମା ଭରା ସବୁଜିମା
ରଚେ ମୋ' ତଟ କେଦାରେ।

ଧାରା ଶ୍ରାବଣରେ ଅନ୍ତଃସତ୍ତ୍ୱା ହୋଇ
ବନ୍ୟାରେ ଲଘଇ କୂଳ,
କେତେକେତେ କବି କାବ୍ୟ ରଚିଛନ୍ତି
ମୋ' ରୂପରେ ହୋଇ ଭୋଳ।

କେତେ ସୀମନ୍ତିନୀ ପାଦର ଅଳତା
ଧୋଇଛି ମୁଁ ସରାଗରେ,
କେତେ ବିଧବାଙ୍କ ଲୁହ ଓ କୋହକୁ
ବୋହିଛି ମୁଁ ବିଷାଦରେ।

ମୁଁ ଯେ ବହୁଥାଏ ଆଗକୁ ଆଗକୁ
ନୂଆ ନୂଆ ଜଳ ନେଇ,
ପଛେ ଛାଡ଼ିଯାଏ କେତେ ଜନପଦ
ରହେନି ପଛକୁ ଚାହିଁ।

ପାଲଟିଛି କେବେ ଅଳସୀ କନ୍ୟା ମୁଁ
ବେଣୀରେ ଗୁନ୍ଥିଛି ସ୍ମୃତି,
ଭାବପ୍ରବଣ ସେ ନିଶୀଥ ଆକାଶେ
ପବନେ ଶୁଣାଏ ଗୀତି।

ବଉଦ ଫାଙ୍କରେ ଜହ୍ନର ଜୋଛନା
ଶୀତଳ କରିଛି ଛାତି,
ସିନ୍ଧୁର ମଧୁ ବନ୍ଧନ ସ୍ୱପ୍ନେ ମୁଁ
ବିଭୋର ହୋଇଛି ନିତି।

ଲକ୍ଷ୍ୟ ମୋର ସ୍ଥିର ଗତି ମୋ' ଚଞ୍ଚଳ
ସାଥେ ଘେନି ଝର ଝରଣା,
ସାଗର ପ୍ରିୟା ମୁଁ ନୀଳ ସମୁଦ୍ରରେ
ମିଶି ହେବି ନୀଳବରଣା।

ମୋ: ୮୦୯୩୪୮୬୬୭୪

### ସ୍ମୃତି

ତେଜସ୍ୱିନୀ ପଣ୍ଡା

ସ୍ମୃତି କେବେ
ଶିଶିର ବୁନ୍ଦାରେ ଟୋପାଏ
ମୋତିର ଭ୍ରମିତ ଅନୁଭୂତି,
ସ୍ମୃତି କେବେ
ଜୀବନ-ଗୀତିର ଅଛୁଆଁ ଭାବର
ଚିରନ୍ତନ ଅନୁଭୂତି।

ସ୍ମୃତି କେବେ
ଦୁଇହଳ ଆଖିର ଜ୍ୟୋତ୍ସ୍ନାବିଧୌତ
ପହିଲି ବାସ୍ନାର ରାତି,
ସ୍ମୃତି କେବେ
ନୀଳ ଲଫାପାରେ ପ୍ରଣୟ
ଅନୁଭବର ରାତି।

ସ୍ମୃତି କେବେ
ଭ୍ରମିତ ପକ୍ଷୀର ଆସନ୍ତା ଠିକଣାରେ
ଅପେକ୍ଷାରତ ଇତି,
ସ୍ମୃତି କେବେ
ଗାଁ ଶେଷାର୍ଦ୍ଧରେ ସଦା
ପ୍ରବାହିତ ଏକ ନଦୀ।

ସ୍ମୃତି କେବେ
ଝରାବଉଳର ରୁପେଲି
ତୃପ୍ତିର ସାଥୀ,
ସ୍ମୃତି କେବେ
ଝରୁନଥିବା ଲୁହର
ପାହିଆସୁଥିବା ରାତି।

ମୋ: ୯୬୯୨୩୬୧୪୦୪

## ଲଘୁଗଳ୍ପ

### ଫୁଲତୋଡ଼ା

ପଦ୍ମାଳୟା ସାମଲ

ନୂତନ ବର୍ଷକୁ ସ୍ୱାଗତ କରି ଜାନୁଆରୀ ପହିଲାଦିନ ଚାଲିଥାଏ ସାହିତ୍ୟ ସଭା। ମୋ' ମନରେ ସନ୍ଦେହ ହେଲା- ସାମ୍ନା ଧାଡ଼ିରେ କ'ଣ ବସିଛି ଜରିନା? ଦୁଇ ତିନି ଥର ଭଲକରି ଚାହିଁଲି। ସନ୍ଦେହ ରହିଲା ନାହିଁ।

ଦୁଇ ଘଣ୍ଟା ଅତିବାହିତ ହୋଇ ସାରିଥାଏ। ଆଲୋଚନାର ବିଷୟ- ଓଡ଼ିଆ ସାହିତ୍ୟରେ ସାମାଜିକ ଗଣମାଧ୍ୟମର ପ୍ରଭାବ। ଅତିଥିମାନେ ଭାବପ୍ରବଣ ହୋଇ କହିଚାଲିଥା'ନ୍ତି। ଏକଲୟରେ ଭାଷଣ ଶୁଣୁଥାଏ ଜରିନା। ଏପରି ଆଲୋଚନା ଶୁଣିବା ପାଇଁ କାହିଁକି ଆସିଛି ସେ? କଲେଜରେ ତା'ର ତ ଓଡ଼ିଆ ଏମ୍.ଆଇ.ଏଲ୍. ନଥିଲା। ସେ ଅବଶ୍ୟ ଓଡ଼ିଆ କହିପାରେ, କିନ୍ତୁ ପଢ଼ିପାରେ ନାହିଁ କି ଲେଖିପାରେ ନାହିଁ। ଜରିନାର ମାତୃଭାଷା ଓଡ଼ିଆ ନୁହେଁ।

ବକ୍ତାମାନଙ୍କ ଦୀର୍ଘ ଭାଷଣ ମଧ୍ୟରେ ଅଧାଅଧି ଶ୍ରୋତା ସଭା ଛାଡ଼ିଲେ। ଜରିନା ସେମିତି ବସିଥାଏ, ଧ୍ୟାନ କରିବା ଭଙ୍ଗୀରେ। ଶୁଣୁଥାଏ ଆଲୋଚନା। ମଝିରେ ମଝିରେ ତାଳିମାରି ଖୁସି ହେଉଥାଏ।

ମୁଁ ଥିଲି ସଭାର ସଭାପତି। ପାଞ୍ଚମିନିଟ୍ ଭିତରେ ମୋ' ଭାଷଣ ଶେଷ କଲି। ମୁଁ କହୁଥିବା ସମୟରେ ଜରିନା ବିରକ୍ତ ହୋଇ ଉଠି ଚାଲିଯାଉ, ଏକଥା ଆଦୌ ଚାହୁଁ ନଥିଲି।

ସଭା ସରିଲା। ମୋତେ ମିଳିଥିବା ଫୁଲତୋଡ଼ାଟି ଧରି ମଞ୍ଚ ଉପରୁ ଓହ୍ଲାଇ ସିଧା ଗଲି ଜରିନା ନିକଟକୁ। ପ୍ରାୟ ତିରିଶ ବର୍ଷ ତଳେ ଆମେ ପଢ଼ୁଥିଲୁ ଗୋଟିଏ ସ୍କୁଲ୍‌ରେ ଏବଂ ପରେ ଗୋଟିଏ କଲେଜରେ ସାଙ୍ଗ ହୋଇ। ଏବେ ବି ଜରିନାର ଚେହେରାରେ ଆକର୍ଷଣ ଥିଲା, ବେଶି ବଦଳି ନ ଥିଲା। ଅବଶ୍ୟ ବୟସର ଛାପ ବାରି ହେଉଥିଲା।



'ତୁମେ କେବେଠୁ ଓଡ଼ିଆ ସାହିତ୍ୟରେ ଆଗ୍ରହୀ ହେଲ?' ମୁଁ ପଚାରିଲି। ସେ ହସିଲା, ଠିକ୍ ଯେମିତି ହସୁଥିଲା କଲେଜରେ ପଢ଼ୁଥିବା ସମୟରେ। କହିଲା, ''ତୁମ ଭାଷଣ ଶୁଣିବା ପାଇଁ ଆସିଥିଲି। ଆମ ଘର ତ ଖୁବ୍ ନିକଟରେ। ଆମ ଘରେ ଭଡ଼ାରେ ରହୁଥିବା ବ୍ୟକ୍ତି ଜଣକ ଲେଖାଲେଖିରେ ଆଗ୍ରହ ରଖନ୍ତି, ସାହିତ୍ୟ ସଭାକୁ ଯାଆନ୍ତି। ତାଙ୍କଠାରୁ ଜାଣିଲି ଆଜି ତୁମେ ଏ ସଭାର ସଭାପତି। କ'ଣ କିଛି ଭୁଲ କଲି?''

ମୁଁ ଧରିଥିବା ଫୁଲତୋଡ଼ାଟା ତା' ହାତକୁ ବଢ଼ାଇ ଦେଇ କହିଲି, 'ନୂତନ ବର୍ଷର ଅଭିନନ୍ଦନ'। ସେ ଫୁଲତୋଡ଼ାଟି ନେଲା ଓ ପୁଣି ଥରେ ରହସ୍ୟମୟ ହସଟେ ହସିଲା। ମୋର ମନେହେଉଥିଲା ଯେମିତି ନୂତନ ବର୍ଷର ଅଭିନନ୍ଦନ ଜଣାଇ ଏଇ ଫୁଲତୋଡ଼ାଟି ତା' ହାତକୁ ବଢ଼ାଇ ଦେଉଛି ତିରିଶ ବର୍ଷ ତଳେ!

ମୋ: ୭୦୦୮୩୪୮୧୭୨

## କ୍ୟାବିନେଟ୍ ନିଷ୍ପତ୍ତି ନେଇ ଆଜି ସୂଚନା ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଶନିବାର ସକାଳ ୯.୩୦ରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ସେ ସୂଚନା ଦେବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ରାତି ୧୦ଟାରେ ଜଣାଇ ଦିଆଯାଇଛି।

## ପୋଲିସ-ମାଓବାଦୀ ଗୁଳି ବିନିମୟ

ଖପ୍ରାଖୋଲ/ବଲାଙ୍ଗୀର, ୭।୨(ଅଭୟ ତ୍ରିପାଠୀ/ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ସୀମାନ୍ତ ଭାନପୁର ପଞ୍ଚାୟତ ହନୁପାଲି ଗାଁ ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ରେ ପୋଲିସ ଓ ମାଓବାଦୀ ମଧ୍ୟରେ ଗୁରୁବାର ମଧ୍ୟରାତ୍ରିରେ ଗୁଳି ବିନିମୟ ହୋଇଥିବା ଜଣାଯାଇଛି। ଦୀର୍ଘଦିନର ନୀରବତା ପରେ ମାଓବାଦୀ ସଙ୍ଗଠନ ଗନ୍ଧମାର୍ଦ୍ଦନ ପାହଡ ଅଞ୍ଚଳରେ ଉପସ୍ଥିତି ଜାହିର କରିଛି । ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ ଲୁଚିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ , ଡିଭିଏଫ୍ ଓ ଏସ୍ଓଜି ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ ଚଳାଇଥିଲେ। ସେଠାରେ ଆତ୍ମଗୋପନ କରିଥିବା କେତେଜଣ ମାଓବାଦୀ ପୋଲିସକୁ ଦେଖି ପ୍ରଥମେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ପାଲଟା ଆକ୍ରମଣ କରିଥିବା ଜଣାପଡିଛି । ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଚାଲିଥିବା ସୂଚନା ମିଳିଛି । ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଖପ୍ରାଖୋଲ ଥାନାରେ ରହି ସ୍ଥିତି ନିରୀକ୍ଷଣ କରିଥିଲେ ।

## ଆଇଇଡି ବିସ୍ଫୋରଣ: ୫ ମାଓବାଦୀ ଗିରଫ

ମାଲକାନଗିରି, ୭।୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ କାଙ୍କେର ଜିଲା ପୋଲିସ ଆଇଇଡି ବିସ୍ଫୋରଣ ଘଟଣାରେ ୫ ମାଓବାଦୀଙ୍କୁ ଶୁକ୍ରବାର ଗିରଫ କରିଛି। ଏମାନେ ହେଲେ ବୁଦ୍ଧୁରାମ କବାଟୀ, ବାରିନ୍ଦରଉ ସେଡ଼ି, ସୁରେଶ କୁମେଟି, ବାଲସଗୀ ନବଗୋ ଓ ଦଶରଥ ନବଗୋ। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଜିଲାର କୋୟଲୀବେଡ଼ା ଥାନା ଅଞ୍ଚଳ ରହେଟାରକସା, ମରାମ, ଗୋଦୁଲ ଓ ଆଲପରସ ଗ୍ରାମ ପାହାଡ଼ ଓ ଜଙ୍ଗଲରେ ଯବାନମାନେ ସର୍ଚ୍ଚ କରିଥିଲେ। ଏହି ସମୟରେ ହେଟାରକସା ଜଙ୍ଗଲରେ ୫ ମାଓବାଦୀ ଥିବା ଜଣାପଡ଼ିଥିଲା।

## ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱର | ୫୦ ବର୍ଷର ବିକାଶ ଯୋଜନା



**ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ** ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

୨୦୩୬ ବିକଶିତ ଓଡିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱରର ଆବଶ୍ୟକତା ରହିଛି। ଏହି କ୍ରମରେ ସମୁଦାୟ ୮୫୦୦ ବର୍ଗ କି.ମି. ଅଞ୍ଚଳକୁ ସମାବେଶୀ, ବାସୋପଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ରିଜିଅନ ଭାବେ ବିକଶିତ କରିବା ପାଇଁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଗାମୀ ୫୦ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରାଯବ। ଏଥିସହିତ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟଗୁଡିକୁ ଗସ୍ତକରି ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ ସହରରେ 'ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ' ଆରମ୍ଭ ହେବ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ସହରୀକରଣ ଏବଂ ଶିଳ୍ପାୟନ ଦେଇ ଗତି କରୁଛି। ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁ ଗୃହ ନିର୍ମାଣ ଏବଂ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଫଳରେ ଯାନବାହନ ଚଳାଚଳ, ରାସ୍ତା ଧୂଳି, ଘରୋଇ ରୋଷେଇ, ଅଳିଆ ଏବଂ ବାୟୋମାସ୍ ପୋଡ଼ିବା ଆଦି ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି। ତେଣୁ ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ୯ମ ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି (ଏକ୍ୟୁଏମ୍‌ସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ଅଧୀନରେ ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୋଳ, ତାଳଚେର, କଳିଙ୍ଗନଗର ଏବଂ ବାଲେଶ୍ୱର ଆଦି ୭ଟି ସହରରେ ବାୟୁ ଗୁଣବତ୍ତା ଉନ୍ନତି ପାଇଁ ଅନେକ କାର୍ଯ୍ୟକଳାପ କାର୍ଯ୍ୟକାରୀ ହେଉଛି। ସେହିପରି ସମ୍ଭାବ୍ୟ ବାୟୁ ପ୍ରଦୂଷଣ ବିପଦ ଥିବା ଅନ୍ୟ ଅନେକ ସହରକୁ ଏନ୍‌ସିଏପିରେ ଏଯାଏ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଅପରପକ୍ଷେ ଏକ୍ୟୁଏମ୍‌ସି କମିଟି ସମ୍ବଲପୁର, ବ୍ରହ୍ମପୁର, ପୁରୀ,

### ୯ମ ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି ବୈଠକ

ପାରାଦୀପ, କେଉଁଝର, ଯୋଡା, ବଡ଼ବିଲ, ବଣାଇ, ରାଜଗାଙ୍ଗପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଏବଂ ବେଲପାହାଡ଼ ଭଳି ୧୨ଟି ସହରରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସ୍‌ସିଏପି) ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆଗାମୀ ୫ବର୍ଷ ପାଇଁ ଏସ୍‌ସିଏପି ଚଲାଇବା ପାଇଁ ବଜେଟରେ ବରାଦ ଲାଗି ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ, ପରିବେଶ ନିର୍ଦ୍ଦେଶକ ପ୍ରେମ କୁମାର ଝା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଶିଳ୍ପ ବିଭାଗର ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ହରିୟାଣାର ୩୮ତମ ସୁରଜକୁଣ୍ଡ ଅନ୍ତର୍ଜାତୀୟ କ୍ରାଫ୍ଟ ମେଳାରେ ଓଡ଼ିଶା ଟୁରିଜମ୍ ପାଭିଲିଅନ୍‌କୁ ଶୁକ୍ରବାର ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଓ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି। ନିକଟରେ ଉପସ୍ଥିତ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

## ଇଟା ବୋଝେଇ ଟ୍ରାକ୍ଟର ଓଲଟିଲା, ଦମ୍ପତି ମୃତ

ଗୁଣପୁର/ରାମନାଗୁଡ଼ା, ୭।୨(ପ୍ରଦୀପ କୁମାର ପାଢ଼ୀ/ ସଞ୍ଜୟ ପ୍ରଧାନ )

### ୩ ଗୁରୁତର

ରାୟଗଡା ଜିଲା ରାମାନାଗୁଡା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ପାକା ନିକଟରେ ଶୁକ୍ରବାର ସକାଳେ ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡିବାରୁ ଘଟଣାସ୍ଥଳରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସ୍ୱାମୀ ଚୈତନ୍ୟ ଶବର ଓ ସ୍ତ୍ରୀ ମମିତା ଶବର। ସମସ୍ତ ଶ୍ରମିକ ଗୁଣୁପୁର ବ୍ଲକ ଓମ୍ପେରା ଗ୍ରାମର ବୋଲି ସୂଚନା ମିଳିଛି। ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଏକ ଟ୍ରାକ୍ଟର ଗୁଲୁମୁଣ୍ଡା ପାକା ନିକଟସ୍ଥ ଫ୍ୟାକ୍ଟ୍ରିରୁ ଇଟା ବୋଝେଇ କରି ଗୁଣପୁର ଅଭିମୁଖେ ଆସୁଥିଲା। ଟ୍ରାକ୍ଟରରେ ଡ୍ରାଇଭରଙ୍କ ସହ ୬ ଜଣ ଶ୍ରମିକ ଡାଲାରେ ବସି ଗୁଣପୁର ଫେରୁଥିଲେ। ଗୁଲୁମୁଣ୍ଡା ପାକା ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ୨ ଜଣ ଶ୍ରମିକ ଡାଲା ତଳେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୨ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ୩ ଆହତ ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗଜପତି ଜିଲା ପାରଳାଖେମୁଣ୍ଡି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଜଣ ଶ୍ରମିକଙ୍କ ଗୁଣପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସା ଚାଲିଥିବା ଡାକ୍ତର ସୁଜାତା ଗମାଙ୍ଗ ସୂଚନା ଦେଇଛନ୍ତି।

## ଜଗନ୍ନାଥପ୍ରସାଦ ରେଞ୍ଜରେ ମାଈହାତୀ ମୃତ

ଭଞ୍ଜନଗର, ୭।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଲୁଣ୍ଡିରିଖୋଲି ନିକଟରେ ଥିବା ଏକ ଖାତରେ ଗୋଟିଏ ମାଈହାତୀ ମରି ପଡ଼ିଥିବା ଶୁକ୍ରବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ସୁଜାତାରାଣୀ ପଣ୍ଡାଙ୍କ ସମେତ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଶନିବାର ହାତୀର ମୃତଦେହ ବ୍ୟବଚ୍ଛେଦ ହେବ। ପରେ ହାତୀମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି।

ଜଗନ୍ନାଥପ୍ରସାଦ ରେଞ୍ଜ ଲୁଣ୍ଡିରିଖୋଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ମାଈ ହାତୀ ମରି ପଡିଥିଲା। ଶୁକ୍ରବାର ସନ୍ଧ୍ୟାରେ ଗାଈ ଚରାଳିମାନେ ଗାଈ ଧରି ସେହିବାଟ ଦେଇ ଘରକୁ ଫେରୁଥିବା ବେଳେ ହାତୀ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଏକଥା ଗ୍ରାମରେ କହିବାରୁ ବନ ବିଭାଗ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ବିଭାଗୀୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତହାତୀକୁ ଠାବ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

## ମାର୍ଚ୍ଚ ୩୧ ସୁଦ୍ଧା ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

କଟକ/ଭୁବନେଶ୍ୱର,୭।୨ (କାର୍ତ୍ତିକ ସାହୁ/ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିଜିପି ଖୁରାନିଆ ଗଞ୍ଜେଇ ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜେଇ ଚାଷ ବିରୋଧରେ ଅଭିଯାନ ଗତବର୍ଷ ନଭେମ୍ବର ପହିଲାରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଚଳିତବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୨୦୨୪ରେ ଏ ସଂକ୍ରାନ୍ତରେ ୩୫୦ଟି ମାମଲା ରୁଜୁ କରାଯାଇଥିଲା। ଏଥିସହ ୧୫,୦୦୦ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ସେହିପରି ୨୦୨୩ରେ ୪୨୮ଟି ମାମଲା ରୁଜୁ ହୋଇ ୧୦,୫୪୧ ଏକର, ୨୦୨୨ରେ ୫୭୦ଟି ମାମଲା ରୁଜୁ ହୋଇ ୨୪,୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ରାୟଗଡ଼ା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲାରେ ଗଞ୍ଜେଇ ଚାଷ କରାଯାଉଥିବାବେଳେ ଏହାର ମୂଳୋତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଡ୍ରୋନ୍ ଏବଂ ସାଟେଲାଇଟ୍ ମାଧ୍ୟମରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରାଯିବା ପରେ ଏହାକୁ ନଷ୍ଟ କରାଯାଉଛି। ଗଞ୍ଜେଇ ଚାଷ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଖୁରାନିଆ ଚେତାବନୀ ଦେଇଛନ୍ତି। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜିପି (ଅପରେଶନ) ଜୟନାରାୟଣ ପଙ୍କଜ, ଡିଆଇଜି (ଅପରେଶନ) ଅଖିଳେଶ୍ୱର ସିଂ, ଡିଆଇଜି (ଏସ୍‌ଆଇଡବ୍ଲ୍ୟୁ) ଡ. କନୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ଜିଲା ଏସ୍‌ପିମାନେ ଉପସ୍ଥିତ ଥିଲେ।

## ମହାବୀର ଫେରୋ ଆଲଏଜ୍‌ରେ ବିସ୍ଫୋରଣ, ଏକାଧିକ ଆହତ

ରାଉରକେଲା,୭।୨(ସଙ୍ଗୀତା ଜେନା)



ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଆଇଡିସିରେ ଥିବା ମହାବୀର ଫେରୋ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ଇଣ୍ଡକ୍ସନରେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ପ୍ରଚଣ୍ଡ ବିସ୍ଫୋରଣ ହେବା ଯୋଗୁ ୩ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ହାତୀବାରୀ ବେମଟା ଗ୍ରାମର ରାଜୁ ଗଞ୍ଜୁ ପୋଡ଼ିଯାଇଥିବାବେଳେ ମନୋଜ ଭଣ୍ଡାରୀ ଏବଂ ଜାକିର ଅନ୍‌ସାରୀ ସାମାନ୍ୟ ଆହତ ହୋଇଛନ୍ତି। ରାଜୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ମନୋଜ ଓ ଜାକିରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ସେହିପରି ଅନ୍ୟ ୨ଜଣ ଶ୍ରମିକ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। କାର୍ଯ୍ୟସ୍ଥଳରେ କୁଆଡେ ସୁରକ୍ଷା ମାନଦଣ୍ଡ ପାଳନ କରାଯାଉ ନ ଥିବା ଯୋଗୁ ଏପରି ବିସ୍ଫୋରଣ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନା ପାଇବା ପରେ ପ୍ଲାଣ୍ଟ ଗେଟ୍‌ରେ ପ୍ରବଳ ଗହଳି ହୋଇଥିଲା। ଘଟଣାସ୍ଥଳରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସର ଏକ ଟିମ୍ ପହଞ୍ଚି ପରିସ୍ଥିତି ଉପରେ କଡା ନଜର ରଖିଛି। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦଙ୍କୁ ପଚରାଯିବାରୁ ସେ କହିଥିଲେ, ପ୍ଲାଣ୍ଟର ଷ୍ଟିଲ ମେଲ୍‌ଟିଂ ଶପ୍ (ଏସ୍ଏମ୍ଏସ୍) ଫର୍ନେସ ନିକଟରେ ଏହି ଅଘଟଣ ହୋଇଥିଲା। ୩ଜଣ ପୋଡାଜଳା ଆହତଙ୍କୁ କାରଖାନା ପକ୍ଷରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତୁରନ୍ତ ଉକ୍ତ ଫର୍ନେସକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାସହ କାରଖାନା ଉପରେ କଟକଣା ନୋଟିସ କରାଯିବ ବୋଲି ପ୍ରସାଦ କହିଛନ୍ତି।



**ଆଜିର ମନ୍ତବ୍ୟ**

“ ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ମୂଳପୋଛ ହେଉଥିବା ଦେଖି ଏହି ଦଳର ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରରେ ଭୋଟରଙ୍କ ସଂଖ୍ୟାକୁ ନେଇ ବିଭ୍ରାନ୍ତିକର ଅଭିଯୋଗ ଆଣୁଛନ୍ତି। -ଦେବେନ୍ଦ୍ର ଫଡ୍ନାବିଶ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଆଶ୍ରୟର ଦିବ୍ୟାଙ୍ଗ କବି ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପଲଟିକାଲ ସାଇନ୍ସ ଆସୋସିଏଶନର ୩୦ତମ ସମ୍ମିଳନୀ, ସ୍ଥାନ: ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ, ପଟିଆ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାତୃ ସମ୍ମିଳନୀ , ସ୍ଥାନ : ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ଆର୍‌ସିଏମ୍ କଲେଜ କ୍ୟାମ୍ପସ, ଚକାଡୋଳା ବିହାର, ସମୟ: ଅପରାହ୍ନ ୪ଟା।
- ଏମ୍‌ଡି କ୍ରିଏଶନ ଆଣ୍ଡ ଗ୍ରୁପ ପକ୍ଷରୁ ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ନଗର, ପାଣ୍ଡରା, ଜିଜିପି କଲୋନୀ, ସମୟ: ଅପରାହ୍ନ ୫ଟା।
- ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ,ସମୟ: ସନ୍ଧ୍ୟା ୬ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୯ ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭିଙ୍ଗାରପୁରସ୍ଥିତ ଦୁର୍ଗାପୂଜା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦ଟା।

## କଟକ

- ୱାଏମ୍‌ସିଏ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅନୁଷ୍ଠାନ ପରିସର, ମିଶନ ରୋଡ୍, ସମୟ: ସକାଳ ୮ଟା।
- ଓଡ଼ିଆ ଗୀତିକବି ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ କର୍ମଶାଳା ଓ ରକ୍ତଦାନ ଶିବିର, ସ୍ଥାନ: ଓଷ୍ଟା ମୁଖ୍ୟାଳୟ ସମ୍ମିଳନୀ କକ୍ଷ, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମମହୋତ୍ସବ ଓ ଛତ୍ରବଜାର ୧୫ତମ ବାର୍ଷିକ ସତ୍‌ସଙ୍ଗ, ସ୍ଥାନ: ଉପରସାହି ମଙ୍ଗଳାମନ୍ଦିର ନିକଟ, ଶଙ୍କରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବ୍ରାଇଟ୍ ଫ୍ୟୁଚର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ରୟାଲ ଗାର୍ଡେନ, ମହମ୍ମଦିଆ ବଜାର, ସମୟ: ସନ୍ଧ୍ୟା ୫ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ : ସନ୍ଧ୍ୟା ୬ଟା।

## ପୁରୀ

- ସତ୍ୟବାଦୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତ ମାନସ ସତ୍‌ସଙ୍ଗ, ସ୍ଥାନ: ବାସୁକେରା, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସମୟ: ରାତି ୯ଟା।

## ଖୋର୍ଦ୍ଧା

- କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୀତାଭବନ, ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର

- ଇ-ରିକ୍ସା ବଣ୍ଟନ ଶିବିର,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ,ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା,ସ୍ଥାନ:ଟେକନିକାଲ ପଡ଼ିଆ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା,ସ୍ଥାନ:ନୂତନ ଜିଲା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟିଲୋ କପ୍ ଦ୍ୱିତୀୟ ଲିଗ୍ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନିଷ୍ଟାଡିୟମ୍, ବନ୍ତ, ସମୟ: ସକାଳ ୯ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମ, ସ୍ଥାନ: ସଙ୍ଗମ କନ୍‌ଭେନ୍‌ସନ୍, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ଉତ୍ସବ, ସ୍ଥାନ: ସାବରଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ସରଙ୍ଗମୋଟରାଗଡ଼ିଆ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଘଟ ଉତ୍ତୋଳନ, କଳସ ଶୋଭାଯାତ୍ରା, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ତ୍ରିଦିବସୀୟ ଗାୟତ୍ରୀ ଯଜ୍ଞ, ସ୍ଥାନ: ମଣିନାଗେଶ୍ୱର ମନ୍ଦିର ପରିସର, ଉଦଳା, ସମୟ: ସକାଳ ୯ଟା।
- ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ: ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚ ଦିବସୀୟ ଭୀମ ମେଳା ଓ ହରିନାମ ସଂକୀର୍ତ୍ତନ, ସ୍ଥାନ: ଧେଣ୍ଡଗାଁ, ସାରସକଣା, ସମୟ: ଦିବସ ବ୍ୟାପୀ।

## ବ୍ରହ୍ମପୁର

- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

- ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ,ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ଉଦଘାଟନୀ , ସ୍ଥାନ: ଜିଲା କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଗଞ୍ଜାମ

- ବୁଦ୍ଧଖୋଲ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ବୁଦ୍ଧଖୋଲ ମହୋତ୍ସବ ପଡ଼ିଆ ବୁଗୁଡ଼ା, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ପ୍ରଥମ ଢେଙ୍କାନାଳ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ୧୭ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭୁବନ ଜେଏମ୍ଏଫ୍‌ସି କୋର୍ଟ ପରିସର, ସମୟ: ଦିନ ୧୧ଟା ୩୦।
- ଅବିଭକ୍ତ ଢେଙ୍କାନାଳ ଜିଲାର ଇତିହାସ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- କପିଳାସ ନାଟ୍ୟ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ପାଠଶାଳା ଉପଲକ୍ଷେ ରାଜଯୋଗ ଶିବିର, ସ୍ଥାନ: ବୂନବେଲାରୀ, ପାରାଦୀପ, ସମୟ: ସକାଳ ୬ ଟା।
- ପାରାଦୀପ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଯୁବ ପ୍ରତିଭା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା।
- ସିରସ୍ତା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସିରସ୍ତା, ସାମନ୍ତରାପୁର, ତିର୍ତ୍ତୋଲ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ:କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଅଲ ଓଡ଼ିଶା ଇଜତେମା, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ରାଜକନିକା ଆଥେଲେଟିକ ଆସୋସିଏଶନ ପକ୍ଷରୁ ରାଜକନିକା କପ୍ କ୍ରିକେଟ, ସ୍ଥାନ: ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମ, ରାଜକନିକା, ସମୟ:ପୂର୍ବାହ୍ନ ୧୦ଟା।
- ଗୋପୀନାଥଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଅଡଙ୍ଗା, ଡେରାବିଶ, ସମୟ: ସକାଳ ୬ଟା।

## ନୟାଗଡ଼

- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା।
- ଓଡଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସାଂସ୍କୃତିକ ଆସର ଓ ସଭା, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୫ଟା।
- ମା’ଭାନୁମତି ମନ୍ଦିରର ପ୍ରତିଷ୍ଠା ବାର୍ଷିକ ଉତ୍ସବର ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଘଣାଶାଳିଆ, ସମୟ: ସକାଳ ୮ଟା।

## ରାୟଗଡ଼ା

- ଭୀଷ୍ମ ଏକାଦଶୀ ପାଇଁ ଅଷ୍ଟପ୍ରହର ନାମ ଯଜ୍ଞ, ସ୍ଥାନ: ରାୟଗଡ଼ା କୋର୍ଟ ନିକଟ ତ୍ରିନାଥ ମନ୍ଦିର, ସମୟ: ସକାଳ ୬ଟା।
- ବାସବୀ କନିକା ପରମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କନିକା ପରମେଶ୍ୱରୀ ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ଜ୍ଞାନଯଜ୍ଞ ଅରଣ୍ୟ କାଣ୍ଡ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଓଡିଶା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଆଥଲେଟିକ ମିଟ, ସ୍ଥାନ: ପୋଲିସ ପଡ଼ିଆ, କୋରାପୁଟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ: ସକାଳ ୬ଟା।
- ମା’ ବୈଷ୍ଣୋଦେବୀ ମନ୍ଦିର ପ୍ରତିଷ୍ଠା ଦିବସ ସକାଶେ କଳସ ଯାତ୍ରା, ସ୍ଥାନ: ମହାନଦୀ ସମଲେଶ୍ୱରୀ ମନ୍ଦିର ଘାଟ, ସମୟ: ସକାଳ ୮ଟା।
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ହୋମଲୋନ ଏକ୍ସପୋ-୨୦୨୫, ସ୍ଥାନ: ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା’ ବୈଷ୍ଣେଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଆୟୋଜନରେ ବିଶାଳ ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ରାତି ୮ଟା।

## ବଲାଙ୍ଗୀର

- ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ,ସ୍ଥାନ: ଲାଠୋର, ଖପ୍ରାଖୋଲ ବ୍ଲକ, ସମୟ:ପୂର୍ବାହ୍ନ ୧୧ ଟା।
- ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ସାମୂହିକ ଗାୟତ୍ରୀ ପାଠ ଉତ୍ସବ, ସ୍ଥାନ: ଗାୟତ୍ରୀ ପୀଠ, ସେକ୍ଟର-୨, ସମୟ: ସକାଳ ୬ଟା।
- ୧୨ତମ ଜୋନାଲସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ, ସ୍ଥାନ: ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର, ସେକ୍ଟର-୫, ସମୟ: ସକାଳ ୮ଟା ୩୦।
- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ଉପନିଷଦ ଅଧିବେଶନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ଶୌଚାଳୟ ସମସ୍ୟା ନେଇ କମିଶନରଙ୍କୁ ସାକ୍ଷାତ, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ପଞ୍ଚକୁଣ୍ଡୀୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୮ଟା
- ଜାତୀୟ କୃମିନାଶକ ଦିବସ ଅବସରରେ ସଚେତନତା ପ୍ରଶିକ୍ଷଣ,ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼,ସମୟ: ସକାଳ ୯ଟା ୩୦ମିନିଟ୍

## କଳାହାଣ୍ଡି

- ଜୁନାଗଡ ମହୋତ୍ସବ ପାଇଁ ଆଙ୍କର ଅଡିସନ, ସ୍ଥାନ: ଜୁନାଗଡ କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଖେଳ ମେଳା-୨୦୨୫ର ତୃତୀୟ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଚତୁର୍ଥ ବାଉଁଶୁଣୀ ଲୋକମହୋଓବ ଉଦ୍‌ଘାଟନ ଉତ୍ସବ,ସ୍ଥାନ:ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ବୌଦ୍ଧ, ସମୟ:ଅପରାହ୍ନ ୫ଟା।
- ସପ୍ତମ ପରଗଲପୁର କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ,ସ୍ଥାନ: ପରଗଲପୁର ଖେଳପଡ଼ିଆ, ପରଗଲପୁର, ହରଭଙ୍ଗା, ସମୟ ଅପରାହ୍ନ ୩ଟା।

## ଦେବଗଡ଼

- ଇଣ୍ଟର ସ୍କୁଲ କବାଡି ଟୁର୍ନାମେଣ୍ଟ, ସ୍ଥାନ: ବାଲ ଭାରତୀ ସ୍କୁଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟିର ବୈଠକ, ସ୍ଥାନ: ସେଣ୍ଟର ଫର କଲଚର, କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା

- ୩ୟ ମା’ ବସ୍ତ୍ରାଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଶିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଯାଦବ ସମାଜ ଦ୍ୱାରା ନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଯାଦବ ଭବନ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ଏମ୍‌ସିଏଲ୍ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନା ଦ୍ୱାରା ଲାଭ ବଣ୍ଟନ, ସ୍ଥାନ: ଇଞ୍ଜିନିୟରିଂ କଲେଜ, ବଢ଼େମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଣ୍ଟିକା ମାରି ବଣି ପୋଷ;**
**ନାହିଁ ଦୋଷ।**

ବ୍ୟକ୍ତି ନିଜର ସ୍ୱାର୍ଥ ପୂରଣ ଲାଗି ବେଳେବେଳେ ଅନ୍ୟାୟ ଅନୀତିକୁ ପ୍ରଶ୍ରୟ ଦେଉଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ନିଜ ସ୍ୱାର୍ଥ ସାଧନ ପାଇଁ ଦୁର୍ବଳ ଶ୍ରେଣୀର ବ୍ୟକ୍ତିକୁ ଦଣ୍ଡ ଦେଇ ସବଳ ବ୍ୟକ୍ତିର ଉପକାର କରିବା ଦୋଷାବହ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଝିମିଟି ଖେଳରୁ ମହାଭାରତ।**

ସାମାନ୍ୟ ଝିମିଟି ଖେଳରୁ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ଓ ତହିଁରୁ ମହାଭାରତ ଯୁଦ୍ଧର ଉଦ୍ଭବ। ସାମାନ୍ୟ ବିଷୟ ବା ଘଟଣାରୁ ତୁମୁଳକାଣ୍ଡର ସୂତ୍ରପାତ ଘଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଜନସେବାର ମାଧ୍ୟମ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮ଜଣ ନିଯୁକ୍ତିପତ୍ର ପାଇଛନ୍ତି। ସେହିଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ନବନିଯୁକ୍ତଙ୍କୁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ କହିଲେ, ଗତ ୭ ମାସ ମଧ୍ୟରେ ଆମେ ୬ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ। ଆମ ସରକାରର ପ୍ରଥମ ଦୁଇବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ରାଜ୍ୟ ଜନସଂଖ୍ୟାର ଏକ ପ୍ରତିଶତରୁ ବି କମ୍ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥାଆନ୍ତି। ଏପରି ସୁଯୋଗ ପାଇବାରେ ଆପଣମାନଙ୍କର କଠିନ ପରିଶ୍ରମ ଏବଂ ମାତାପିତାଙ୍କ ଆଶୀର୍ବାଦ ରହିଛି। ନବନିଯୁକ୍ତମାନେ ଏକ ଅଲେଖା ସିଲଟରେ ନିଜ କର୍ମମୟ ଜୀବନ ଆରମ୍ଭ କରିଛନ୍ତି। ଅଢ଼େଇ ଦଶନ୍ଧିର ଏକ ଶାସନ ବ୍ୟବସ୍ଥାର ହ୍ୟାଙ୍ଗ ଓଭର୍ ଆପଣଙ୍କ ପାଖରେ ନାହିଁ। ତେଣୁ ଖୋଲା ମନ, ଖୋଲା ହୃଦୟର ସହିତ ଆପଣମାନେ କାମ କରିବାର ସୁଯୋଗ ପାଇଛନ୍ତି। ଏହି ସୁଯୋଗର ସଦୁପଯୋଗ କରି ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ନିଯୁକ୍ତି କ୍ଷେତ୍ରରେ ଆମର ଫୋକସ୍ ଯୁବଶକ୍ତିର ଉପଯୋଗ ପାଇଁ ଆମ ପ୍ରତିବଦ୍ଧତାର ପରିଚାୟକ। ରାଜ୍ୟରେ ଶିଳ୍ପାୟନର ଏକ ନୂଆ ଯୁଗର ଆରମ୍ଭ କରି ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବିପ୍ଳବ ସୃଷ୍ଟି କରିବା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି। ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ସୁଯୋଗ ଆସିଛି। ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ସବୁ କ୍ଷେତ୍ରରେ ଆମର ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ବିଭାଗରେ ୨ ହଜାର ୭୫୩ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ୧୨୫ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୮୯୪ ଜଣ ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ଉଚ୍ଚ ମାଧ୍ୟମିକ ପରିଷଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦରେ ୭୫ ଜଣ କନିଷ୍ଠ ସହାୟକଙ୍କୁ ମିଶାଇ ମୋଟ୨ ହଜାର ୭୬୭ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ୨୧୨ ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଏବଂ ୨୦ ଜଣ ସହାୟକ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜଳସମ୍ପଦ ବିଭାଗରେ ୫୭ ଜଣ, ଗୃହ ଓ ନଗର ଉନ୍ନୟନ ବିଭାଗରେ ୬୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣ, ଅର୍ଥ ବିଭାଗ ଅନ୍ତର୍ଭୁକ୍ତ ଲୋକାଲ ଫଣ୍ଡ ଅଡିଟ୍‌ରେ ୧୩୦ ଜଣ, ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୧୦୪ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩ ଜଣ ସହାୟକ ତାଲିମ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କହିଲେ, ନିଯୁକ୍ତି କ୍ଷେତ୍ରରେ ଗତ ୮ ମାସ ମଧ୍ୟରେ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି ଓ ଆଗାମୀ ଦିନରେ ମଧ୍ୟ ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ଆଜିର ନବ ନିଯୁକ୍ତଙ୍କ କାନ୍ଧରେ ଉତ୍କୃଷ୍ଟ କଳାର କ୍ଷେତ୍ର ଓଡ଼ିଶା ଭବିଷ୍ୟତର ଉତ୍କର୍ଷ ଓଡ଼ିଶା ଅଭିମୁଖେ ଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ। ଗଣଶିକ୍ଷା ବିଭାଗର କମିଶନର ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱତୀ.ଏସ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ରେପୋ ରେଟ୍ ...

କରାଯାଇଥିଲା। ୨୦୨୩ ଫେବୃଆରୀରେ ଏହାକୁ ୨୫ ପଏଣ୍ଟ ବୃଦ୍ଧି କରାଯାଇ ୬.୫ ପ୍ରତିଶତ କରାଯାଇଥିଲା, ଯାହା ଏପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ତେବେ କୋଭିଡ୍ ମହାମାରୀ ପରେ ପ୍ରଥମ ଥର ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ମନ୍ଥର ହୋଇଛି। କେନ୍ଦ୍ର ସରକାର ଲୋକଙ୍କ କ୍ରୟଶକ୍ତି ବଢ଼ାଇବା ନିମନ୍ତେ ବଜେଟରେ ବ୍ୟକ୍ତିଗତ ଆୟକର ପୈଠ ପାଇଁ ଆୟସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପରେ ମୁଦ୍ରାନୀତି କମିଟି ରେପୋ ରେଟ୍ କମାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। ସୁଧ ହାର କମିବା ଫଳରେ ଋଣ ଶସ୍ତା ହେବ ଏବଂ ବ୍ୟୟ କରିବା ଓ ନିବେଶକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ଆର୍ଥିକ କାରବାର ଅଧିକ ସକ୍ରିୟ ହେବ। ଅର୍ଥନୈତିକ ପରିବେଶକୁ ପ୍ରଭାବିତ କରୁଥିବା ବାହ୍ୟ ପରିସ୍ଥିତିର ପରିବର୍ତ୍ତନର ମୁକାବିଲା ପାଇଁ ଦେଶର ଅର୍ଥବ୍ୟବସ୍ଥାକୁ ସକ୍ଷମ କରିବା ସକାଶେ ଏମ୍‌ପିସି ନିଜ ଆଭିମୁଖ୍ୟକୁ ‘ନିଉଟ୍ରାଲ୍’ ରଖିଥିବା ଆର୍‌ବିଆଇ ଗଭର୍ନର ମାଲହୋତ୍ରା କହିଛନ୍ତି। ୨୦୨୨ ମେ’ରୁ ୨୦୨୩ ଏପ୍ରିଲ ମଧ୍ୟରେ କ୍ରମାଗତ ୬ ଥରରେ ରେପୋ ରେଟ୍ ୨୫୦ ପଏଣ୍ଟ ବୃଦ୍ଧି ପାଇଥିଲା। ଏହା ପରେ ଏହି ବୃଦ୍ଧି ହାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ବଜେଟ ପରେ ଅର୍ଥନୀତି ଏବଂ ମୁଦ୍ରାନୀତି ଉତ୍ତରୋତ୍ତର ଭାବେ କାର୍ଯ୍ୟ କରିବା ଉଚିତ ବୋଲି ଅର୍ଥ ମନ୍ତ୍ରଣାଳୟ କହିଥିଲା। ଆୟକରରେ କୋହଳ ସମେତ କେନ୍ଦ୍ର ବଜେଟରେ ଅନେକ ପଦକ୍ଷେପ ଘୋଷଣା କରାଯିବା ପରେ ଆର୍‌ବିଆଇ ସୁଧ ହାର କମାଇବା ନେଇ ସୂଚନା ମିଳିଥିଲା। ଆର୍ଥିକ ନିଅଣ୍ଟକୁ କମାଇବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ସହ ଏକ ଅଣମୁଦ୍ରାସ୍ଫୀତିକାରୀ ବଜେଟ ପ୍ରଦାନ କରିଥିବା ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ କହିଥିଲେ। ଅଭିବୃଦ୍ଧିରେ ସହାୟତା ପାଇଁ ଆର୍‌ବିଆଇର ମୁଦ୍ରାନୀତି ଫିସ୍‌କାଲ ପଲିସି ସହ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୮ ପ୍ରତିଶତ ରହିଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ୪.୪ ପ୍ରତିଶତରେ ସୀମିତ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ଦିଲ୍ଲୀ ବିଧାନସଭା ...

ଇତିମଧ୍ୟରେ ଭାଜପା ଆପ୍ ପ୍ରାର୍ଥୀମାନଙ୍କୁ ଟଙ୍କା ଦେଇ କିଣିବା ଉଦ୍ୟମ କରିଥିବା ଏହାର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ପରେ ଦୁର୍ନୀତି ନିରୋଧୀ ସଂସ୍ଥା ଏସିବି ତାଙ୍କ ଘରେ ପହଞ୍ଚି ପଚରାଉଚରା କରିଛି। ବୁଧବାର ଅନୁଷ୍ଠିତ ନିର୍ବାଚନ ବେଳେ ୬୦.୫୪ ପ୍ରତିଶତ ଦିଲ୍ଲୀବାସୀ ମତଦାନ କରିଥିବାରୁ ଫଳାଫଳ କାହା ସପକ୍ଷରେ ଯାଉଛି ତାହା କହିବା କଷ୍ଟକର ହୋଇଥିଲେ ମଧ୍ୟ ଅଧିକାଂଶ ସର୍ଭେ ସଂସ୍ଥା ଭାଜପାର ବିଜୟ ସମ୍ଭାବନା ଉଜ୍ଜ୍ୱଳ ବୋଲି ଭବିଷ୍ୟବାଣୀ କରିଛନ୍ତି।

## ଆଜି ମିଳିବ ୪ର୍ଥ ...

କରିବା ପରେ ୬୮ହଜାର ଆବେଦନକାରୀ ଏନ୍‌ପିସିଆଇ କରିସାରିଛନ୍ତି। ତେବେଏବେବିକେତେଜଣଆବେଦନକାରୀଙ୍କଏନ୍‌ପିସିଆଇସମସ୍ୟାରହିଛି। ସେମାନେ ବ୍ୟାଙ୍କକୁ ଯାଇ ଯାଞ୍ଚ କରନ୍ତୁ। ପ୍ରାୟ ୧ଲକ୍ଷ ଆବେଦନକାରୀଙ୍କର ଇ-କେୱାଇସି ସମସ୍ୟା ରହିଛି। ଏହାକୁ ୮ତାରିଖ ଶନିବାର ସୁଦ୍ଧା ସମାଧାନ କରିଥିଲେ ସେହିଦିନ ହିଁ ତାଙ୍କୁ ସୁଭଦ୍ରା ଟଙ୍କା ମିଳିଯିବ। ଏସବୁ ଯୋଗୁ ଯେଉଁମାନେ ଏବେ ଟଙ୍କା ପାଇବେନି, ସେମାନେ ଆସନ୍ତା ମାସେ ମଧ୍ୟରେ ଇ-କେୱାଇସି ଦାଖଲ କରିପାରିବେ। ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତିରେ ସେମାନେ ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇପାରନ୍ତି। ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। କୃତ୍ତିକା ନକ୍ଷତ୍ରରେ ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ**
ଆସନ୍ତାକାଲିର ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ପାଇଁ ଅପେକ୍ଷା କରିଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ମୃଗଶିରା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତ ହେବେ। ମୂଲ୍ୟବାନ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ବୋଧ କରିବେ।

**କର୍କଟ**
ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପୁଷ୍ୟା ନକ୍ଷତ୍ରର ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
ପରିବାରର ଆବଶ୍ୟକତା ଅନୁଯାୟୀ ସୌଖୀନ ପଦାର୍ଥ ଆଣିପାରନ୍ତି। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ରର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ଇଚ୍ଛା ନଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ।

**ତୁଳା**
ପରିବାରରେ ବିଶୃଙ୍ଖଳା କାରଣରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ମନ ମୁତାବକ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିବେ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବେ। ପାରିବାରିକ ଆବଶ୍ୟକତାକୁ ଉପଲବ୍ଧିକରି ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର କଳା, ସାହିତ୍ୟ, ସାମ୍ବାଦିକତାରେ ଅଗ୍ରଗତି ଘଟିବ।

**ମକର**
ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଧନିଷ୍ଠା ନକ୍ଷତ୍ର କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଶତଭିଷା ନକ୍ଷତ୍ର ସକାଶେ ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ**
କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇଯିବେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଉତ୍ତରାଭାଦ୍ର ନକ୍ଷତ୍ର ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଫେବୃଆରୀ ୮ ତାରିଖ, ମାଘ ଶୁକ୍ଳପକ୍ଷର ସର୍ବସମ୍ମତ ଭୈମୀ ବଡ଼ ଏକାଦଶୀ, ଶନିବାର, କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଭକ୍ତ ଦାସିଆଙ୍କ ତିରୋଧାନ ତିଥି, ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୯।୧୧ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ ॥

# ଆଇସିସି ଉପରେ କଟକଣା ଲଗାଇଲେ ଟ୍ରମ୍ପ୍

ୱାଶିଂଟନ,୭।୨



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି) ଉପରେ କଟକଣା ଲଗାଇଛନ୍ତି। ଗାଜା ଆକ୍ରମଣ ପାଇଁ ଆମେରିକାର ଘନିଷ୍ଠ ସହଯୋଗୀ ଇସ୍ରାଏଲ୍ ବିରୋଧରେ ନରସଂହାର ଓ ଯୁଦ୍ଧ ଅପରାଧର ତଦନ୍ତ ପାଇଁ ଆଇସିସି ନିଷ୍ପତ୍ତି ନେଇଥିବାରୁ ଟ୍ରମ୍ପ୍ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ ନିଜ କ୍ଷମତାର ଦୁରୁପଯୋଗ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିବା ଟ୍ରମ୍ପ୍ ପ୍ରଶାସନ କହିଛି। ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ଇସ୍ରାଏଲ୍ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଶଂସା କରିଥିବାବେଳେ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏବଂ ଅନ୍ୟ ୟୁରୋପୀୟ ୟୁନିୟନ ନେତାମାନେ ସମାଲୋଚନା କରିଛନ୍ତି। କାର୍ଯ୍ୟାନୁଷ୍ଠାନକୁ ଆଇସିସି ନିନ୍ଦା କରିଛି। କାର୍ଯ୍ୟାନୁଷ୍ଠାନ ନାଁରେ ଅନ୍ତର୍ଜାତୀୟ ଅଦାଲତଙ୍କ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟିକ କାର୍ଯ୍ୟ ପ୍ରତି କ୍ଷତି ପହଞ୍ଚାଯାଇଛି। କଟକଣା ସତ୍ତ୍ୱେ ଆଇସିସି ସାରା ବିଶ୍ୱକୁ ନ୍ୟାୟ ପ୍ରଦାନ ଜାରି ରଖିବ ବୋଲି ଶୁକ୍ରବାର କହିଛି।

ଟ୍ରମ୍ପ୍ ଗୁରୁବାର ଆଇସିସି ବିରୋଧରେ ସାଙ୍କ୍‌ଶନ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଆଇସିସି ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ସେମାନଙ୍କ ଯାତାୟାତ ଉପରେ ନିଷେଧାଦେଶ ଲାଗୁ ହୋଇଛି। ଅଦାଲତଙ୍କ ତଦନ୍ତରେ ସହାୟତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଏହି ବ୍ୟାନ୍ ଲାଗୁ ହେବ।




ଆମେରିକାରୁ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବିତାଡ଼ିତ କରାଯିବା ପ୍ରତିବାଦରେ ଶୁକ୍ରବାର କୋଲକାତାରେ କଂଗ୍ରେସର ବିକ୍ଷୋଭ।

## ୨ କୋଟିର ଗହଣା ଚୋରିକରି ଓଡ଼ିଆ ଯୁବକ ଗିରଫ

ନୂଆଦିଲ୍ଲୀ, ୭।୨

ଗତବର୍ଷ ଅକ୍ଟୋବର ୧୪ରେ ଦିଲ୍ଲୀର ଏକ ଘରୁ ୨ କୋଟି ମୂଲ୍ୟର ଗହଣା ଓ ନଗଦ ଟଙ୍କା ଚୋରି ଘଟଣାରେ ଶୁକ୍ରବାର ପୋଲିସ ଓଡ଼ିଆ ଯୁବକ ସଞ୍ଜୟ କୁମାର ମଲ୍ଲିକ(୧୯)ଙ୍କୁ ଗିରଫ କରିଛି। ତାଙ୍କ ଘର ଓଡ଼ିଶାର ବାଲେଶ୍ୱର ଜିଲାରେ ବୋଲି ଜଣାପଡ଼ିଛି। ଗ୍ରେଟର କୈଳାସ-୨ ସ୍ଥିତ ଜଣେ ମହିଳାଙ୍କ ଘରର ଆଲମାରିରୁ ୧.୩ କୋଟି ଟଙ୍କାର ନଗଦ ଏବଂ ବହୁ ମୂଲ୍ୟବାନ ଗହଣା ଚୋରି ହୋଇଥିଲା। ଏହି ଚୋରି ପରେ ମହିଳାଙ୍କ ଘରେ କାମ କରୁଥିବା ଘରୋଇ ସହାୟକ ଶକ୍ତି ପତି ଫେରାର ହୋଇଯାଇଥିଲେ। ଶୁକ୍ରବାର ଏହି ଚୋରି ଘଟଣାରେ ପୋଲିସ ଓଡ଼ିଶାର ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଦିଲ୍ଲୀରେ ବିଭିନ୍ନ ଘରେ ଘରୋଇ ସହାୟକ ଭାବେ କାର୍ଯ୍ୟ ଚୋରି ଘଟାଉଥିଲେ। ସିସିଟିଭି ଫୁଟେଜରୁ ପୋଲିସ ଶକ୍ତି ଏବଂ ସଞ୍ଜୟଙ୍କ ସହ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଯୁବକଙ୍କୁ ଚିହ୍ନଟ କରିଥିଲା। ଓଡ଼ିଶାରେ ସଞ୍ଜୟଙ୍କ ଲୋକେଶନ ଟ୍ରେସ୍ ହୋଇଥିଲା ଏବଂ ପୋଲିସ ତାଙ୍କୁ ଗିରଫ କରିଛି। ପୋଲିସ ସଞ୍ଜୟଙ୍କ ନିକଟରୁ ୯୦ ଲକ୍ଷ ଟଙ୍କା ମୂଲ୍ୟର ସୁନା, ହୀରା ଅଳଙ୍କାରକୁ ଜବତ କରିଛି।

## ୧୨ରୁ ମୋଦିଙ୍କ ଆମେରିକା ଗସ୍ତ

ନୂଆଦିଲ୍ଲୀ, ୭।୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୨ ଏବଂ ୧୩ ତାରିଖରେ ଆମେରିକା ଗସ୍ତରେ ରହିବେ। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଏହି ଗସ୍ତ କରୁଛନ୍ତି ବୋଲି ଶୁକ୍ରବାର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ସୂଚନା ଦେଇଛନ୍ତି। ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ଶପଥ ନେବା ପରେ ମୋଦିଙ୍କର ଏହା ହେଉଛି ପ୍ରଥମ ଆମେରିକା ଗସ୍ତ। ଭାରତକୁ ଟ୍ରମ୍ପ୍‌ଙ୍କ ଟାରିଫ ଧମକ ଏବଂ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଆମେରିକାରୁ ବିତାଡ଼ିତ କରାଯାଇ ଭାରତ ପଠାଯାଉଥିବା ଘଟଣା ମଧ୍ୟରେ ମୋଦିଙ୍କ ଏହି ଆମେରିକା ଗସ୍ତ ଗୁରୁତ୍ୱ ବହନ କରୁଛି। ତେବେ ଆମେରିକା ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଆସନ୍ତା ୧୦ରୁ ୧୨ ତାରିଖ ଯାଏ ଫ୍ରାନ୍ସ ଗସ୍ତ କରିବେ। ପ୍ୟାରିସ୍‌ରେ ହେବାକୁ ଥିବା 'ଏଆଇ ସମ୍ମିଳନୀ ୨୦୨୫'ରେ ସେ ସହ ଅଧ୍ୟକ୍ଷତା କରିବେ।

## ନୂଆ ଆୟକର ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୭।୨

ଟିକସ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଓ ସୁଧାର ଆଣିବା ସହ ସଂସ୍କାର ଲକ୍ଷ୍ୟରେ ନୂଆ ଆୟକର ବିଲ୍‌କୁ ଶୁକ୍ରବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ସୋମବାର ଲୋକ ସଭାରେ ଆଗତ ହୋଇପାରେ। ଟିକସ ଆଇନକୁ ସରଳ କରିବା ଉପରେ ଏଥିରେ ଧ୍ୟାନ ଦିଆଯାଇଛି। ଗତ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କଲାବେଳେ ସରକାର ନୂଆ ପ୍ରତ୍ୟକ୍ଷ ଟିକସ୍ କୋଡ୍ ଆଣିବାକୁ ଚାହାନ୍ତି ବୋଲି ଘୋଷଣା କରିଥିଲେ। ଲୋକ ସଭାରେ ଆଗତ ପରେ ବିଲ୍ ଉପରେ ଅଧିକ ଆଲୋଚନା ଓ ସଂଶୋଧନ ପାଇଁ ଏହାକୁ ସ୍ଥାୟୀ କମିଟିକୁ ପଠାଯାଇପାରେ।

## ଭାରତରେ ୫୭,୧୮୪ ସ୍ତନ କର୍କଟ ରୋଗୀ

ନୂଆଦିଲ୍ଲୀ, ୭।୨

ଦେଶବ୍ୟାପୀ ସ୍ତନ କର୍କଟ ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ୧୪.୬ କୋଟିରୁ ଅଧିକ ମହିଳାଙ୍କର ସ୍କ୍ରିନିଂ କରାଯାଇଛି। ସେଥିମଧ୍ୟରୁ ୫୭,୧୮୪ ଜଣ ମହିଳାଙ୍କଠାରେ ଏହି ରୋଗ ଥିବା ଜଣାପଡ଼ିଥିବାବେଳେ ସମ୍ପ୍ରତି ସେଥିମଧ୍ୟରୁ ୫୦,୬୧୨ ଜଣଙ୍କର ଚିକିତ୍ସା ଜାରି ରହିଛି। ଶୁକ୍ରବାର ଲୋକ ସଭାର ପ୍ରଶ୍ନକାଳରେ ଏକ ପ୍ରଶ୍ନର ଉତ୍ତର ରଖି ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ. ପି. ନଡ୍ଡା ଏହି ସୂଚନା ଦେଇଛନ୍ତି। ସେହିପରି ସର୍ଭିକାଲ କ୍ୟାନ୍ସର ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଦେଶବ୍ୟାପୀ ୯ କୋଟିରୁ ଅଧିକ ମହିଳାଙ୍କର ସ୍କ୍ରିନିଂ କରାଯାଇଛି। ସେଥିମଧ୍ୟରୁ ୯୬,୭୪୬ ମହିଳାଙ୍କଠାରେ ଏହି ରୋଗ ଥିବା ଜଣାପଡ଼ିଛି। ସମ୍ପ୍ରତି ସର୍ଭିକାଲ କ୍ୟାନ୍ସର ରୋଗରେ ପୀଡ଼ିତ ଥିବା ୮୬,୧୯୬ ଜଣଙ୍କର ଚିକିତ୍ସା ଜାରି ରହିଛି।

## ବାଂଲାଦେଶରେ ୬ ମାସରେ ୨୩ ହିନ୍ଦୁଙ୍କୁ ହତ୍ୟା

ନୂଆଦିଲ୍ଲୀ, ୭।୨

ଗତ ଅଗଷ୍ଟ ୫ରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶରୁ ପଳାୟନ କରି ଭାରତର ଶରଣ ନେଇଥିଲେ। ଏହାପରେ ଅଗଷ୍ଟ ୮ରେ ମହମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ଏହାପରଠାରୁ ଦେଶରେ ୨୩ ଜଣ ହିନ୍ଦୁଙ୍କର ହତ୍ୟା ହୋଇଥିବାବେଳେ ଅତି କମ୍‌ରେ ୧୫୨ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଛି। ଶୁକ୍ରବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ରଖି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ଏହି ସୂଚନା ଦେଇଛନ୍ତି। କେବଳ ଗତ ୨ ମାସ ମଧ୍ୟରେ ବାଂଲାଦେଶରେ ହିନ୍ଦୁଙ୍କ ଉପରକୁ ଆକ୍ରମଣ ହୋଇଥିବାର ୭୬ ଘଟଣା ସାମ୍ନାକୁ ଆସିଛି। ତେବେ ବାଂଲାଦେଶରେ ହିନ୍ଦୁଙ୍କ ଉପରକୁ ବଢ଼ୁଥିବା ଆକ୍ରମଣ ଘଟଣାରେ ଭାରତ ସରକାର ବହୁବାର ବାଂଲାଦେଶର ଅନ୍ତରୀଣ ସରକାରଙ୍କ ନିକଟରେ ଚିନ୍ତା ପ୍ରକଟ କରିଥିବା କୀର୍ତ୍ତି କହିଛନ୍ତି। ହିନ୍ଦୁ ଏବଂ ଅନ୍ୟ ଅଳ୍ପସଂଖ୍ୟକ ସମୁଦାୟର ସୁରକ୍ଷା ପାଇଁ ଗତବର୍ଷ ଡିସେମ୍ବର ୯ରେ ଭାରତର ବହିର୍ବ୍ୟାପାର ସଚିବ ବାଂଲାଦେଶ ଗସ୍ତ କରିଥିଲେ।

### ବାଂଲାଦେଶ ଉଚ୍ଚାୟୁକ୍ତଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୭।୨

**ହାସିନାଙ୍କ ବିବୃତିକୁ ନେଇ ଢାକା ପ୍ରତିବାଦ ଜଣାଇଥିଲା**



ଶେଖ୍ ହାସିନା

ଭାରତ ବିରୋଧରେ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ନକରାତ୍ମକ ବିବୃତିକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦୃଢ଼ ବିରୋଧ କରିଛି। ନୂଆଦିଲ୍ଲୀରେ ଥିବା ବାଂଲାଦେଶର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ମହମ୍ମଦ ନୁରାଲ ଇସ୍‌ଲାମଙ୍କୁ ଶୁକ୍ରବାର ମନ୍ତ୍ରଣାଳୟ ସମନ ଜାରି କରିଛି। ଭାରତରେ ଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ୨ ଦିନ ପୂର୍ବରୁ ସୋସିଆଲ ମିଡିଆ ଯୋଗେ ନିଜ ଦେଶର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଅନ୍ତରୀଣ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ଢାକା ନୂଆଦିଲ୍ଲୀ ନିକଟରେ ପ୍ରତିବାଦ ଜଣାଇଥିଲା। ହାସିନାଙ୍କ ଭାଷଣ ତାଙ୍କର ବ୍ୟକ୍ତିଗତ, ଏଥିରେ ନୂଆଦିଲ୍ଲୀର କୌଣସି ଭୂମିକା ନାହିଁ ବୋଲି ବାଂଲାଦେଶକୁ ଜଣାଇଦିଆଯାଇଛି। ବାଂଲାଦେଶ ସହ ଭାରତ ସକରାତ୍ମକ, ଗଠନମୂଳକ ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କ ରଖିବାକୁ ଚାହେଁ। ଭାରତ ବିରୋଧରେ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ନିୟମିତ ନକରାତ୍ମକ ମନ୍ତବ୍ୟ ଦୁଃଖଦାୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

**ରାଜ୍ୟ ଖବର**

# ଚୋରାଚାଲାଣ ହେଉଛି ଜବତ ଖଣିଜ

ଯୋଡ଼ା,୭।୨(ମାନସ ମହାନ୍ତି)

**ଥମୁନି ଖଣିଜ ଚୋରି**



ଗଚ୍ଛିତ ଜବତ ଖଣିଜରୁ ଖୋଳି ଚୋରାଚାଲାଣ ହୋଇଛି।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଖଣିଜ ଚୋରି ଥମିବାରେ ନାଁ ଧରୁନି। ଖଣିଜ ଚୋରା ବ୍ୟବସାୟୀ ଜବତ ଖଣିଜକୁ ଚୋରାଚାଲାଣ କରୁଛନ୍ତି। ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଂ ନିକଟରେ ଥିବା ଗଚ୍ଛିତ ଲୁହାପଥର ଷ୍ଟକ୍‌ରୁ ଦିନ ରାତି ପରିବହନ କରୁଛନ୍ତି। ଖଣି ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ ହେଉଥିଲେ ବି ଖଣିଜ ଚୋରାଚାଲାଣକୁ ରୋକାଯାଇ ପାରୁନାହିଁ। ଚୋରା ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି।

ସୂଚନା ଅନୁଯାୟୀ, ୨୦୧୦ରୁ ନୟାଗଡ଼ ରେଳ ସାଇଡିଂ ନିକଟ ନୟାଗଡ଼-ପଳାସପଙ୍ଗା ରାସ୍ତାକଡ଼ରେ ଥିବା ଏକ ପ୍ଲଟ୍‌ରେ ଲୁହାପଥର ଗୁଣ୍ଡ ଏକ ରପ୍ତାନିକାରୀ ସଂସ୍ଥା ପକ୍ଷରୁ ଗଚ୍ଛିତ ରଖାଯାଇଥିଲା। ସେ ସମୟରେ ଖଣି ବିଭାଗ ଖଣି ବାହାର ଅଞ୍ଚଳରେ ଖଣିଜ ଗଚ୍ଛିତ ରଖୁଥିବାରୁ ସଂସ୍ଥାର ଷ୍ଟୋରିଂ ଲାଇସେନ୍ସ ରଦ୍ଦ କରିଥିଲା। ଫଳରେ ଏହି ଲୁହାପଥରର ଦାବିଦାର କେହି ସାମ୍ନାକୁ ଆସି ନ ଥିଲେ। ଏହାକୁ ଖଣି ବିଭାଗ ସମ୍ପୂର୍ଣ୍ଣ ଭାବେ ନିଜ ଅକ୍ତିଆରକୁ ନେଇ ରେଳ ସାଇଡିଂଠାରେ ଗଚ୍ଛିତ ରଖିଥିଲା। ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପ୍ରତି ଖଣି ବିଭାଗର ଅବହେଳା ତଥା ଦୀର୍ଘ ବର୍ଷ ପରେ ମଧ୍ୟ ବିଭାଗ ଲୁହାପଥରକୁ ଜବତ କରି ନିଲାମ କରି ନ ଥିବାରୁ ଖଣିଜ ଚୋରା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଲୁହାପଥର ଉପରେ ପଡ଼ିଛି। ସେହିପରି ସମ ଅବସ୍ଥାରେ ଜୁରୁଡ଼ି ବାଂଶପାଣି, ଦେଓଝର, ବଡ଼ବିଲ ରେଳ ସାଇଡିଂରୁ ୨୦୦୮ ରୁ ୨୦୧୦ ମସିହା ମଧ୍ୟରେ ଦାବିଦାର ନ ଥିବା ପ୍ରାୟ ଲକ୍ଷାଧିକ ମେଟ୍ରିକ ଟନ୍ ଲୁହାପଥର ଖଣି ବିଭାଗ ଓ ଜିଲା ପୋଲିସ ଜବତ କରିଥିଲା। ଯାହାର କି ବର୍ତ୍ତମାନ ବିଭାଗ ପାଖରେ ଠିକ୍ ହିସାବ ନାହିଁ। ତେଣେ ଅନେକ ହଜାର ମେଟ୍ରିକ୍ ଟନ୍ ଜବତ ଲୁହାପଥର ଆଶ୍ଚର୍ଯ୍ୟଜନକ ଭାବେ ଉଭାନ ହୋଇ ସାରିଲାଣି। ଗତ ବର୍ଷ ଖଣି ବିଭାଗ ଉକ୍ତ ଷ୍ଟକ୍‌ର ଯାଞ୍ଚ କରିବାରୁ ସେଠାରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍ ଗୁଣ୍ଡ ଲୁହାପଥର ଥିବା ସୂଚନା ଦେଇଛି। ଖଣିଜ ଚୋରି ରୋକିବାକୁ ଷ୍ଟେଟ୍ ଲେବେଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ, ଡିଷ୍ଟ୍ରିକ୍ଟ ଲେବଲ ଟାସ୍କଫୋର୍ସ, ଖଣି ବିଭାଗର ନିଜସ୍ୱ ଯାଞ୍ଚ ଟିମ୍ ଥାଇ ମଧ୍ୟ ଚୋରିକୁ ରୋକାଯାଇ ପାରୁନାହିଁ। କିଛି ଖଣିଜକୁ ଖଣି ବିଭାଗ ଓଡ଼ିଶା ଖଣି ନିଗମ ଜରିଆରେ ନିଲାମ କରିଥିବା ବେଳେ ଜବତ ଲୁହାପଥର ଥିଲା କେତେ, ନିଲାମ ହେଲା କେତେ ଏବଂ ବଳକା ହିସାବ ଖଣି ବିଭାଗ ଦେଇପାରିନାହିଁ। ଏହାର ଆମୂଳଚୂଳ ଯାଞ୍ଚ କରାଗଲେ ଖଣି ଦୁର୍ନୀତିର ଏକ ଦ୍ୱିତୀୟ ଅଧ୍ୟାୟ ଦୃଶ୍ୟମାନ ହେବ ବୋଲି ଆଲୋଚନା ହେଉଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ଚୋରିକୁ ରୋକିବା ପାଇଁ ସେ ପ୍ରଥମେ ବାମେବାରି ପୋଲିସକୁ ଜଣାଇବେ। ସେଠାରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଖଣିଜ ଥିବାରୁ ଏହାର ନିଲାମ ପ୍ରକ୍ରିୟା ପାଇଁ ଓଡ଼ିଶା ଖଣି ନିଗମ ସହିତ କଥାବାର୍ତ୍ତା ହୋଇଯାଇଛି। ଓଡ଼ିଶା ଖଣି ନିଗମ ଗାଡ଼ି ଯୋଗାଇଲେ ଖଣିଜକୁ ଦୁବୁନା ସାକ୍ରଡିହି ଖଣିରେ ଗଚ୍ଛିତ ରଖାଯିବ। ବର୍ତ୍ତମାନ ସମୟରେ ସୁରକ୍ଷାକର୍ମୀ ଯୋଗାଇ ଦେବା ପାଇଁ ଓଡ଼ିଶା ଖଣି ନିଗମ କୁ ଚିଠି କରିବେ। ସୂଚନାଯୋଗ୍ୟ, ଗତ ୨୭ ଡିସେମ୍ବର ୨୦୨୪ ରେ ଜିଲା ପୋଲିସ ଖଣିଜ ଚୋରାଚାଲାଣ ବେଳେ ଗୋଟିଏ ଜେସିବି ମେଶିନ ସହିତ ୨ ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଥିଲା।

# ସର୍ବଭାରତ ସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ଅଶ୍ୱିନୀ-ଅବନୀଙ୍କୁ ପ୍ରଥମ ପୁରସ୍କାର

ବଲାଙ୍ଗୀର,୭।୨
(ବୀରେନ୍ଦ୍ର କୁମାର ଝାଙ୍କର)




ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ର।

ଛତିଶଗଡ଼ ପରିବହନ ବିଭାଗ ସହାୟତାରେ ତଥା ରାୟପୁରସ୍ଥିତ ରାଡା ଏବଂ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର ବହୁ ପରିଚିତ କାର୍ଟୁନିଷ୍ଟ ୨ଭାଇ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପ୍ରଥମ ପୁରସ୍କାର ଲାଭ କରିଛି। ଆଜିର ଦିନର ଦୁର୍ଘଟଣା ପ୍ରବଣତା ଓ ଏ ସମ୍ପର୍କିତ ସାମାଜିକ ସଚେତନତାକୁ ଦୃଷ୍ଟିରେ ରଖି ପ୍ରତିଯୋଗିତା 'ସଡ଼କ ସୁରକ୍ଷା' ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲା। ଯୁଗ୍ମ ଭାବରେ ପୁରସ୍କାର ଲାଭ କରିଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ସଡ଼କ ସୁରକ୍ଷାକୁ ନେଇ ଏକ ସାମାଜିକ ଦାୟିତ୍ୱବୋଧ ଯେ ରହିବା ଉଚିତ ତାହା ଅମିତାଭ-ଧର୍ମେନ୍ଦ୍ର ଯୋଡ଼ି ଅଭିନୀତ ପ୍ରସିଦ୍ଧ 'ଶୋଲେ' ସିନେମାର ଏକ ପୋଷ୍ଟର ମାଧ୍ୟମରେ ଚିତ୍ରଣ କରାଯାଇଛି। ପ୍ରତିଯୋଗିତାର ଅନ୍ୟ ବିଜେତାଙ୍କ ମଧ୍ୟରେ ଓଡ଼ିଶାର ଦେବାଶିଷଙ୍କୁ ମଧ୍ୟ ସ୍ୱୀକୃତିମୂଳକ ପୁରସ୍କାର ମିଳିଥିବା ସୂଚନା ମିଳିଛି।

ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ କାର୍ଟୁନକରି ଆସୁଥିବା ଏହି ଯୁଗଳ କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀ ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ବେଳେ ବହୁବାର ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍‌ଅଫ୍‌ଗ୍ରାଫିକ୍‌ହ୍ୟୁମର-ପେରୁ, ଏଫ୍‌ସିଡବ୍ଲ୍ୟୁ ଚୀନ୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ହିନ୍ଦୁସ୍ଥାନ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେମାନଙ୍କର ଉଲ୍ଲେଖନୀୟ କୃତିତ୍ୱ ତଥା ସମ୍ମାନଜନକ ପି.ସି. ରଥ ମୋମୋରିଏଲ ଅନ୍ତର୍ଜାତୀୟ କାର୍ଟୁନ୍ ପ୍ରତିଯୋଗିତାର ସଫଳ ଆୟୋଜନ ଓଡ଼ିଶାର ଏହି ଭ୍ରାତୃଦ୍ୱୟଙ୍କୁ ବିଶ୍ୱ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପରିଚିତ କରିଛି।



ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡ଼ମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ

-ଭୈମୀ ଏକାଦଶୀ (ବଡ଼)
ଉପବାସ, ବ୍ୟାସ ସରୋବର
ମେଳା, ହଳ ନିଷେଧ



# ପରିବର୍ତ୍ତନର ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଓଡ଼ିଶା ସରକାର ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ଭାବେ କ୍ୟାବିନେଟ ର୍ୟାଙ୍କରେ ନିଯୁକ୍ତ କରିଛନ୍ତି। କେବଳ ମିଶ୍ରଙ୍କ ପାଇଁ ଏହା ଏକ ବଡ଼ ଦାୟିତ୍ୱ ନୁହେଁ, ବରଂ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମିଶ୍ରଙ୍କ କ୍ୟାରିୟରକୁ ଦେଖିଲେ ୨୦୧୪ରେ ମୋଦି ସରକାର ଯେତେବେଳେ କ୍ଷମତାକୁ ଆସିଲେ ସେତେବେଳେ ସଙ୍ଗେ ସଙ୍ଗେ ତାଙ୍କୁ ଭାରତର ସବୁଠୁ ବଡ଼ ଅର୍ଦ୍ଧସାମରିକ ବଳ ସିଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ଅବସର ନେବା ପରେ ସେ କେନ୍ଦ୍ରର ଶୁଭ ଦୃଷ୍ଟିରେ ରହିଆସିଥିଲେ। ଶେଷରେ ସେ ଭାଜପାରେ ଯୋଗଦେଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଶାସନିକ କ୍ୟାରିୟରରେ ସେ ବହୁ ବାଧାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଭାବେ ତାଙ୍କ କାର୍ଯ୍ୟକାଳ ହଠାତ୍ ଶେଷ ହୋଇଯାଇଥିଲା, ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସେହି ପଦବୀରୁ ହଟାଇ ଦେଇଥିଲେ। କିନ୍ତୁ ସେ ଦିଲ୍ଲୀରେ ପ୍ରଶାସନିକ ବ୍ୟବସ୍ଥାକୁ ଫେରି ପ୍ରମୁଖ ପଦବୀରେ ରହିଥିଲେ। ଏପରି କି ସେ ସିବିଆଇ ନିର୍ଦ୍ଦେଶକ ପଦବୀର ନିକଟତର ହୋଇଥିଲେ। କିନ୍ତୁ ୨୦୧୪ରେ ଯେତେବେଳେ ମିଶ୍ରଙ୍କ ନାମ ସିବିଆଇ ଶୀର୍ଷ ପଦବୀ ପାଇଁ ବିଚାର କରାଗଲା ସେତେବେଳେ ଓଡ଼ିଶା ସରକାର ତାଙ୍କ ନାମରେ ଏକ ଭିଜିଲାନ୍ସ କେସ୍ କଲେ। ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନର ସିଏମ୍‌ଡି ଥିବାବେଳେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ତାଙ୍କ ବିରୋଧରେ ଏହି କେସ୍ କରାଯାଇଥିଲା। ପରେ ୨୦୧୫ରେ ଓଡ଼ିଶା ଉଚ୍ଚନ୍ୟାୟାଳୟ ଏହି ମାମଲାକୁ ରଦ୍ଦ କରିବା ସହ ରାଜ୍ୟ ସରକାର ତାଙ୍କୁ ଟାର୍ଗେଟ କରିଥିବା କହିଥିଲେ। ଏବେ ଏକ ଦଶନ୍ଧି ପରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଛି। ଭାଜପା ଅଭିଜ୍ଞ ଅମଲାତନ୍ତ୍ରୀଙ୍କ ଉପରେ ଅଧିକ ଭରସା କରୁଛି ଏବଂ ଓଡ଼ିଶା କ୍ଷମତା ପରିସରକୁ ମିଶ୍ରଙ୍କ ପୁନଃପ୍ରବେଶ ରାଜ୍ୟର ରାଜନୈତିକ ଗତିଶୀଳତାରେ ପରିବର୍ତ୍ତନ ସଙ୍କେତ ଦେଇଛି।

### ଅସହାୟ ସ୍ୱୀକାରୋକ୍ତି

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସ୍ୱୀକାରୋକ୍ତିକୁ ନେଇ ଏକ ପୁରୁଣା ପ୍ରଶ୍ନ ଉଠିଛି। ପ୍ରଶ୍ନଟି ହେଉଛି ବାସ୍ତବରେ କିଏ ଭାରତର ଶାସନକୁ ନିୟନ୍ତ୍ରଣ କରୁଛି- ନିର୍ବାଚିତ ସରକାର ନା ଅମଲାତାନ୍ତ୍ରିକ ପ୍ରକ୍ରିୟା। ସେ ପ୍ରକାଶ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକସ ଛାଡ଼ କରିବାକୁ ଚାହୁଁଥିଲେ, କିନ୍ତୁ ଅମଲାତାନ୍ତ୍ରିକ ପ୍ରକ୍ରିୟା ଏହାକୁ ଧିମା କରିଦେଲା। ସେ ପ୍ରକୃତରେ କହିଥିଲେ, '' ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ସ୍ପଷ୍ଟ ଥିଲେ ଯେ, ସେ କିଛି କରିବାକୁ ଚାହୁଁଛନ୍ତି। ଏଣୁ ବୋର୍ଡକୁ ଅବଗତ କରିବା ଲାଗି ଅଧିକ କାମ କରିବା ଆବଶ୍ୟକ ଥିଲା। ଏଥିରୁ ବୁଝାପଡୁଛି ଯେ, ରାଜନୈତିକ ନେତୃତ୍ୱ ନିକଟରେ ବଡ଼ ବିଚାର ଥାଇପାରେ, କିନ୍ତୁ ତାହା ଯେତେବେଳେ ସାମ୍ନାକୁ ଆସେ ବାବୁମାନେ ହିଁ ନିଷ୍ପତ୍ତି ନିଅନ୍ତି। ଅର୍ଥମନ୍ତ୍ରୀଙ୍କର ଏହା ଏକ ଅସହାୟ ବା ଦୁର୍ବଳ ସ୍ୱୀକାରୋକ୍ତି। ବାସ୍ତବରେ ବାବୁମାନେ ରାଜନୈତିକ ପରିସରରେ ସେମାନଙ୍କ କ୍ଷମତା ପ୍ରୟୋଗ ଜାରି ରଖିଛନ୍ତି କି? କିମ୍ବା ଅମଲାତନ୍ତ୍ରକୁ ତାହାର ଯଥୋଚିତ ପରିଶ୍ରମର ଏହା ଏକ ପରୋକ୍ଷ ପ୍ରଶଂସା, ଯାହା ନିଶ୍ଚିତ କରୁଛି କି ସେମାନଙ୍କ ଉଚିତ ଯାଞ୍ଚ ବିନା କିଛି ବି ଆଗେଇ ପାରିବ ନାହିଁ। ସେ ଯାହା ବି ହେଉ, ଏହା ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଯିଏ କ୍ଷମତାରେ ଥାଆନ୍ତୁ ନା କାହିଁକି ବ୍ୟବସ୍ଥା ତା' ବାଟରେ କାମ କରେ। ଏବେ ଟିକସଦାତାମାନେ ଶୀଘ୍ର ମୁକ୍ତ ହେବାକୁ ଚାହାନ୍ତି। ସେମାନେ ଅଧିକ ଇଚ୍ଛୁକ, କିନ୍ତୁ ଫାଇଲ ପ୍ରୋସେସିଂରେ ଅଛି। ଏହା ମଧ୍ୟ ଏକ ଅସ୍ୱସ୍ତିକର ବାସ୍ତବତାକୁ ପ୍ରକାଶ କରୁଛି, ଯେଉଁଥିରେ ରାଜନେତାମାନେ ନୂଆ ଦୃଷ୍ଟିକୋଣ ଆଣିବେ କିନ୍ତୁ ତାହା କିଭଳି ତୁରନ୍ତ ଆଗକୁ ବଢ଼ିବ ତାହା ଅମଲାତନ୍ତ୍ରୀମାନେ ନିଷ୍ପତ୍ତି ନେବେ।

### ଚତୁର ନିଷ୍ପତ୍ତି

ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରାଜ୍ୟରେ ନୂଆ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ପ୍ରବେଶକୁ ରୋକିବା ଲାଗି ନିଷ୍ପତ୍ତି ନେଇଛନ୍ତି, ଯାହାକୁ ନେଇ ବିବାଦ ଉଠିଛି। ତାଙ୍କର ଯୁକ୍ତି ହେଉଛି, ରାଜ୍ୟର ଲୋକସଂଖ୍ୟା ୭୦ ଲକ୍ଷ ହୋଇଥିବାରୁ ଏବେ କାର୍ଯ୍ୟରତ ୧୫୩ ଆଇଏଏସ୍ ଅଧିକାରୀ ଯଥେଷ୍ଟ। ସେ ମଧ୍ୟ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଧିକାରୀ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଏକ ଚତୁର କାର୍ଯ୍ୟ, ହେଲେ ସମସ୍ତେ ଏହା ବୁଝନ୍ତି ନାହିଁ। ବିରୋଧୀ ନେତା ଜୟରାମ ଠାକୁର ସୁଖୁଙ୍କ ପଦକ୍ଷେପକୁ ବିରୋଧ କରିବା ସହ ଏହାକୁ ଶାସକୀୟ ବିଫଳତା ବୋଲି କହିଛନ୍ତି। ସୁଖୁଙ୍କ ପଦକ୍ଷେପ ବିରୋଧରେ ଯୁକ୍ତି କରାଯାଉଛି ଯେ, କମ୍ ଅଧିକାରୀ ରହିବା ଅର୍ଥ କାର୍ଯ୍ୟ ଚାପ ବଢ଼ିବ, ନିଷ୍ପତ୍ତିରେ ବିଳମ୍ବ ହେବ ଏବଂ ଅଧିକ ପ୍ରଶାସନିକ ଅବ୍ୟବସ୍ଥା ସୃଷ୍ଟି ହେବ। ସୁଖୁ କେବଳ ସଂଖ୍ୟା ହ୍ରାସ କରିବା କଥା ଚିନ୍ତା କରିନାହାନ୍ତି ବରଂ ଖର୍ଚ୍ଚ କମାଇବା ସହ ପ୍ରଶାସନକୁ ବ୍ୟବସ୍ଥିତ କରିବାର ଲକ୍ଷ୍ୟ ରଖିଛନ୍ତି। ଅନାବଶ୍ୟକ ସରକାରୀ ଖର୍ଚ୍ଚ କମାଇବା ଏକ ଚତୁର ରାଜନୈତିକ ନିଷ୍ପତ୍ତି। ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ବଢ଼ାଇବା ବଦଳରେ ସରକାର ଦକ୍ଷତା ପ୍ରତି ଗୁରୁତ୍ୱ ଦେଉଥିବା ସଙ୍କେତ ଦେଇଛନ୍ତି। ପ୍ରକୃତ ପ୍ରଶ୍ନ ହେଉଛି, ଏହା କ'ଣ ଏକ ଭଲ ସୁଶାସନକୁ ବାଟ ଦେଖାଇବ ନା ଶାସନ ଉପରେ ଅଧିକ ଚାପ ପକାଇ ନକାରାତ୍ମକ ପରିଣାମକୁ ଆମନ୍ତ୍ରଣ କରିବ?

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 3 | 5 | 8 | | | 7 | | | 2 |
| | | 1 | | | 3 | 8 | | |
| 1 | | | 7 | | | | 8 | |
| | | | | | | 4 | 1 | 3 |
| 4 | | | | 5 | | 6 | 2 | |
| | | | | 6 | | | | 9 |
| 8 | | | 3 | | | | | |
| | 6 | 7 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 3 | 9 | 5 | 6 | 4 |
| 2 | 5 | 3 | 4 | 6 | 8 | 9 | 1 | 7 |
| 9 | 6 | 4 | 5 | 7 | 1 | 8 | 3 | 2 |
| 3 | 9 | 2 | 7 | 4 | 5 | 1 | 8 | 6 |
| 6 | 4 | 5 | 1 | 8 | 3 | 2 | 7 | 9 |
| 8 | 7 | 1 | 6 | 9 | 2 | 3 | 4 | 5 |
| 7 | 3 | 8 | 9 | 5 | 6 | 4 | 2 | 1 |
| 4 | 2 | 9 | 8 | 1 | 7 | 6 | 5 | 3 |
| 5 | 1 | 6 | 3 | 2 | 4 | 7 | 9 | 8 |

ଗତକାଲିର ଉତ୍ତର

# ଜନଗଣନା ଅର୍ଥନୈତିକ ଓ ବୃତ୍ତିଭିତ୍ତିକ ହେଉ



ହରିଶଙ୍କର ମିଶ୍ର

ଆମ ଦେଶରେ ଶେଷ ଜନଗଣନା ୨୦୧୧ ମସିହାରେ ହୋଇଥିଲେ ବି ୨୦୨୧ ମସିହାରେ କରୋନା ସଂକ୍ରମଣ ପାଇଁ ଦଶ ବାର୍ଷିକ ଜନଗଣନା ହୋଇ ନ ଥିଲା। ତେଣୁ ୨୦୨୫ ମସିହାରେ ଜନଗଣନା ଆରମ୍ଭ ହୋଇ ୨୦୨୬ ମସିହାରେ ଶେଷ ହେବ ବୋଲି କେନ୍ଦ୍ରରେ ନିଷ୍ପତ୍ତି ହୋଇଛି। ଜନଗଣନାରେ ଅନେକ ତଥ୍ୟର ପରିସଂଖ୍ୟାନ ରହିଥାଏ। କିନ୍ତୁ ଏହି ଜନଗଣନା ଜାତିଭିତ୍ତିକ କରିବା ପାଇଁ କିଛି ରାଜନୈତିକ ଦଳ ଦାବି କରୁଥିବାରୁ ତାହା ଅଭିସନ୍ଧିମୂଳକ ଓ ଭିନ୍ନ ଉଦ୍ଦେଶ୍ୟ ରଖୁଥିବା ମନେହୁଏ। ଗୋଟିଏ ବିକଶିତ ରାଷ୍ଟ୍ର ପାଇଁ ନାଗରିକଙ୍କ ଅର୍ଥନୈତିକ ସମୃଦ୍ଧି ଅପରିହାର୍ଯ୍ୟ। ପୂର୍ବରୁ ସାମାଜିକ ଚଳଣିରେ ସଂହତି ପାଇଁ ବୃତ୍ତିଭିତ୍ତିକ ଜାତିବାଦ ସୃଷ୍ଟି ହୋଇଥିଲା, ଯାହାକି ସମୟକ୍ରମେ ବଂଶାନୁକ୍ରମିକ ହୋଇଗଲା। ଏବେ କିନ୍ତୁ ବୃତ୍ତିର ପରିସଂଖ୍ୟାନ ଯଦି କରାଯାଏ ତେବେ ଜଣାଯିବ ଯେ ପ୍ରତ୍ୟେକ ବୃତ୍ତିରେ ପ୍ରତ୍ୟେକ ଜାତିର ବ୍ୟକ୍ତି ନିଶ୍ଚିତ ଅଛନ୍ତି।

ଦେଶ ସ୍ୱାଧୀନ ହେବାର ଅଠସ୍ତରି ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ସାଧୀନ ଭାରତରେ ଅର୍ଥନୈତିକ ବିକାଶ ପାଇଁ କିଛି ନିର୍ଦ୍ଦିଷ୍ଟ ଜାତିକୁ ଅନୁସୂଚିତ ଘୋଷଣା କରି ସେମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରାଯାଇଥିଲା, ଯାହାକି ଏବେ ବଳବତ୍ତର ରହି ସେମାନଙ୍କ ତୃତୀୟ ପିଢ଼ି ଉପଭୋଗ କରୁଛନ୍ତି। ଏବେବି ସର୍ବୋଚ୍ଚ ନ୍ୟାୟାଳୟରେ କିଛି ସମ୍ପ୍ରଦାୟକୁ ସେମାନଙ୍କ ସହ ସାମିଲ କରିବାକୁ ମାମଲା ଓ ଅଦାଲତ ଅବମାନନା ମାମଲା ଚାଲୁ ରହିଛି। କିନ୍ତୁ ବର୍ତ୍ତମାନ ରାଜନୈତିକ ସ୍ୱାର୍ଥ ପାଇଁ ଯେପରି ଜାତିକୁ ଗୁରୁତ୍ୱ ଦିଆଯାଉଛି ତାହା ସମାଜରେ ବିଷାକ୍ତ ପରିସ୍ଥିତି ସୃଷ୍ଟି କରୁଥିବା ଏବଂ ଅନେକ ସମୟରେ ତାହା ସ୍ପର୍ଶକାତର ପ୍ରସଙ୍ଗ ହେଉଥିବାର ଖବର ହୋଇଯାଉଛି। ଜାତିକୁ ନେଇ ଆମ ଦେଶରେ ଆଇନରେ ଏଭଳି ବ୍ୟବସ୍ଥା ରହିଛି ଯେ, ତାହା ଅନେକ ସମୟରେ ଅପବ୍ୟବହାର ହୋଇ ପ୍ରତିଶୋଧ ପାଇଁ ଅମୋଘ ଅସ୍ତ୍ର ହୋଇଯାଉଛି। ଆମ ଦେଶ ବିଶ୍ୱଗୁରୁ ହେବାର ସମୟ ଆସିଯାଇଛି ବୋଲି ଯେଉଁମାନେ ଡିଣ୍ଡିମ ପିଟୁଛନ୍ତି ସେଇମାନେ ଶାସନ ତନ୍ତ୍ରକୁ ଅକ୍ତିଆର ପାଇଁ ଭୋଟ କାରକ ଉଦ୍ଦେଶ୍ୟରେ ଜାତି ପ୍ରୀତି ଦେଖାଉଛନ୍ତି। ଏହା ସତ୍ୟ ଯେ ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ୧୯୯୦ ମସିହାରେ ଯେତେବେଳେ ଅଳିଆଗଦାରୁ ଆଣି ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରାଗଲା ସେତେବେଳେ ସାରା ଦେଶରେ ହିଂସାକାଣ୍ଡ ବ୍ୟାପକ ହୋଇଥିଲା। ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ଯାଇନଥିଲା। କିନ୍ତୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସ୍ପଷ୍ଟ କରିଥିଲେ ଯେ, ଗରିବର ଜାତି ନାହିଁ। ଅବଶ୍ୟ ସେଥିପାଇଁ ଓଡ଼ିଶାରେ ହିଂସାକାଣ୍ଡ କିଛି ମାତ୍ରାରେ ସୀମିତ ରହିଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ପତନ ହୋଇଗଲା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାକୁ ବିରୋଧ କରୁଥିବା ରାଜନୈତିକ ଦଳ ପରବର୍ତ୍ତୀ ଶାସନ କ୍ଷମତା ପାଇ ତାହାକୁ କାର୍ଯ୍ୟକାରୀ କରାଇଲେ। ଏବେବି ଅନେକ ଯୋଜନା ଓ କର୍ମନିଯୁକ୍ତି ପାଇଁ ଜାତିଭିତ୍ତିକ ସୁଯୋଗ ଦିଆଯାଉଛି। କିନ୍ତୁ କୌଣସି ସର୍ବେକ୍ଷଣ ସଂସ୍ଥା ବା ରାଜନୈତିକ ଦଳ ଦେଶର କୌଣସି ଜାତି ସମ୍ପୂର୍ଣ୍ଣ ଅବହେଳିତ ବା କୌଣସି ଜାତି ସମ୍ପୂର୍ଣ୍ଣ ବିକଶିତ ବୋଲି ପ୍ରାମାଣିକ ତଥ୍ୟ ଦେଇପାରିବେ ନାହିଁ, କାରଣ ଏବେ ପ୍ରତ୍ୟେକ ଜାତିରେ ଅର୍ଥନୈତିକ ସବଳ ଓ ଦୁର୍ବଳ ଶ୍ରେଣୀର ଲୋକ ରହିଛନ୍ତି। ବରଂ ଏହି ଜାତିଭିତ୍ତିକ ସୁଯୋଗ ତେଲିଆ ମୁଣ୍ଡରେ ତେଲ ପରି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ବରଦାୟକ ହେଉଛି।



ରାଜନୀତି ବା ପ୍ରଶାସନର ମର୍ଯ୍ୟାଦାଜନକ ପଦବୀରେ ଥିବା ବ୍ୟକ୍ତିଙ୍କ ଉତ୍ତର ଦାୟାଦ ପୁନଶ୍ଚ ଜାତିଭିତ୍ତିକ ସମସ୍ତ ସୁଯୋଗ ପାଉଥିବା ବେଳେ ସେମାନଙ୍କ ଘରେ ଥିବା ରୋଷେୟା ଚାକର ଥିବା ବ୍ୟକ୍ତିଙ୍କ ଦାୟାଦ ଯୋଗ୍ୟତା ଥାଇ ସୁଦ୍ଧା ଉଚ୍ଚ ଜାତି ଆଧାରରେ ସେଥିରୁ ବଞ୍ଚିତ ହୋଇ ସେଇ ବୃତ୍ତିକୁ ହିଁ ଆଦରି ନେଉଛନ୍ତି। ଆମ ସମ୍ବିଧାନରେ ଯଦି ସମସ୍ତେ ସମାନ ଏଂ ସାଛନ୍ଦ୍ୟ ଚଳଣି ପାଇଁ ସମସ୍ତଙ୍କର ଅଧିକାର ରହିଛି ତେବେ ସରକାର ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଗୋଟିଏ ବର୍ଗରେ ସ୍ଥାନିତ କରିବା ଜରୁରୀ ନୁହେଁ କି?

ଦ୍ୱିତୀୟତଃ ଏହା ସ୍ୱୀକାର୍ଯ୍ୟ ଯେ ଆମ ଦେଶ ଓ ରାଜ୍ୟରେ ଅନେକ ଯୋଜନା ରାଜନୈତିକ ଇଚ୍ଛାଶକ୍ତିରେ ପରିଚାଳିତ ହେଉଥାଏ। ଯେଉଁମାନେ ଶାସକ ଦଳର କର୍ମୀ ସେମାନେ ସମସ୍ତ ସରକାରୀ ସହାୟତା ପାଉଥିବା ବେଳେ ବିରୋଧୀ ଦଳର କର୍ମୀ ସେଥିରୁ ବଞ୍ଚିତ ହୁଅନ୍ତି। ଯେଉଁମାନେ କୌଣସି ଦଳର ସମର୍ଥକ ନୁହନ୍ତି ସେମାନେ ଭାଗ୍ୟ ଆଦରି କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରନ୍ତି ନାହିଁ। ଏବେ ଅବସ୍ଥା ଏପରି ବିଚିତ୍ର ହୋଇଛି ଯେ ଯେଉଁମାନେ ଭୂମିହୀନ ଭାବେ ସମସ୍ତ ସରକାରୀ ସୁଯୋଗ ପାଉଛନ୍ତି ସେମାନେ ମଧ୍ୟ ବହୁ ପରିମାଣର ଧାନ ବିକ୍ରି ପାଇଁ ନାମ ଅନୁବନ୍ଧିତ କରୁଛନ୍ତି। ଦେଶରେ ଆଧାର କାର୍ଡ ଏକକ ପରିଚୟପତ୍ରର ମାନ୍ୟତା ପାଇଛି। ତେଣୁ ତାହା ଆଧାରରେ ଜନଗଣନା କରାଯିବାରେ କୌଣସି ପ୍ରତିବନ୍ଧକ ନାହିଁ। ଏଥିସହ ପ୍ରତ୍ୟେକ ବ୍ୟକ୍ତିର ବୃତ୍ତି ଏବଂ ଅର୍ଥନୈତିକ ସ୍ଥିତିକୁ ବୈଷୟିକ ଜ୍ଞାନକୌଶଳ ଆଧାରରେ ସମୟ ଭିତ୍ତିକ ପର୍ଯ୍ୟବେକ୍ଷଣ ପାଇଁ ସୁରକ୍ଷିତ କରାଯିବା ଉଚିତ। ଜନଗଣନା ପୂର୍ବରୁ ପରିବାରର ସଂଜ୍ଞା ମଧ୍ୟ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ରହିଛି। ଏହା ଆମର ସଂସ୍କୃତି ଭିତ୍ତିକ ହେବା ଉଚିତ। ନତୁବା ସରକାରୀ ଦଳର କରିତ୍‌କର୍ମାମାନେ ମାଗଣା ଯୋଜନାରେ ବାପପୁଅ, ସ୍ୱାମୀସ୍ତ୍ରୀଙ୍କୁ ତଫାତ କରାଇ ଏକାଧିକ ସୁଯୋଗ ନେବା ଆଦୌ ଅସମ୍ଭବ ନୁହେଁ। ଆମ ରାଜ୍ୟରେ କାଳିଆ ଯୋଜନାରେ କୃଷି ଶ୍ରମିକ ଭାବରେ ସହାୟତା ପାଇଥିବା ଅନେକ ବ୍ୟକ୍ତି ନିଜେ ବା ତାଙ୍କର ପତ୍ନୀ ନିର୍ମାଣ ଶ୍ରମିକ ଭାବରେ ପଞ୍ଜୀକରଣ କରି ପାଉଥିବା ସୁଯୋଗ ପରି ତଥ୍ୟଭିତ୍ତିକ ଖବର ଅଭାବ ନାହିଁ। ସେମାନଙ୍କ ମଧ୍ୟରୁ କିଛି ପଡ଼ୋଶୀ ରାଜ୍ୟକୁ ଅଧିକ ରୋଜଗାର ପାଇଁ ଯାଉଥିବା ବେଳେ ଦାଦନ ଶ୍ରମିକ ବୋଲାଇ ଅନୁକମ୍ପା ପାଉଥିବା ମଧ୍ୟ ଅସତ୍ୟ ନୁହେଁ।

ନିକଟରେ ଅନେକ ସରକାରୀ କର୍ମଚାରୀ ଖାଉଟି ପତ୍ର ହାସଲ କରିଥିବା ଖବର ପ୍ରକାଶ ପାଇଛି। ଭୂତ ହିତାଧିକାରୀ ଅତୀତରେ ମାଗଣା ଆବାସ ଓ ଏବେ ଖାଉଟି ସାମଗ୍ରୀ ପାଉଥିବା କେବଳ ବ୍ୟବସ୍ଥାର ତ୍ରୁଟି ଯୋଗୁ ସମ୍ଭବ ହେଉଛି। ଗୋଟିଏ ପରିବାରର ବିଭିନ୍ନ ବ୍ୟକ୍ତି ବିଭିନ୍ନ ଶ୍ରମିକ ଭାବରେ ପଞ୍ଜୀକରଣ କରିଥିବାରୁ ଯଦି କୃଷି, ନିର୍ମାଣ,ଖଣି, କେନ୍ଦୁପତ୍ର, ଅଣକୁଶଳୀ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ହିସାବ କରାଯାଏ ତେବେ ସେ ସଂଖ୍ୟା ରାଜ୍ୟ ଲୋକସଂଖ୍ୟାର ୮୦ ଶତାଂଶ ଏଂ ସଂରକ୍ଷିତ ବର୍ଗ ୩୮ ଶତାଂଶ ମିଶିଲେ ସମୁଦାୟ ଲୋକ ସଂଖ୍ୟାଠାରୁ ୮ ଶତାଂଶ ଅଧିକ ହୋଇଯିବେ। ଏକକୋଟି ସୁଭଦ୍ରା ଯୋଜନା ହିତାଧିକାରୀଙ୍କୁ ମିଶାଇଲେ ଫଳ ଯାହା ହେବ ସେଥିରୁ ସ୍ପଷ୍ଟ ଯେ ଗୋଟିଏ ପରିବାର ତିନୋଟିରୁ ଅଧିକ ସରକାରୀ ସହାୟତା ପାଉଛନ୍ତି। କିନ୍ତୁ ଏଥିରେ ମଧ୍ୟମ ବର୍ଗର ସାଧାରଣ ବ୍ୟକ୍ତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାରୀ ସହାୟତା ଯଦି ଜାତିଭିତ୍ତିକ ହୁଏ ତେବେ ସେମାନଙ୍କ ମଧ୍ୟରେ ଥିବା ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ଅଧିକ ଲାଭ ପାଇବେ। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ସେହି ପର୍ଯ୍ୟାୟରେ ଆସୁଛି। ପୂର୍ବ ସରକାର ଏଭଳି ଅନେକ ଭୋଟ କାରକ ଯୋଜନା କରି ରାଜକୋଷକୁ ଭାରାକ୍ରାନ୍ତ କରିବା ସହ ରାଜ୍ୟ ଋଣଭାର ବଢ଼ାଇଥିଲେ। ଏହା ସତ୍ୟ ଯେ ରାଜ୍ୟ ସରକାର କୌଣସି ନିର୍ଦ୍ଦିଷ୍ଟ ଜାତି ବା ସମ୍ପ୍ରଦାୟର ବିବେଚିତ ହୋଇନଥାନ୍ତି। ତେଣୁ ପ୍ରସ୍ତାବିତ ଜନଗଣନା ବୃତ୍ତିଭିତ୍ତିକ କରି ପ୍ରକୃତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରାଇବା ସହ ଏକାଧିକ ସରକାରୀ ସହାୟତା ପାଉଥିବା ବ୍ୟକ୍ତିଙ୍କୁ ଗୋଟିଏ ଯୋଜନାରେ ସାମିଲ କଲେ ରାଜ୍ୟର ଆର୍ଥିକ ସ୍ଥିତି ବଦଳିଯିବ ଏବଂ ସରକାରଙ୍କ ଯଶ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଓ ଐତିହାସିକ ହୋଇଯିବ।

୧୧୩- ଗୁଣ୍ଡିଚା ବିହାର, ପୁରୀ -୨
ମୋ: ୭୯୭୮୭୮୫୪୭୮

# 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ



ବିଶ୍ୱବିଜୟୀ ଦାଶ

ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେଜଣ ନାରୀକବି, ଲେଖିକାଙ୍କର ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରୁ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତ ଅନ୍ୟତମ। ସେ ଜଣେ ସୁଦକ୍ଷ ଡାକ୍ତର, ଯଶସ୍ୱୀ କବୟିତ୍ରୀ, ଲେଖିକା,ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଥିଲେ। ସେ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲା)ର ଜଗଦଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେସାରେ ଡାକ୍ତର ଥିଲେ। ତାଙ୍କର ମାତାଙ୍କ ନାମ ମୋନିକା ସାବତ। ତାଙ୍କ ପିତାମହ ପୁରୀ ଜିଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ। କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲାକୁ ଚାଲି ଯାଇଥିଲେ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ଥିଲେ। ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ସାବତ ତାଙ୍କ ମାତାଙ୍କ ସହ ଓଡ଼ିଶା ଫେରି ଆସିଥିଲେ। ସେ ରେଭେନ୍‌ଶା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି. ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ସେ ଯୁଗରେ ନାରୀ ଶିକ୍ଷା ଆଦୌ ନ ଥିଲା। ଏହି ଶିକ୍ଷା ନିମନ୍ତେ ତାଙ୍କ ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂଲିଶ ଓ ବର୍ମାର ଭାଷା ଶିଖିଥିଲେ।

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତଙ୍କ କାବ୍ୟ ଚିନ୍ତନ ଏକ ବିଶିଷ୍ଟ ପର୍ବ, ତାଙ୍କ ଜୀବନର ସ୍ୱଳ୍ପାୟୁଷ ସତ୍ତ୍ୱେ ସେ କେବଳ ଓଡ଼ିଶାର ନୁହନ୍ତି ସମଗ୍ର ଭାରତ ବର୍ଷର ବିପୁଳ ମାନସିକତା ତାଙ୍କଠାରେ ପରିଲକ୍ଷିତ ହେଲାବେଳେ ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲ ମନ୍ଦ, ନାରୀ ଜୀବନର ବିବିଧତା, ସ୍ୱକୀୟ ଜୀବନ ଦର୍ଶନ, ଦେଶପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନର କୁନ୍ତଳା କୁମାରୀ ସାବତଙ୍କ କଥା ଭାଗ ତଥା କଥା ସାହିତ୍ୟ ଯଦି ଦେଖିବା ତା' ସହ କବିତା ପର୍ବ, ଆଧୁନିକ ଓଡ଼ିଆ ସାହିତ୍ୟ ପରିପ୍ରକ୍ଷୀରେ ବେଶ୍ ଉଲ୍ଲେଖନୀୟ ବୋଲି ମନେହୁଅନ୍ତି।



କୁନ୍ତଳା କୁମାରୀ ସାବତଙ୍କ ପ୍ରଥମ କବିତା ହେଉଛି 'ତାରା ପ୍ରତି'। ତାଙ୍କର ଆହୁରି କବିତା ଗୁଡ଼ିକ ହେଲା ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ , ଆହ୍ୱାନ, ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା , ଗଡ଼ଜାତ କୃଷକ, ଶେଫାଳି ପ୍ରତି, କୋଟିକୋଟି କଣ୍ଠେ ଆଜି ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ, ମଣିକାଞ୍ଚନ (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନର ଅସମ୍ପୂର୍ଣ୍ଣ କାବ୍ୟ, ଯାହା ସାହିତ୍ୟିକାଙ୍କ ଜୀବନର ଆଦ୍ୟକାଳରେ ରଚିତ ),ବନଫୁଲ, ଉଦ୍ୟାନକୁସୁମ ଆଦି। ତାଙ୍କ ଲେଖନୀ ନିଃସୃତ ଅଞ୍ଜଳି, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ,ସାଙ୍ଗିତିକତା, ଲାଳିତ୍ୟ, ଚମତ୍କାର ଆବେଗ ପ୍ରବଣତାରେ ଉତ୍ତୋଳିତ କରିଛନ୍ତି ତାଙ୍କ କାବ୍ୟଗୁଡ଼ିକୁ। ତାଙ୍କ ଲେଖନୀ ନିଃସୃତ ଅନ୍ୟ ଏକ ଉଚ୍ଛ୍ୱାସ କବିତା କବିଙ୍କ ପ୍ରକୃତି ପ୍ରୀତ ଦୃଷ୍ଟିଭଙ୍ଗୀକୁ ସମ୍ପ୍ରସାରିତ କରିଛି। ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନରେ ଦେଶାତ୍ମଭାବନାବୋଧରେ ପ୍ରଜ୍ୱଳିତ।

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି 'ଭାରତ ମାତା' କବିତା ଲେଖିଥିଲେ। ଏହି କବିତାରେ ଜାତୀୟତା,ଦେଶପ୍ରୀତିରେ କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି,ତାହାର ନିଦର୍ଶନ ଦେଖିବାକୁ ମିଳେ। ତାଙ୍କର ଅନେକ ଉପନ୍ୟାସ ହେଲା ଭ୍ରାନ୍ତି, ନଅତୁଣ୍ଡୀ,କାଳୀବୋହୂ, ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ ଆଦି। ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭାରତୀ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା। ତାଙ୍କ ଲେଖନୀ ନିଃସୃତ କବିତା-

''ଆହାଃ କି ସୁନ୍ଦର ଶିଶୁ ଭାବନା ବିହୀନ,
ସୁଧାରସ ସିକ୍ତ ତବ ଏ ନବଜୀବନ,
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ,
ଏ ନବଜୀବନେ ନାହିଁ ସଂସାର ଜଞ୍ଜାଳ''

ସେହି ମହୀୟସୀ ମହିଳା ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦୁନିଆ ଛାଡ଼ି ଚାଲିଗଲେ।

ଆଜି ତାଙ୍କର ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ କୋଟି କୋଟି ପ୍ରଣାମ।

ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ: ୬୩୭୦୨୦୮୪୨୮

## ଏଇ ଭାରତରେ

ବେଳେବେଳେ ପିଲାମାନେ ବଞ୍ଚିଥିବାବେଳେ ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବନ୍ତି। ହେଲେ ମୃତ୍ୟୁପରେ ଶୁଦ୍ଧିକର୍ମ କରି ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବାର ଚେଷ୍ଟା କରନ୍ତି। ଠିକ୍ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ ଜିଲା ଲିଧୋରାତାଲ ଗାଁରେ। ଏମିତିକି ଅନ୍ତିମ ସଂସ୍କାରବେଳେ ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଉଠିଥିଲା। ତେଣୁ ଘଟଣାଟି ପୋଲିସ ପାଖରେ ପହଞ୍ଚିଥିଲା। ପ୍ରକୃତ ଘଟଣା ହେଉଛି ଗାଁର ୮୪ ବର୍ଷୀୟ ଧ୍ୟାନୀ ସିଂହ ନିଜ ସାନ ପୁଅ ଦେଶରାଜ ପାଖରେ ରହୁଥିଲେ। ଦୀର୍ଘଦିନ ରୋଗରେ ପୀଡ଼ିତ ହେବା ପରେ ତାଙ୍କର ରବିବାର ମୃତ୍ୟୁ ହୋଇଥିଲା। ମୃତ୍ୟୁପରେ ଅନ୍ତିମ ସଂସ୍କାର ପାଇଁ ଦେଶରାଜ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଶନ ଆସି ଅନ୍ତିମ ସଂସ୍କାର କରିବାକୁ ଦାବି କରିଥିଲେ। ଏଥିପାଇଁ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଶେଷରେ ବାପାଙ୍କ ମୃତଦେହକୁ ଦୁଇଭାଗ କରି ଅନ୍ତିମ ସଂସ୍କାର କରିବା ପାଇଁ ବଡ଼ପୁଅ ଜିଦ୍ କରିଥିଲେ। ଶେଷରେ ଗାଁ ଲୋକଙ୍କ ହସ୍ତକ୍ଷେପ ପରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା। ସମସ୍ତଙ୍କ ସମର୍ଥନରେ ସାନପୁଅ ଅନ୍ତିମ ସଂସ୍କାର କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୬

- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିଟ ଉଇକ ଘଟକଙ୍କ ୫୧ ବର୍ଷ ବୟସରେ ପରଲୋକ।
- ପେସାଦାର ସାମ୍ବାଦିକଙ୍କ ଲାଗି ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.ଜି. ପାଲେକରଙ୍କ ଅଧ୍ୟକ୍ଷତାରେ ୩ୟ ମଜୁରୀବୋର୍ଡ ଗଠିତ।
- ଗୁଏଟମାଲାରେ ଭୟଙ୍କର ଭୂମିକମ୍ପ ଫଳରେ ପ୍ରାୟ ସାଢ଼େ ୬ ହଜାର ଲୋକଙ୍କ ପ୍ରାଣହାନୀ।

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ!
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ

ମହାଶୟ,

ଲିଙ୍ଗରାଜଙ୍କ ସେବକମାନେ ବାରମ୍ବାର ନିଜ ଭିତରେ ବିଭିନ୍ନ ନୀତିକାନ୍ତିକୁ ନେଇ ମତାନ୍ତର ସୃଷ୍ଟିକରାଇ ଠାକୁରଙ୍କ ପୂଜା ବନ୍ଦ କରୁଛନ୍ତି। ଏହା ଭକ୍ତଙ୍କ ମନକୁ ଆଘାତ ଦେଉଛି । ଏଥିପାଇଁ ରାଜ୍ୟ ସରକାର ମନ୍ଦିର ରୀତିନୀତି କିପରି ସୁଚାରୁ ରୂପେ ଚାଲିପାରିବ ତାହା ଉପରେ ପଦକ୍ଷେପ ନେବା ନିହାତି ଜରୁରୀ । ସର୍ବଦା ସେବକଙ୍କ ମଧ୍ୟରେ ତାଳମେଳ ନ ରହିବା ଚିନ୍ତାର ବିଷୟ। ଏହିପରି ଅବସ୍ଥା ଅନେକ ବର୍ଷ ଆଗରୁ ସାକ୍ଷୀଗୋପାଳ ମନ୍ଦିର ସତ୍ୟବାଦୀରେ ସେବକ ଭକ୍ତମାନଙ୍କୁ ଖରାପ ବ୍ୟବହାର ଓ ଜବରଦସ୍ତ ଟଣାଟଣି କରିବା ଦ୍ୱାରା କିଛି ବର୍ଷ ପାଇଁ ସେଠାକୁ କୌଣସି ଯାତ୍ରୀ ଓ ପର୍ଯ୍ୟଟକ ଯିବା କମି ଯାଇଥିଲା। ଠିକ୍ ସେହିପରି ଯଦି ଲିଙ୍ଗରାଜ ମନ୍ଦିରରେ ସେବକମାନେ ଏପରି ଅନେକ ସମୟରେ ନୀତିକାନ୍ତି ବନ୍ଦକରନ୍ତି ଓ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ଉଦ୍ୟମ ନ କରନ୍ତି ତା'ହେଲେ ଏଠାରେ ମଧ୍ୟ ଭକ୍ତ ଓ ପର୍ଯ୍ୟଟକମାନେ ଧୀରେ ଧୀରେ ଆସିବା ବନ୍ଦ କରିପାରନ୍ତି । ଯେଉଁ ସେବକମାନେ ଯେକୌଣସି ମନ୍ଦିରରେ ସେବା ନୀତି ରେ ବ୍ୟାଘାତ ସୃଷ୍ଟିକରି ଭକ୍ତଙ୍କ ମାନସିକତାରେ ଆଘାତ ଦେଉଛନ୍ତି ସେମାନଙ୍କ ଉପରେ କଠୋର ଦଣ୍ଡବିଧାନ ହେବା ଦରକାର। ଯଦିଓ ପୁଣି ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଛି ତେବେ ତାହାର କିଏ ଗ୍ୟାରେଣ୍ଟି ଦେବ ଯେ ଆଉ ଏପରି ସମସ୍ୟା ସୃଷ୍ଟିହୋଇ ନୀତିକାନ୍ତି ବନ୍ଦ ନ ହେବ । ମନେ ରଖିବାକୁ ହେବ ଯେ, ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ଘଟିଲେ ତାହା ଭକ୍ତଙ୍କ ଅଗମନକୁ ପ୍ରଭାବିତ କରିବ।

-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାଘଛାଲ ଜବତ, ୬ ଅଟକ**

ବାରିପଦା,(ନାଲାନ୍ଦି ବିହାରୀ ଦଣ୍ଡପାଟ)/ ଠାକୁରମୁଣ୍ଡା(ତାରାକାନ୍ତ ପଣ୍ଡାଙ୍କ): ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, କରଞ୍ଜିଆ ରେଞ୍ଜ ମୁଣ୍ଡଘାଟ ଗ୍ରାମ ନିକଟ ସାହିରେ ଏକ କଲରାପତରିଆ ବାଘଛାଲ ବିକ୍ରି ନେଇ ଡିଲ୍ ଚାଲିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଚଢ଼ାଉ କରିଥିଲା। ଜବତ ବାଘ ଛାଲଟି ୨/୩ ବର୍ଷର ପୁରୁଣା ହୋଇଥିବା ବେଳେ ଏହା କେବେ ଶିକାର କରାଯାଇଥିଲା ତାହାକୁ ନେଇ ତଦନ୍ତ ଜାରିରହିଛି।



ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

# ୬ ଜଣଙ୍କୁ ଗୋଡ଼ାଇ ହାଣିଲେ

ଗୋଳନ୍ଥରା,୭।୨(ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ୧୬ ନଂ ଜାତୀୟ ରାଜପଥର ଅଚେନାଗର ଓଭରବ୍ରିଜ ଓ ହଳଦିଆପଦରରେ ୩ ଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ୬/୭ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ୪ଟି ଦୋକାନକୁ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେମାନଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଆହତମାନେ ହେଲେ କନିଷ୍ଠିତ ଭାଜପା ପୂର୍ବତନ ମଣ୍ଡଳ ସଭାପତି ସନତ ନାୟକ, କୋଲଥିଆ ସଲିପ ପାତ୍ର, ହଳଦିଆପଦର ଗ୍ରାମର ବାବୁଲା ପାଲ ଓ ସାୟଦ ଉମର ଗୁରୁତର ହୋଇଥିବା ବେଳେ ପୁନ୍ନାଲ ସାମଲ ଓ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅଚେ ନଗର ଓଭରବ୍ରିଜ ତଳେ ଦଲିଲ ଲେଖାଳି କାର୍ଯ୍ୟାଳୟରେ ଭାଜପା ନେତା ସନତ ନାୟକ,ସଲିପ ପାତ୍ର ଓ ପୁନ୍ନାଲ ସାମଲ ବସି କଥା ହେଉଥିବା ବେଳେ ୩ ଜଣ ଯୁବକ ଖଣ୍ଡା ଧରି କାର୍ଯ୍ୟାଳୟ ଭିତରେ ପଶି ସନତ, ସଲିପ ଓ ପୁନ୍ନାଲଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଏଥିସହ ସେମାନେ ଦଲିଲ ଲେଖାଳି କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। କିଛି ସମୟ ଏହି ୩ ଜଣ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ଏହି ସମୟରେ ସେମାନେ ପଥଚାରୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ସେଠାରୁ ଦୁର୍ବୃତ୍ତମାନେ ଚାଲିଯାଇ ହଳଦିଆପଦର ନିକଟରେ ସାୟଦଙ୍କ ଏକ ଚିକେନ ଦୋକାନକୁ ଭାଙ୍ଗି ଦେବା ସହ ଫାଷ୍ଟଫୁଡ ଦୋକାନର ବାବୁଲା ପାଲଙ୍କୁ ହାଣି ଦେଇଥିଲେ। ପରେ ଏକ ଫର୍ନିଚର ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ । ଗୁରୁତର ହୋଇଥିବା ସନତ, ସଲିପ, ସାୟଦ, ବାବୁଲା ଓ ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଗୋଳନ୍ଥରା ଏସ୍ଆଇ ସିଲୁ ଧଳ,ଏଏସ୍ଆଇ ଗୁଣନିଧି ରାଉତ, କୃତ୍ତିବାସ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

# ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ୫ ଗିରଫ

**ପ୍ରକୃତ ଆୟଠାରୁ ୪୧୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ ଶାନ୍ତନୁ**

ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର(ସତ୍ୟଜିତ୍ ରାଉତ), ୭।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସାନ୍ତନୁ ମହାପାତ୍ରଙ୍କୁ ଶୁକ୍ରବାର ଗିରଫ କରିଛି ଭିଜିଲାନ୍ସ। ଠାବ ହୋଇଥିବା ସାନ୍ତନୁଙ୍କ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୪୧୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶାନ୍ତନୁଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲାରେ ଶାନ୍ତନୁଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ସରକାରୀ ଅର୍ଥ ହଡ଼ପ ସହ ଲାଞ୍ଚ ଟଙ୍କା ସଂଗ୍ରହ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସହଯୋଗ କରିଥିବା ଅଭିଯୋଗରେ ଅନ୍ୟ ୪ ସହଯୋଗୀଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି। ସେମାନେ ହେଲେ ଶାନ୍ତନୁଙ୍କ ଅଫିସ୍‌ରେ କାମ କରୁଥିବା କୃଷି ଯନ୍ତ୍ରୀ ମୋହନ ମଣ୍ଡଳ, ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱଜିତ ମଣ୍ଡଳ, ଠିକା କର୍ମଚାରୀ ଅମିୟକାନ୍ତ ସାହୁ ଓ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦରେ ଜନସେବା କେନ୍ଦ୍ର ଚଳାଉଥିବା ଅଲେଖ ପ୍ରଧାନ। ସମସ୍ତ ୫ ଅଭିଯୁକ୍ତଙ୍କୁ ଜୟପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ନେଇ ଖବରଦାତା ସମ୍ମିଳନୀରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠ୍ୱା କହିଛନ୍ତି।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଟାଟା ଏସ୍‌କେ 1613 ଟିପ୍ପର
ଗାଡ଼ି ନଂ. OD07W1896
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 542000.00
2) ମଡେଲ ନଂ. ସିବି_ଏଏଲ୍_ବଡ଼ା_ଦୋସ୍ତ
ଗାଡ଼ି ନଂ. OD02CT3843
ନିର୍ମାଣ ବର୍ଷ - NA
ସଂରକ୍ଷିତ ମୂଲ୍ୟ - 605000.00
3) ମଡେଲ ନଂ. ସିବି_ଟିପ୍ପର_ସିଗ୍ନା_4830_ଟାଟା_ମୋଟର୍ସ
ଗାଡ଼ି ନଂ. OD29L6760
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2865000.00

**ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ"** ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ
କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482



**URGENT REQUIREMENT**
**FIELD SALES EXECUTIVE**
for Pvt. Ltd. Company. Interested candidate with Minimum Qualification of +2 Pass can apply.
**Contact: 9938253167**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 58/ET/SBP/ENGG/2024-25, ତା.03.02.2025ରିଖ

(1) ଇ-ଟେଣ୍ଡର ସଂ.57-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ ଦକ୍ଷିଣ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ୍-ଟିଟିଲାଗଡ଼-ସିଙ୍ଗାପୁର ରୋଡ୍ ସେକ୍ସନରେ ବିଭିନ୍ନ ୟାର୍ଡରେ କ୍ଷତିଗ୍ରସ୍ତ କ୍ରସିଙ୍ଗର ରୋବୋଟିକ୍ ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹72,35,592.00, ବିଡ୍ ସିକ୍ୟୁରିଟୀ : ₹1,44,800/-

(2) ଇ-ଟେଣ୍ଡର ସଂ.40-eT-SDENW-SBP-24
**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ ସମ୍ବଲପୁର ପରିସୀମା ଅଧୀନରେ TSR(S)-3.552 TKM, TBR-4.296 TKM ଏବଂ TFR-20.472 TKM ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,72,00,792.95, ବିଡ୍ ସିକ୍ୟୁରିଟୀ : ₹2,36,100/-

(3) ଇ-ଟେଣ୍ଡର ସଂ.46-eT-DENC-SBP-24
**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ପରିସୀମା ଅଧୀନରେ ସିନିୟର ସେକ୍ସନ ଇଂଜିନିୟର (P.Way)/ସମ୍ବଲପୁର, ସିନିୟର ସେକ୍ସନ ଇଂଜିନିୟର (P.Way)/ବରଗଡ଼ ରୋଡ୍ ଏବଂ ସିନିୟର ସେକ୍ସନ ଇଂଜିନିୟର (P.Way)/ ଲୋଇସିଂହାଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ପ୍ରତ୍ୟେକ ପାଇଁ ଗୋଟିଏ ହିସାବରେ 03 (ତିନି) ଗୋଟି 4.5 MT ଲୋଡିଙ୍ଗ୍ କ୍ଷମତା ବିଶିଷ୍ଟ NON-AC ଟ୍ରକ୍ ଯେପରିକି TATA LPT-613 କିମ୍ବା ଅନୁରୂପ ମଡେଲ ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,03,43,970.00, ବିଡ୍ ସିକ୍ୟୁରିଟୀ : ₹2,01,800/-

(4) ଇ-ଟେଣ୍ଡର ସଂ.23-eT-BRIDGE-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅଧୀନରେ BG ରେଲ୍ ଲାଇନ ପ୍ରକଳ୍ପରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀରର ବଲାଙ୍ଗୀର-ବୌଦ୍ଧ ସେକ୍ସନରେ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପୋଲଗୁଡ଼ିକର ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹42,41,235.97, ବିଡ୍ ସିକ୍ୟୁରିଟୀ : ₹84,900/-

**ଟେଣ୍ଡର ନଥିପତ୍ରର ମୂଲ୍ୟ :** NIL (କ୍ରମ ସଂଖ୍ୟା 1, 2 ଓ 4 ପାଇଁ) ଏବଂ ₹5,900/- (କ୍ରମ ସଂଖ୍ୟା 3 ପାଇଁ)।
**କାର୍ଯ୍ୟ ଶେଷ ହେବା ଅବଧି :** 12 (ବାର) ମାସ (କ୍ରମ ସଂଖ୍ୟା 1, 2 ଓ 4 ପାଇଁ) ଏବଂ 36 (ଛତିଶି) ମାସ (କ୍ରମ ସଂଖ୍ୟା 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 28.02.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-957/P/24-25



See Career Appointment on every Wednesday & Saturday



ସମଗ୍ର ଶିକ୍ଷା Samagra Shiksha

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର - ୭୬୪୦୫୯**
(06858)-222568 (Off), E-mail : dpcnawrangssa.opepa@nic.in

**No.328/Estt./2025** **Date : 07.02.2025**
File No. : (02/1/2025)

**TENDER CALL NOTICE**

Sealed tenders are invited from interested Travel Agencies / Tour Operators or Private Individuals for providing 02 (Two) nos. of vehicles **i.e Mahindra Bolero (Neo)/Mahindra TUV 300/Mahindra Bolero (Models other than Neo) (Diesel/Petrol) with driver** to be engaged in the office of District Project Coordinator, Samagra Shiksha, Nabarangpur on a monthly rental basis. The detailed information for hiring of vehicle on monthly basis has been given in the Tender document which can be downloaded from **www.nabarangpur.odisha.gov.in** OR **www.osepa.odisha.gov.in**. The last date and time for submission of tender document is **25.02.2025 by 5.30 P.M.**

Sd./- Collector-cum-Chairperson, Samagra Shiksha, Nabarangpur



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୦୪, ତାରିଖ: ୦୭।୦୨।୨୦୨୫।

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି। ସମସ୍ତ ଟେଣ୍ଡର **୧୪.୦୦ ଘଟିକାରେ** ବନ୍ଦ ହେବ। **କ୍ର.ସଂ.; ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ ଏବଂ ଇଏମ୍‌ଡି ପରିମାଣ** ନିମ୍ନ ଅନୁଯାୟୀ ହେବ: **୧; ୬୫୨୪୫୦୬୧;** ୦୪।୦୩।୨୦୨୫; ରୋଟାରୀ ସ୍କ୍ରୁ ଇଲେକ୍ଟ୍ରିକାଲ୍ ଡ୍ରିଭେନ୍ ଏୟାର୍ କମ୍ପ୍ରେସର୍ ୫୦୦ ସିଏଫ୍‌ଏମ୍ (ପ୍ରାକ୍ ବିଡ୍ ବୈଠକ ତା୧୭।୦୨।୨୦୨୫ରିଖ, ୧୩.୦୦ ଘଟିକାରେ ପିସିଏମ୍‌ଏମ୍ ସଭାଗୃହ/ଦକ୍ଷିଣ ପୂର୍ବ ରେଳପଥ/ଗାର୍ଡେନ୍ ରିଚ୍/କୋଲକାତା-୪୩ଠାରେ) ; ୦୨ ଗୋଟି ଏବଂ ₹୧,୧୩,୪୦୦ । **୨; ୬୫୨୪୫୦୦୨;** ୨୧।୦୨।୨୦୨୫ ; ହଟ୍ ଏକ୍ସିଲ୍ ଡିଟେକ୍ଟର୍ସ (ଏଚ୍‌ଏବିଡି) ; ୦୯ ଗୋଟି ଏବଂ ₹୧,୦୩,୫୦୦। **୩; ୭୫୨୪୧୭୨୧;** ୦୩।୦୩।୨୦୨୫ ; ଏସ୍‌ସିଏନ୍ କୋଚ୍‌ଗୁଡ଼ିକ ପାଇଁ ୬୦ କିଗ୍ରା/ସିୟୁ.ମିଟରର ଘନତ୍ୱ ସହିତ ସିଟ୍ ଓ ବର୍ଥଗୁଡ଼ିକ ପାଇଁ ଡେନ୍ସିଫାଏଡ୍ ଥର୍ମାଲ୍ ବଣ୍ଡେଡ୍ ପଲିଷ୍ଟର ବ୍ଲକ୍ ଇତ୍ୟାଦି ; ୧୦୦ ସେଟ୍ ଏବଂ ₹୧,୨୮,୪୫୦ । **୪; ୬୫୨୪୫୦୫୨;** ୧୩।୦୩।୨୦୨୫ ; ପାୱାର୍ ପ୍ୟାକ୍ ଇତ୍ୟାଦି ସହିତ ହକ୍ ବୋଲ୍ଟିଂ ମେଶିନ (ପ୍ରାକ୍ ବିଡ୍ ବୈଠକ ତା୧୧।୦୨।୨୦୨୫ରିଖ, ୧୨.୦୦ ଘଟିକାରେ ପିସିଏମ୍‌ଏମ୍ ସଭାଗୃହ/ଦକ୍ଷିଣ ପୂର୍ବ ରେଳପଥ/ଗାର୍ଡେନ୍ ରିଚ୍/କୋଲକାତା-୪୩ଠାରେ) ; ୦୮ ଗୋଟି ଏବଂ ₹୧,୮୭,୪୩୦। **୫; ୨୯୨୪୩୬୭୬;** ୧୭।୦୨।୨୦୨୫; ୱାଇପର ଆର୍ମ ଆସେମ୍ବ୍ଲି କମ୍ପ୍ଲିଟ୍‌ର ସେଟ୍ (ଏଲ୍‌ଏଚ୍ ଓ ଆରଏଚ୍- ପ୍ରତ୍ୟେକ ୦୨ ଗୋଟି) ; ୩୨୦ ସେଟ୍ ଏବଂ ₹୧,୧୩,୨୮୦। **୬; ୧୮୨୪୫୦୦୨;** ୧୯।୦୨।୨୦୨୫ ; ରେଡିଏଟର୍ କୁଲିଂ ଫ୍ୟାନ୍ ୫୪'' ; ୦୮ ଗୋଟି ଏବଂ ₹୧,୬୧,୯୭୦। **୭; ୨୫୨୪୧୧୮୪;** ୨୫।୦୨।୨୦୨୫ ; ଡବ୍ଲ୍ୟୁଏପି୪ ଲୋକୋଗୁଡ଼ିକ ପାଇଁ ସସ୍‌ପେନ୍ସନ୍ ସ୍ପ୍ରିଙ୍ଗସ ସେଟ୍ ; ୧୬ ସେଟ୍ ଏବଂ ₹୧,୫୪,୬୩୦। **୮; ୨୫୨୪୩୫୫୦;** ୨୭।୦୨।୨୦୨୫ ; ପିସି-୮ ଟାଇପ୍ ପ୍ରକାର ସ୍ପେୟାର୍‌ଗୁଡ଼ିକର ସେଟ୍; ୬୧ ସେଟ୍ ଏବଂ ₹୧,୫୮,୧୮୦। **୯; ୨୯୨୪୪୮୫୫;** ୧୭।୦୪।୨୦୨୫ ; ୱାଇଣ୍ଡିଂ ୱାୟାର୍ ଫ୍ଲାଟ୍ ଏଫ୍‌ଆଇ ସିୟୁ ଏଫ୍‌ଓ ୧୩ ସିଆର୍ ସାଇଜ୍ ବେୟାର୍ (୪.୦୦ ମିମି x ୨.୦୦ ମିମି) ; ୪୮୦୦ କିଗ୍ରା ଏବଂ ₹୧,୬୪,୭୭୦। **୧୦; ୩୮୨୫୩୩୪୨;** ୨୭।୦୨।୨୦୨୫ ; ଅପ୍‌ଗ୍ରେଡେଟ୍ ଏଚ୍‌ଟିସିବିସି ପାଇଁ ଶାଙ୍କ୍ ୱେର୍ ପ୍ଲେଟ୍ ସହିତ କପ୍‌ଲର୍ ବଡି ; ୧୫୦୦ ଗୋଟି ଏବଂ ₹୧୨,୦୭,୬୭୦। **୧୧; ଆଇଇ୨୫୫୧୦୬;** ୦୭।୦୩।୨୦୨୫ ; ଏନ୍, ଓ ଏବଂ ଆର୍ ଟାଇପ୍ ପୋର୍ଟାଲ୍ ; ୭୦ ଏମ୍‌ଟି ଏବଂ ₹୧,୨୯,୦୭୦। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-1110)**


# ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ

ଭଦ୍ରକ,୭।୨(ସନାତନ ରାଉତ): ଦମ୍ପତିଙ୍କ ଝଗଡ଼ାରେ ଜଣେ ମହିଳା କନ୍‌ଷ୍ଟେବଲ ମଧ୍ୟସ୍ଥ କରିବା ଏବଂ ସମ୍ପୃକ୍ତ ନିଶାସକ୍ତ ସ୍ୱାମୀଙ୍କୁ ଥାନାକୁ ଉଠାଇ ନେଇ ନିର୍ଘୁମ ମାଡ଼ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଭଦ୍ରକ ଟାଉନ ପୋଲିସକୁ ଅଡ଼ୁଆରେ ପକାଇଛି। ଥାର୍ଡ ଡିଗ୍ରୀର ଶିକାର ହୋଇଥିବା ଯୁବକ ହେଲେ ଗବଷଣା ଜୀବନ ଜେନା। ଥାନାରେ ନିର୍ଘୁମ ମାଡ଼ ମାରିବା ସହ ତରବରିଆ ଭାବେ ରାତିଅଧିଆ ତାଙ୍କ ସ୍ୱାମୀଙ୍କୁ କୋର୍ଟଚାଲାଣ କରାଯାଇଥିବା ଜୀବନଙ୍କ ସ୍ତ୍ରୀ ରୁବିନା ଦାସ ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି। ସୂଚନା ଅନୁଯାୟୀ, ଗତ ୫ ତାରିଖ ଅପରାହ୍ନ ପ୍ରାୟ ୨ଟା ବେଳେ ଭଦ୍ରକ ଟାଉନ ଥାନା ଅଧୀନ ମୋଟେଲ ଛକ ନିକଟରେ ଜୀବନ ନିଶାସକ୍ତ ଥିବାବେଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଗିର୍ଜା ପୋଲିସରେ କାର୍ଯ୍ୟରତ ଜଣେ ମହିଳା କନ୍‌ଷ୍ଟେବଲ ସେମାନଙ୍କ ଝଗଡ଼ାର ସମାଧାନ କରିବାକୁ ପ୍ରୟାସ କରିଥିଲେ। ଏହି ଝଗଡ଼ା ଭିତରେ ଜୀବନ କନ୍‌ଷ୍ଟେବଲଙ୍କୁ ଧକ୍କା ମାରିଥିଲେ। ଏପରିକି ତାଙ୍କ ଉପରକୁ ଇଟା ଉଠାଇଥିଲେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ମହିଳା କନ୍‌ଷ୍ଟେବଲ ଟାଉନ ଥାନାକୁ ସୂଚନା ଦେବା ପରେ ପୋଲିସ ସେଠାରେ ପହଞ୍ଚି ଜୀବନଙ୍କୁ ଥାନାକୁ ନେଇଥିଲା। ଗୁରୁବାର ପୋଲିସ ଜୀବନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ଖବର ପାଇ ତାଙ୍କ ସ୍ତ୍ରୀ ରୁବିନା ଓ ସମ୍ବାଦଦାତାମାନେ ସେଠାରେ ପହଞ୍ଚିଥିଲେ। ଥାନା ଭିତରେ ସିସିକ୍ୟାମେରା ବନ୍ଦ କରି ତାଙ୍କୁ ନିର୍ଘୁମ ମାଡ଼ ମରାଯାଇଥିବା ଜୀବନଙ୍କଠାରୁ ଜାଣିବାକୁ ପାଇଥିଲେ ବୋଲି ରୁବିନା କହିଛନ୍ତି। ଏହାକୁ ନେଇ ଗୁରୁବାର ରାତି ୧୦ଟାରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଜୀବନଙ୍କ ଦେହ ସାରା ମାଡ଼ ଚିହ୍ନ ଥିବା ସମ୍ବାଦଦାତାମାନେ ଦେଖିଥିବା କହିଛନ୍ତି। ତାଙ୍କ ସ୍ୱାମୀଙ୍କୁ ୯ଜଣ ପୋଲିସ କର୍ମଚାରୀ ନିର୍ଘୁମ ମାଡ଼ ମାରିଥିବା ବେଳେ ତରବରିଆ ଭାବେ ରାତିଅଧିଆ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ରୁବିନା ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ସ୍ୱାମୀଙ୍କର କିଛି ହେଲେ ପୋଲିସ ଦାୟୀ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମାଡ଼ମରା ଘଟଣାକୁ ଭଦ୍ରକ ଟାଉନ ପୋଲିସ ପରିଡ଼ା ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସ୍ୱାମୀ ସ୍ତ୍ରୀ ରାସ୍ତାରେ ଝଗଡ଼ା କରୁଥିବା ବେଳେ ମହିଳା କନ୍‌ଷ୍ଟେବଲ ଅର୍ଣ୍ଣା ପୁହାଣ ସାଦା ପୋଷାକରେ ତାଙ୍କ ଝିଅକୁ ନେଇ ସେହି ରାସ୍ତାରେ ଯାଉଥିଲେ। ତାଙ୍କ ଗାଡ଼ିରେ ଏକ ଲୋକ ବାଜିବାରୁ ସେ ଯାଇ ସ୍ୱାମୀ ସ୍ତ୍ରୀ ରାସ୍ତାରେ ଝଗଡ଼ା ଲାଗିବାକୁ ବାରଣ କରିଥିଲେ। ଏଥିରେ ଜୀବନ ଉତ୍ତେଜିତ ହୋଇ ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ. ୮୨/୨୫) ରୁଜୁ କରାଯାଇ ଜୀବନଙ୍କୁ ଗିରଫ କରାଯାଇଛି। ଡାକ୍ତରୀ ରିପୋର୍ଟରେ ସେ ସୁସ୍ଥ ଥିବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି। ଜୀବନଙ୍କ ସ୍ତ୍ରୀ ଏକ ଲିଖିତ ଅଭିଯୋଗ କରିଥିବା ସହ ... ସ୍ୱୀକାର କରିଛନ୍ତି।

# ସିକ୍ୟୁରିଟି ସଂସ୍ଥା କର୍ମଚାରୀଙ୍କଠାରୁ ୨.୫ ଲକ୍ଷ ଝାମ୍ପିନେଲେ

ଭୁବନେଶ୍ୱର,୭।୨(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱରରେ ଲୁଟେରାମାନେ ଆତଙ୍କ ଖେଳାଇଛନ୍ତି। ସ୍ପଷ୍ଟ ଦିବାଲୋକରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ସିକ୍ୟୁରିଟି ସଂସ୍ଥାର କର୍ମଚାରୀଙ୍କଠାରୁ ଶୁକ୍ରବାର ୨.୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଲୁଟେରା। ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଶିଶିର ମହାପାତ୍ର। ପୁଅ ପାଠପଢ଼ା ଖର୍ଚ୍ଚ ସହ ବ୍ୟକ୍ତିଗତ ଆବଶ୍ୟକତା ପାଇଁ ଇନ୍‌ଫୋସିଟି ଏସ୍‌ବିଆଇ ବ୍ରାଞ୍ଚରୁ ଅଢ଼େଇ ଲକ୍ଷ ଟଙ୍କା ଉଠାଇ ଚାକିରି କରୁଥିବା ଅଫିସ କ୍ୟାମ୍ପସକୁ ଫେରୁଥିବା ବେଳେ କେତେଜଣ ଲୁଟେରାମାନେ ପଛରୁ ଆସି ଏହି କାଣ୍ଡ ଘଟାଇଛନ୍ତି। ଘଟଣା ସମ୍ପର୍କରେ ଶିଶିର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ଦୁଇଜଣ ହେଲ୍‌ମେଟ୍ ପିନ୍ଧା ଲୁଟେରା ପଲସରରେ ଆସି ତାଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ନେଇଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସିସିଟିଭିରେ ମଧ୍ୟ ଲୁଟ୍ କେବଳ ଦୃଶ୍ୟ କଏଦ ହୋଇଛି। ଲୁଟେରାମାନେ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇନେବା ପରେ ଶିଶିର ତାଙ୍କ ପଛରେ ଦୌଡ଼ୁଥିବା ଦେଖିବାକୁ ମିଳିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ ଆଧାରରେ ଗାଡ଼ି ଚିହ୍ନଟ କରି ଧରିବାକୁ ଉଦ୍ୟମ ଚଳାଇଛି।

# ଚାଷୀଙ୍କୁ ସମବାୟ ସମିତି ସଭାପତିଙ୍କ ମାଡ଼ ଅଭିଯୋଗ

ଆନନ୍ଦପୁର,୭।୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଶାଳବେଡ଼ ସମବାୟ ସମିତିରେ ଗୁରୁବାର ସନ୍ଧ୍ୟାରେ ଚାଷୀଙ୍କୁ ସଭାପତି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ରାମଚନ୍ଦ୍ରପୁର ଥାନା ଶାଳବେଡ଼ ଗାଁର ଚାଷୀ ଅନିରୁଦ୍ଧ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅନିରୁଦ୍ଧ ନିଜର ଧାନ ବିକ୍ରି ପାଇଁ ସମବାୟ ସମିତିରେ ରେଜିଷ୍ଟ୍ରେସନ କରିଥିଲେ। ସେ ଫେବୃଆରୀ ୭ରେ ତାଙ୍କର ଧାନ ଦେବାର ଶେଷ ଦିନ ଥିବା ଟୋକନ ପାଇଥିଲେ। ଏ ସମ୍ପର୍କରେ ବୁଝିବା ପାଇଁ ଶାଳବେଡ଼ ସମବାୟ ସମିତିକୁ ଯାଇଥିଲେ। ସେଠାରେ ସଭାପତିଙ୍କ ସହିତ ପ୍ରଥମେ ବଚସା ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଘଟଣାର ସତ୍ୟତା ନେଇ ସମବାୟ ସଭାପତି ରଞ୍ଜନ କୁମାର ବେହେରା ପ୍ରକାଶ କରିବା ସହିତ ଅନିରୁଦ୍ଧ ନିଶାରେ ଆସି ସମସ୍ତଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି।


**SRI SRI NRUSINGHANATH TEMPLE**
Index No. 1406/8NS, At: Durgapali, P.O.: Paikmal, Dist.: Bargarh, Ph.: 7683834862
Web: www.nrusinghanathtemple.in, e-mail Id: srisrinrusinghanathtemple@gmail.com
Letter No. 21/5 Date: 04.02.25

**ଇସ୍ତାହାର**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନ କାର୍ଯ୍ୟସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଅଧୀନସ୍ଥ ନଡ଼ିଆ ଭୋଗ ଦୋକାନ, ଅସ୍ଥି ପ୍ରବାହ ଘାଟ, ଚୂଡ଼ାକରଣ ମଣ୍ଡପ, ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ, ଶୌଚାଳୟ ଆଦିକୁ ସ୍ନ ୨୦୨୫-୨୦୨୬ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମରେ ଦେବା ପାଇଁ ସ୍ଥିରୀକୃତ ହୋଇଅଛି। ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା୨୦।୦୨।୨୦୨୫ରିଖ ଗୁରୁବାର ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ଅମାନତ ଟଙ୍କା ସମ୍ପୃକ୍ତ ଟେଣ୍ଡର ଅଧିକାରୀଙ୍କଠାରେ ଜମା ଦେଇ ରସିଦ ଗ୍ରହଣ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ। ଅମାନତ ଜମାକାରୀ ତା୨୦।୦୨।୨୦୨୫ରିଖ ଦିନ ସକାଳ ୧୦ଘଟିକାରୁ ୬ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟକୁ ସିଲ୍ କରି ଟେଣ୍ଡର ଅଧିକାରୀଙ୍କଠାରେ ଜମା ଦେବେ। ତା୨୧।୦୨।୨୦୨୫ ଶୁକ୍ରବାର ଦିନ ୧୧ଘଟିକାରେ ଟେଣ୍ଡର ଗ୍ରହଣକାରୀ ଓ ନିଲାମ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ସର୍ବୋଚ୍ଚ ଡାକଥିବା ବ୍ୟକ୍ତିଙ୍କୁ ଦିଆଯିବ। ନିଲାମର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବସାଇଟ୍ **https://nrusinghanathtemple.in/tender/**ରେ ଦେଖନ୍ତୁ। ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ.୫,୦୦୦/-ରେ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟାଳୟରୁ କ୍ରୟ କରି ଟେଣ୍ଡର ପକାଇ ପାରିବେ।

| କ୍ର.ନଂ. | ସମ୍ପତ୍ତିର ନାମ | ସମ୍ପତ୍ତିର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | ନଡ଼ିଆ ଓ ଶୃଙ୍ଖଳା ଭୋଗ ଦୋକାନ | ଟ.୩୯,୭୧,୦୦୦.୦୦ | ଟ.୧୧,୯୧,୩୦୦.୦୦ |
| ୨ | ଅସ୍ଥି ପ୍ରବାହ ଘାଟ | ଟ.୩୧,୯୦,୦୦୦.୦୦ | ଟ.୯,୫୭,୦୦୦.୦୦ |
| ୩ | ଚୂଡ଼ା କରଣ ମଣ୍ଡପ | ଟ.୨୪,୨୦,୦୦୦.୦୦ | ଟ.୭,୨୬,୦୦୦.୦୦ |
| ୪ | ଗାଡ଼ି ପାର୍କିଂ | ଟ.୧୯,୮୦,୦୦୦.୦୦ | ଟ.୫,୯୪,୦୦୦.୦୦ |
| ୫ | ମୋଟର ସାଇକେଲ ଷ୍ଟାଣ୍ଡ | ଟ.୪,୪୦,୦୦୦.୦୦ | ଟ.୧,୩୨,୦୦୦.୦୦ |
| ୬ | ଜୋତା ଷ୍ଟାଣ୍ଡ | ଟ.୧,୪୮,୫୦୦.୦୦ | ଟ.୪୪,୫୫୦.୦୦ |
| ୭ | ଶୌଚାଳୟ | ଟ.୬୦,୦୦୦.୦୦ | ଟ.୧୮,୦୦୦.୦୦ |

ଏ.ବି.ଡି.ଓ. ପାଇକମାଳ ତଥା
ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୬୫୮ ତାରିଖ:- ୧୩।୦୧।୨୦୨୫

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୩୪୪୭୦୭ | ୟୁ୯୨୪୧୦ଓଆର୍୨୦୨୨ପିଟିସି୦୪୦୮୩୨ | କମିକ୍‌ଡେ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୨୪୪୨୮୨ | ୟୁ୦୧୧୦୦ଓଆର୍୨୦୧୬ପିଟିସି୦୨୫୮୧୭ | ସ୍ୱର୍ଣ୍ଣାଦ୍ରି କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୨୩୩୩୯୦ | ୟୁ୮୫୧୦୦ଓଆର୍୨୦୨୨ପିଟିସି୦୩୯୧୮୩ | ବାଲ୍ୟା ନଭାରିଥି ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏବି୨୧୭୭୭୩୪ | ୟୁ୧୩୧୩୯ଓଡି୨୦୨୪ପିଟିସି୦୪୫୬୬୪ | ତୋଷାଳି ଟେକ୍ସଟାଇଲ୍ସ ଆଣ୍ଡ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୨୨୨୮୫୩୨ | ୟୁ୬୨୦୯୧ଓଡି୨୦୨୪ପିଟିସି୦୪୬୭୩୪ | ଟେକ୍ନିଭୋ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ି)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନ୍‌କୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍ଫାନ ଟିର୍କୀ, ସହକାରୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0717/2425



HDFC BANK We understand your world

**AUCTION SALE NOTICE**

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 17-Feb-2025 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75433144 | BISWAJIT ROUT | 1308400 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 75572255 | ARUP RANJAN DHAR | 212400 | |
| 3 | 74695969 | LILI PANI | 22800 | HDFC BANK LTD, A/621, UNIT 8, NAYAPALLI, BHUBANESWAR-751012 |
| 4 | 74666192 | SURENDRA PRADHAN | 61200 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 74690864 | HEMANTA KUMAR GOCHHAYAT | 57200 | |
| 6 | 74677003 | ASHUTOSH PRADHAN | 24700 | |
| 7 | 74714659 | DIPANKAR PARIDA | 65000 | HDFC BANK LTD, BAJRAKABATI ROAD, CUTTACK-753001 |
| 8 | 74693993 | BHABANI SHANKAR PANDA | 38400 | |
| 9 | 74466160 | MOHAN NAIK | 13400 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 10 | 75279197 | DIPAK GOCHHAYAT | 97400 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 11 | 75057475 | ASISH KUMAR SWAIN | 70050 | |
| 12 | 75369329 | CHINMAYEE PANDA | 217000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 13 | 74703130 | SHIVA SANKAR KHADANGA | 31000 | |
| 14 | 75449164 | DHABALESWAR ROUT | 22800 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 15 | 74697136 | JUNAID IQBAL KHAN | 18200 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 16 | 73848301 | SHREEGANESH PARBHUPADA DHAL | 69600 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 17 | 74815495 | MANDAKINI NAIK | 34500 | |
| 18 | 73917135 | SUJITNARAYAN SINGH SAMANTA | 70900 | HDFC BANK LTD, CHANDVALI CHOWK, ATHGARH-754029 |
| 19 | 75520905 | BIRANCHI NARAYAN MANDHATA | 34000 | |
| 20 | 74677484 | SANJAY KUMAR HEMBRAM | 55000 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 21 | 75423140 | SK AZHAR UDDIN | 281100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 22 | 75073691 | RASHMI REKHA SAHOO | 113500 | |
| 23 | 75600175 | SWARAJ PRADHAN | 86300 | |
| 24 | 75414864 | SAMYARANJAN GURU | 67800 | |
| 25 | 75517963 | GOPAKISAN DAS | 62100 | |
| 26 | 75262641 | MADHUSMITA MAHARANA | 38500 | |
| 27 | 75206738 | RAJESH JENA | 21100 | |
| 28 | 73327779 | SANJIT KUMAR SHI | 138377 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 29 | 75271241 | ANANT KUMAR JAISWAL | 138200 | |
| 30 | 74680617 | ARUN KUMAR SAH | 51900 | |
| 31 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 32 | 74553081 | MANOJ NAYAK | 19500 | |
| 33 | 74464271 | ANIL KUMAR MALLICK | 14200 | |
| 34 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 35 | 75323659 | K PRAVEEN KUMAR | 238700 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 36 | 74681541 | P RAMESH PATRA | 41000 | |
| 37 | 74695102 | SRIDHAR SAHU | 20000 | |
| 38 | 75268484 | MITHUN GOUDA | 65000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 39 | 75604262 | SUSANTA BISOYEE | 33000 | |
| 40 | 75644921 | TARINI PRASHAD NISANKA | 422100 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 41 | 75661846 | ARUN KUMAR BUDUBADE | 189900 | |
| 42 | 75254502 | KHIROD SINGH BHAKUNI | 79700 | |
| 43 | 74653156 | DILIP DHALI | 76500 | |
| 44 | 75263031 | SANKAR SARKAR | 51200 | |
| 45 | 74415414 | SRIMANTA MAITY | 49800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 46 | 463185757 | RAJESWARI SAHU | 190000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 47 | 75410140 | BIPIN BIHARI DAS | 65000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 48 | 75250532 | RANITA MOHANTY | 208600 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 49 | 75303844 | RANITA MOHANTY | 132200 | |
| 50 | 74687148 | KASHINATH MAHAPATRA | 20000 | |
| 51 | 74571261 | AJAYA KUMAR SAHOO | 30000 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 52 | 74675375 | RAJALAXMI PARIDA | 23000 | |
| 53 | 74709075 | RAJALAXMI PARIDA | 23000 | |
| 54 | 74669391 | PRADIPTA KISHORE BEHERA | 13400 | |
| 55 | 74690226 | AJIT KUMAR PRADHAN | 13200 | |
| 56 | 75559242 | PRAFULLA KUMAR SABAR | 50400 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 57 | 74497679 | AKRAM KHAN | 35700 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 58 | 74662107 | ANANDA CHANDRA MOHANTA | 26000 | |
| 59 | 75400813 | MANASI MALIK | 24800 | |
| 60 | 75032664 | SONALIKA PATTANAYAK | 24800 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 61 | 74677121 | SURATHA SWAIN | 35000 | HDFC BANK LTD, MAHIPAL, KENDRAPARA-754211 |
| 62 | 74711736 | KHELA SWAIN | 58000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 63 | 75404195 | KRUSHNA MAHANTY | 252000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 64 | 74523329 | VJAGADISH KUMAR RAO | 24900 | |
| 65 | 74658168 | SANTOSH KUMAR SAHU | 11300 | |
| 66 | 75418086 | SUSANT KUMAR BEHERA | 82000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 67 | 74707493 | JITU PALEI | 36000 | |
| 68 | 74689955 | BINAYANANDA PRAMANIK | 16900 | HDFC BANK LTD, MAIN ROAD, RAMCHANDRAPUR BAZAR, JATANI, KHURDA-752050 |
| 69 | 75358673 | SARIYAPALLI NEELAVENI | 310000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 70 | 75601896 | RANJIT KUMAR KHORA | 57200 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 71 | 74552741 | RANJIT KUMAR KHORA | 46100 | |
| 72 | 75503583 | JAPESWR ROUT | 46800 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 73 | 75529404 | KABITA BAG | 15000 | |
| 74 | 75564684 | ASWINI KUMAR JENA | 282900 | HDFC BANK LTD, NEAR R.T.O OFFICE, N.H-26, KORAPUT-764020 |
| 75 | 74710646 | RAJESH KHILLO | 71400 | |
| 76 | 74702997 | SUSMITA RANI KULADIP | 16500 | |
| 77 | 75278357 | DIPMALA HALDER | 73200 | HDFC BANK LTD, NUAPADA CHHAK, CUTTACK, ODISHA-753010 |
| 78 | 75632691 | MINATI BINDHANI | 15400 | |
| 79 | 73310528 | KANHU SAHOO | 82000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 80 | 74694346 | RABINDRANATH BEHERA | 60000 | |
| 81 | 75605293 | DEEPANJIL MAHAPATRA | 47500 | |
| 82 | 74305791 | SOUBHAGYA MOHANTY | 95800 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 83 | 74041797 | SOUBHAGYA MOHANTY | 72000 | |
| 84 | 74502237 | PRADYUMNA KUMAR SARANGI | 204000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 85 | 75178821 | MUKUNDA PRASAD JENA | 108000 | |
| 86 | 74686538 | JITU NAYAK | 38800 | |
| 87 | 75249780 | SUSANTA KUMAR SWAIN | 188700 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 88 | 73322708 | CHINTALA ASHOK SAIBABU | 179600 | |
| 89 | 75554529 | AMARENDRA SETHY | 47900 | |
| 90 | 74666545 | KUSUMA LENKA | 43000 | |
| 91 | 74716492 | SAMIR BEHERA | 42900 | |
| 92 | 74679269 | RASMITA SWAIN | 35000 | |
| 93 | 74661670 | SAMIR BEHERA | 29000 | |
| 94 | 75463817 | SHAHENAAAZ BEGUM | 175000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 95 | 75244348 | G KAMALA RAO | 65200 | |
| 96 | 74673467 | ANIRBAN DAS | 18000 | |
| 97 | 75281258 | DIBYALOCHAN BEHERA | 66500 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 98 | 75177399 | RUDRA PRASANNA JENA | 23600 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 99 | 75372067 | RUDRA PRASANNA JENA | 14500 | |
| 100 | 463388045 | SOMYARANJAN SAHU | 62000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 101 | 75586292 | NILESH KUMAR SAHOO | 212000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 102 | 74098637 | BHUPEN KUMAR SAHOO | 685000 | HDFC BANK LTD, PLOT NO-3565, PALASUNI, RASULGARH, BHUBANESWAR-751010 |
| 103 | 75284219 | SAMIRAN DASH | 197600 | HDFC BANK LTD, PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001 |
| 104 | 75357538 | SUNIL GOUDA | 50000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 105 | 75536574 | SHREEMANTA BEHERA | 209000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 106 | 75582281 | JYOTIRANJAN SAHOO | 69200 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 107 | 74682528 | AJIT KUMAR GUPTA | 153000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 108 | 74679349 | MALATI BARIHA | 29900 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 109 | 75615091 | MANAS RANJAN PRADHAN | 577100 | HDFC BANK LTD, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 110 | 74519691 | EKALABYA KARUAN | 36100 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 111 | 75481753 | SAGARIKA SINGH | 104700 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 112 | 75174380 | GOLAKHA CH MALIK | 67700 | |
| 113 | 75586526 | MIRZA YASIN BEG | 44000 | |
| 114 | 75401933 | NIBEDITA PARIDA | 78000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 115 | 74664109 | DIPTI RANJAN SETHI | 57500 | |
| 116 | 74699500 | JYOTI RANJAN SETHY | 52300 | |
| 117 | 75189481 | MINATI BARIK | 59000 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 118 | 75480142 | RATNAMALA MAHARANA | 41500 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 119 | 75552160 | KRUSHNACHANDRA RAY | 54000 | HDFC BANK LTD, VIP PLAZA, VIP ROAD, PURI-752001 |
| 120 | 74675517 | SANTOSH KUMAR PRADHAN | 30200 | |
| 121 | 74564173 | KUSUM YADAV | 70500 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 122 | 74690975 | BHUPENDRA KUMAR RAUT | 49600 | |
| 123 | 75281360 | SIDDHANTA TANDI | 109300 | HDFC BANK LTD. NEAR SWAYAM SIDDHA MARRIAGE HALL, OLD NH-6, BHATLI CHOWK, BARGARH-768028 |
| 124 | 5020008 0029599 | KAIBALYA PRASAD PADHY | 923531 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 125 | 5020003 1377089 | PRATAP CHANDRA MISHRA | 718101 | HDFC BANK LTD, BAJRAKABATI ROAD, CUTTACK-753001 |
| 126 | 75682520 | URBASHI PANDA | 662200 | HDFC BANK LTD, PLOT NO - E/11, KOEL NAGAR, ROURKELA, SUNDARGARH-769014 |
| 127 | 74868454 | RAMRATAN SANGHAI | 570000 | HDFC BANK LTD, DURGA COMPLEX, JHARSUGUDA-768201 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 08/02/2025,
Place : ODISHA

Sd/- Authorized Officer, HDFC BANK LTD.

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ Bhubaneswar, Saturday, February 8/ 2025








ବାରବାଟୀ ଷ୍ଟାଡିୟମ୍‌ରେ ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ବାମରୁ ଇଂଲଣ୍ଡର ଫିଲ୍ ସଲ୍ଟ, ବେନ୍ ଡକେଟ ଓ ଭାରତର ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା ଓ ଯଶସ୍ୱୀ ଜୟସ୍ୱାଲ। (ଫଟୋ: ବିକାଶ ନାୟକ)

# ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ହେବ ଭାରତ-ଇଂଲଣ୍ଡ ଦିବାରାତ୍ର ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜର ଏହା ହେବ ଦ୍ୱିତୀୟ ଗେମ୍। ଗୁରୁବାର ନାଗପୁରରେ ପ୍ରଥମ ଦିନିକିଆ ଖେଳିବା ପରେ ଉଭୟ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଦଳ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଉଭୟ ଦଳକୁ ସ୍ୱାଗତ କରାଯାଇଛି। ସନ୍ଧ୍ୟା ୭ଟା ୪୦ ମିନିଟରେ ଭାରତ ଓ ଇଂଲଣ୍ଡ ଦଳ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୨ଟି ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମେ ଫେୟାର ହୋଟେଲକୁ ଅଣାଯାଇଛି। ଉଭୟ ଦଳର ଖେଳାଳି ବିମାନବନ୍ଦର ଭିତରୁ ବସ୍‌ଯୋଗେ ବାହାରକୁ ଆସିଥିଲେ। ତେବେ କ୍ରିକେଟ ପାଇଁ ପାଗଳ ପ୍ରାୟ ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଖେଳାଳିଙ୍କ ଟିକେ ଝଲକ ପାଇବା ପାଇଁ ବିମାନ ବନ୍ଦରଠାରୁ ଆରମ୍ଭ କରି ବିଭିନ୍ନ ଛକରେ ରାସ୍ତାର ଦୁଇପାର୍ଶ୍ୱ ଏବଂ ମେ ଫେୟାର ହୋଟେଲ ନିକଟରେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ମ୍ୟାଚକୁ ସଫଳତାର ସହ ଆୟୋଜନ ପାଇଁ ସରକାରୀ ସ୍ତରରୁ ଆରମ୍ଭ କରି ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଟୁଇନ୍ ସିଟିର ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ମ୍ୟାଚକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି।



ଖେଳାଳିମାନେ ଆସିବା ପୂର୍ବରୁ ମେ'ଫେୟାର ହୋଟେଲ ବାହାରେ ଉପସ୍ଥିତ କ୍ରିକେଟପ୍ରେମୀ।

## ଅଭ୍ୟାସ କରିବନି ଇଂଲଣ୍ଡ

ଭାରତୀୟ ଖେଳାଳି ଶୁକ୍ରବାର ହୋଟେଲରେ ବିଶ୍ରାମ ନେବାପରେ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଯିବେ। ଟିମ୍ ବସ୍ ମେ'ଫେୟାରରୁ ବାହାରି ଜାତୀୟ ରାଜପଥ ୧୬ ରସୁଲଗଡ ଦେଇ କଟକ ବାରବାଟୀ ଯିବାକୁ ରୁଟ ଲାଇନ ପ୍ରସ୍ତୁତ ହୋଇଛି। ଇଂଲଣ୍ଡ ଦଳ ଅଭ୍ୟାସ ପାଇଁ ବାରବାଟୀ ଯିବନାହିଁ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅଭ୍ୟାସ କରିବ ଟିମ୍ ଇଣ୍ଡିଆ। ୫ଟା ୧୫ରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚରେ ଭାରତ ବିଜୟୀ ହୋଇଥିବାରୁ ଏଠାରେ ସେହି ପ୍ରଦର୍ଶନ ଦୋହରାଇ ସିରିଜ ବିଜୟୀ ହେବାକୁ ଚେଷ୍ଟା କରିବ। ଅନ୍ୟପକ୍ଷରେ ନାଗପୁର ପରାଜୟର କାରଣ ଖୋଜି ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବ ଇଂଲଣ୍ଡ। ଏଥିପାଇଁ ସେମାନେ ଏହି ନେଟ୍ସରେ ହିଁ ନିଜର ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପଦେବେ।

## ବାରବାଟୀରେ ଦିନିକିଆ

■ ଶୁକ୍ରବାର ପହଞ୍ଚିଲା ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଦଳ

# କୋହଲିଙ୍କୁ ନେଇ ଆଶା ଓ ଆଶଙ୍କାରେ କ୍ରିକେଟପ୍ରେମୀ



ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟରେ ସମ୍ପ୍ରତି କିଙ୍ଗ୍ କୋହଲି କ୍ରେଜ୍ କାହାକୁ ଅଛପା ନୁହେଁ। ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ବକ୍ସ ଅଫିସ ଟିକେଟ ୫ ତାରିଖରେ ଗୋଟିଏ ଦିନରେ ବିକ୍ରି ହୋଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖ ପୂର୍ବାହ୍ନରୁ ଅନେକ କ୍ରିକେଟପ୍ରେମୀ ଟିକେଟ କିଣିବା ପାଇଁ ଷ୍ଟାଡିୟମ ନିକଟରେ ପହଞ୍ଚି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ବିଶେଷ କରି ଯୁବ ଦର୍ଶକମାନେ ଗୋଟିଏ କଥା କହିଥିଲେ ଯେ, ସେମାନେ ବିରାଟ କୋହଲି ପ୍ରଶଂସକ ଓ ତାଙ୍କ ଖେଳ ଦେଖିବାପାଇଁ ଟିକେଟ କିଣିବାକୁ ଚାହୁଁଛନ୍ତି। କ୍ୟାରିୟରର ଶେଷ ପର୍ଯ୍ୟାୟ ଦେଇ ଗତି କରୁଥିବାରୁ ବାରବାଟୀ ଷ୍ଟାଡିୟମରେ କୋହଲିଙ୍କର ଏହା ସମ୍ଭବତଃ ଶେଷ ମ୍ୟାଚ ବୋଲି ଦର୍ଶକ ଭାବି ନେଇଛନ୍ତି। କାରଣ ନିକଟ ଭବିଷ୍ୟତରେ ଯଦିଓ ବାରବାଟୀକୁ ଟି୨୦ ମ୍ୟାଚ ମିଳେ ତେବେ ସେହି ଫର୍ମାଟରୁ କୋହଲି ଅବସର ନେଇ ସାରିଛନ୍ତି। ଦୀର୍ଘ ୫ ବର୍ଷ ବ୍ୟବଧାନରେ ବାରବାଟୀକୁ ଦିନିକିଆ ଫେରିବାକୁ ଯାଉଛି। ଗତ ୬ ତାରିଖରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ଦିନିକିଆର ଟସ୍ ପରେ କୋହଲି ଖେଳିବେ ନାହିଁ ବୋଲି ଅଧିନାୟକ ରୋହିତ ଶର୍ମା ସ୍ପଷ୍ଟ କରିବାପରେ ତାଙ୍କ ପ୍ରଶଂସକମାନେ ନିରାଶ ହୋଇଥିଲେ। ଆଣ୍ଠୁରେ ଆଘାତ ଜନିତ ସମସ୍ୟା ଯୋଗୁ ସେ ଖେଳିବା ସମ୍ଭବ ହୋଇ ନ ଥିଲା। ଏବେ ସେ କେତେ ଫିଟ୍ ଅଛନ୍ତି ଏବଂ ବାରବାଟୀରେ ଖେଳିବେ କି ନାହିଁ ତାହାକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି ଓଡ଼ିଶା କ୍ରିକେଟପ୍ରେମୀ। ତାଙ୍କର ଆହତ ସମସ୍ୟା ସେତେ ଗମ୍ଭୀର ନୁହେଁ ବୋଲି ପ୍ରକାଶ କରାଯିବା ସତ୍ତ୍ୱେ ଆଶ୍ୱସ୍ତ ହୋଇ ପାରୁନାହାନ୍ତି ତାଙ୍କର ଅଗଣିତ ସମର୍ଥକ। ଏଭଳି ଏକ ସମୟରେ କୋହଲିଙ୍କ ଫିଟ୍‌ନେସକୁ ନେଇ ଭୟ କରିବାର କିଛି କାରଣ ନାହିଁ ବୋଲି ଉପ-ଅଧିନାୟକ ଶୁବମନ ଗିଲ୍ ସ୍ପଷ୍ଟ କରିଛନ୍ତି। ସେ ସୁସ୍ଥ ହେଉଛନ୍ତି ଏବଂ ସମ୍ଭବତଃ ଦ୍ୱିତୀୟ ଦିନିକିଆ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ଗିଲ୍ ଆଶାବ୍ୟକ୍ତ କରିଛନ୍ତି। ଡିଜ୍‌ନି-ହଟ୍‌ଷ୍ଟାରକୁ ଗିଲ୍ କହିଛନ୍ତି ଯେ, କୋହଲିଙ୍କ ଆହତ ସମସ୍ୟା ଗୁରୁତର ନୁହେଁ। ବୁଧବାର ଅଭ୍ୟାସ ସମୟରେ ସେ କିଛି ଅସୁବିଧା ଅନୁଭବ କରି ନ ଥିଲେ। ମାତ୍ର ଗୁରୁବାର ସକାଳେ ତାଙ୍କ ଡାହାଣ ଆଣ୍ଠୁ ସାମାନ୍ୟ ଫୁଲି ଯାଇଥିଲା। ଏବେ ଠିକ୍ ଅଛନ୍ତି ଏବଂ ଦ୍ୱିତୀୟ ଦିନିକିଆରେ ସମ୍ଭବତଃ ଖେଳିବେ।

# ରେକର୍ଡ: ଭାରତ ୩, ଇଂଲଣ୍ଡ ୨

ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

ବାରବାଟୀରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ୫ଟି ମ୍ୟାଚରେ ଭେଟି ସାରିଛନ୍ତି। ଏଥିରୁ ଭାରତ ୩ଟି ଏବଂ ଇଂଲଣ୍ଡ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ତେଣୁ ଆଗାମୀ ମ୍ୟାଚ ହେବ ଉଭୟଙ୍କ ମଧ୍ୟରେ ୬ଷ୍ଠ ମୁକାବିଲା। ୧୯୮୨ ଜାନୁଆରୀ ୨୭ରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତ ୫ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପରେ ୧୯୮୪ ଡିସେମ୍ବର ୨୭ ଇଂଲଣ୍ଡ ୧ ରନ୍‌ରେ ବିଜୟ ହାସଲ କରି ପରାଜୟର ପ୍ରତିଶୋଧ ନେଇଥିଲା। ପରବର୍ତ୍ତୀ ୨୦୦୨ ଜାନୁଆରୀ ୨୨ରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ ଇଂଲଣ୍ଡ ୧୬ ରନ୍‌ରେ ଭାରତକୁ ହରାଇ ଦେଇଥିଲା। ତେବେ ଶେଷ ଦୁଇ ମ୍ୟାଚରେ ଭାରତ ବିଜୟ ହାସଲ କରି ଆଗରେ ରହିଛି। ୨୦୦୮ ନଭେମ୍ବର ୨୬ରେ ଭାରତ ୬ ଉଇକେଟରେ ଏବଂ ୨୦୧୭ ଜାନୁଆରୀ ୧୯ରେ ୧୫ ରନ୍‌ରେ ବିଜୟ ହାସଲ କରିଥିଲା। ସୂଚନାଯୋଗ୍ୟ ଯେ, ଦିନିକିଆ ବିଶ୍ୱକପର ଏକ ମ୍ୟାଚ ୧୯୮୯ ଅକ୍ଟୋବର ୨୨ରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା। ତେଣୁ ଓଭରଅଲ୍ ଦେଖିବାକୁ ଗଲେ ବାରବାଟୀରେ ଇଂଲଣ୍ଡର ବିଜୟ/ପରାଜୟ ରେକର୍ଡ ୩-୩ ରହିଛି।

ଓଭରଅଲ୍ ବାରବାଟୀରେ ଭାରତ ସର୍ବାଧିକ ୧୭ଟି ମ୍ୟାଚ ଖେଳିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷ ଗୋଟିଏ ମ୍ୟାଚ ବର୍ଷାରେ ଧୋଇଯାଇଛି। ଦ୍ୱିତୀୟ ସ୍ଥାନରେ ରହିଛି ଇଂଲଣ୍ଡ। ଏହି ଦଳ ଭାରତ ବିପକ୍ଷରେ ୫ଟି ଓ ପାକିସ୍ତାନ ବିପକ୍ଷରେ ଗୋଟିଏ ଏହିପରି ମୋଟ ୬ଟି ମ୍ୟାଚ ଖେଳିଛି। ୱେଷ୍ଟଇଣ୍ଡିଜ ୪ଟି, ଶ୍ରୀଲଙ୍କା ଓ ଜିମ୍ବାୱେ ୩ଟି ଲେଖାଏ ଏବଂ ନ୍ୟୁଜିଲାଣ୍ଡ ୨ଟି ମ୍ୟାଚ ଖେଳିଛି। ଅଷ୍ଟ୍ରେଲିଆ, କେନିୟା ଓ ପାକିସ୍ତାନ ଗୋଟିଏ ଲେଖାଏ ମ୍ୟାଚ ଖେଳିଛି।

### ବାରବାଟୀରେ କେଉଁ ଦଳ କେତେ ମ୍ୟାଚ୍

| ଦଳ | ସିଜନ | ମ୍ୟାଚ | ବିଜୟ | ପରାଜୟ | ବି.ପ୍ରତିଶତ |
|---|---|---|---|---|---|
| ଅଷ୍ଟ୍ରେଲିଆ | ୧୯୮୭-୧୯୮୭ | ୧ | ୧ | ୦ | ୧୦୦.୦୦ |
| ଭାରତ | ୧୯୮୨-୨୦୧୯ | ୧୭ | ୧୩ | ୪ | ୭୬.୪୭ |
| ଇଂଲଣ୍ଡ | ୧୯୮୨-୨୦୧୭ | ୬ | ୩ | ୩ | ୫୦.୦୦ |
| ନ୍ୟୁଜିଲାଣ୍ଡ | ୧୯୮୮-୨୦୦୩ | ୨ | ୧ | ୧ | ୫୦.୦୦ |
| ଶ୍ରୀଲଙ୍କା | ୧୯୯୦-୨୦୧୪ | ୩ | ୧ | ୨ | ୩୩.୩୩ |
| କେନିଆ | ୧୯୯୬-୧୯୯୬ | ୧ | ୦ | ୧ | ୦.୦୦ |
| ପାକିସ୍ତାନ | ୧୯୮୯-୧୯୮୯ | ୧ | ୦ | ୧ | ୦.୦୦ |
| ଜିମ୍ବାୱେ | ୧୯୮୭-୨୦୦୦ | ୩ | ୦ | ୩ | ୦.୦୦ |
| ୱେଷ୍ଟଇଣ୍ଡିଜ | ୧୯୯୪-୨୦୧୯ | ୪ | ୦ | ୪ | ୦.୦୦ |

**(ବି.ଦ୍ର.- ୨୦୧୩ ଅକ୍ଟୋବର ୨୬ରେ ଭାରତ-ଅଷ୍ଟ୍ରେଲିଆ ଦିବାରାତ୍ର ମ୍ୟାଚ ବର୍ଷା ଏବଂ ତଜ୍ଜନିତ ପାଗ ଓ ପରିବେଶ ଯୋଗୁ ବାତିଲ ହୋଇଥିଲା। ଏହା ସେତେବେଳେ ୭ ମ୍ୟାଚ୍ ବିଶିଷ୍ଟ ସିରିଜର ୫ମ ଏକଦିବସୀୟ ଥିଲା।)**

## ପାକିସ୍ତାନକୁ ସସ୍‌ପେଣ୍ଡକଲା ଫିଫା

**କରାଚୀ, ୭।୨ (ପି.ଟି.):** ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ପାକିସ୍ତାନ ଫୁଟ୍‌ବଲ ମହାସଂଘ (ପିଏଫ୍‌ଏଫ୍)କୁ ସସ୍‌ପେଣ୍ଡ କରିଛି। ଦେଶରେ ଖେଳର ସୁପରିଚାଳନା ପାଇଁ ସମ୍ବିଧାନରେ ଆବଶ୍ୟକ ସଂଶୋଧନ ଆଣିବାରେ ବିଫଳ ହେବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପିଏଫ୍‌ଏଫ୍ ଯେପର୍ଯ୍ୟନ୍ତ ଏହାର ସମ୍ବିଧାନରେ ସଂଶୋଧନ ନ କରିଛି, ସେ ପର୍ଯ୍ୟନ୍ତ ସସ୍‌ପେଣ୍ଡ ରହିବ ବୋଲି ଫିଫା କହିଛି। ପାକିସ୍ତାନ ଫୁଟ୍‌ବଲ ବର୍ତ୍ତମାନ ୨୦୧୯ରୁ ଫିଫା ଦ୍ୱାରା ଗଠିତ ନର୍ମାଲାଇଜେଶନ କମିଟି ଦ୍ୱାରା ପରିଚାଳିତ ହୋଇ ଆସୁଛି। ନିର୍ବାଚନ କରାଇବା ସହ ଫୁଟ୍‌ବଲ ସେଟ୍‌ଅପ୍‌ରେ ରହିଥିବା ସମାନ୍ତରାଳ ଗ୍ରୁପ୍‌ଗୁଡ଼ିକୁ ସଫା କରିବା ଦାୟିତ୍ୱ ଏହି କମିଟିକୁ ପ୍ରଦାନ କରାଯାଇଥିଲା।





ଅନ୍‌ଲାଇନ୍ ଟିକେଟ ବୁକ୍ କରିଥିବା କ୍ରିକେଟ ପ୍ରେମୀମାନେ ଶୁକ୍ରବାର କ୍ୟାମ୍ବ୍ରିଜ ସ୍କୁଲରେ ଥିବା କାଉଣ୍ଟରରେ ଟିକେଟ ରିଡେମ୍ପଶନ କରୁଛନ୍ତି। ଷ୍ଟାଡିୟମରେ ସ୍ପାଇଡର କ୍ୟାମେରା ଖଞ୍ଜାଯାଉଛି। ଆଲୋକରେ ଝଲସୁଛି ଓସିଏ ଅଫିସ। (ଫଟୋ: ରାଜକିଶୋର ମହାନ୍ତି)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 8/2025 | Page 16 | ₹ 7.00

୫୧ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 76 | ମୂଲ୍ୟ ₹୭/-






କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ରବିବାର ହେବାକୁ ଥିବା ଇଣ୍ଡିଆ–ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଲାଗି ଉଭୟ ଦଳର ଖେଳାଳି ଶୁକ୍ରବାର ରାତିରେ ହୋଟେଲ ମେ'ଫେୟାରରେ ପହଞ୍ଚିଛନ୍ତି। ଭାରତୀୟ ଦଳର ତାରକା ଖେଳାଳି ବିରାଟ କୋହଲି (ବାମ) ଏବଂ ଇଂଲଣ୍ଡ ଟିମ୍‌ର ଖେଳାଳି ଜୋଫ୍ରା ଆର୍ଚର। **(ଫଟୋ: ବିକାଶ ନାୟକ)**

## ଆମେରିକାରୁ ବିଦାହେବେ ଆଉ ୪୮୭ ବେଆଇନ ପ୍ରବାସୀ ଭାରତୀୟ

**ନୂଆଦିଲ୍ଲୀ,୭।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବେଆଇନ ପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ କଠୋର ନିଷ୍ପତ୍ତି ନେବା ପରେ ପ୍ରଥମ ପର୍ଯ୍ୟାୟରେ ସେଠାରୁ ୧୦୪ ପ୍ରବାସୀ ଭାରତୀୟଙ୍କୁ ବିଦା କରାଯାଇଛି। ୨୦୦୯ରୁ ଆମେରିକାରୁ ୧୫,୬୬୮ ଜଣ ଭାରତୀୟଙ୍କୁ ବିଦା କରାଗଲାଣି। ସେଠାରେ ଆଉ ୪୮୭ ଜଣ ଭାରତୀୟ ପ୍ରବାସୀ ବେଆଇନ ଭାବେ ରହିଥିବା ଆମେରିକା କର୍ତ୍ତୃପକ୍ଷ ଚିହ୍ନଟ କରିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଭାରତ ଫେରାଇଦିଆଯିବ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଥିବା କେନ୍ଦ୍ର ସରକାର ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ରି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆମେରିକାରେ ବେଆଇନ ଭାବେ ଆହୁରି ଅଧିକ ଭାରତୀୟ ରହିଥାଇ ପାରନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଆମେରିକା କର୍ତ୍ତୃପକ୍ଷ ୪୮୭ ବେଆଇନ ଭାରତୀୟଙ୍କ ସମ୍ପର୍କରେ ଅବଗତ କରାଇଛନ୍ତି। ବିଦାହେବା ତାଲିକାରେ ଥିବା ଉକ୍ତ ଲୋକମାନଙ୍କ ପରିଚୟକୁ ସରକାର ଯାଞ୍ଚ କରୁଛନ୍ତି। ଗତ ୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଆମେରିକା ସେନା ବିମାନରେ ସ୍ୱଦେଶ ଫେରିଥିବା ପ୍ରବାସୀମାନଙ୍କ ପ୍ରତି କରାଯାଇଥିବା ବ୍ୟବହାରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ ହାତ ଓ ଗୋଡ଼ରେ ବେଡ଼ି ପକାଇ ବିମାନରେ ଅଣାଯାଇଥିଲା ଏବଂ ଅକଥନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ☞ପୃଷ୍ଠା–୩

**ବାରବାଟୀ ଦିନିକିଆ କ୍ରିକେଟ ମ୍ୟାଚ୍**

## ଟିକେଟ କଳାବଜାର, ୭ ଗିରଫ

- **୨୫ ଟିକେଟ, ୩୦ ହଜାର ଟଙ୍କା ଜବତ**
- **ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ**

**କଟକ,୭।୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନ୍ ଜରିଆରେ ଟିକେଟ ବିକ୍ରି ଶେଷ ହୋଇଛି। ହେଲେ ଶତାଧିକ କ୍ରିକେଟ ପ୍ରେମୀ ଟିକେଟ୍ ନ ପାଇ ନିରାଶ ହୋଇଛନ୍ତି। ଟିକେଟ ନ ପାଇ ଖେଳ ଦେଖିବାକୁ ଆଶା କରୁଥିବାବେଳେ କ୍ରିକେଟ ପ୍ରେମୀଙ୍କ ପାଇଁ ଦଲାଲ ଏବେ ସକ୍ରିୟ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମ ନିକଟ ଅଞ୍ଚଳ ସମେତ ସୋସିଆଲ ମିଡିଆରେ ଏବେ ଟିକେଟ କଳାବଜାର କରାଯାଉଛି। ଷ୍ଟାଡିୟମ ନିକଟରେ ଟିକେଟ୍ କଳାବଜାର କରୁଥିବା ୭ ଜଣଙ୍କୁ କ୍ୟାଣ୍ଟନମେଣ୍ଟ ଓ ଦରଘାବଜାର ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୨୫ଟି ଟିକେଟ୍, ୩୦ ହଜାର ଟଙ୍କା, ମୋବାଇଲ ଓ ବାଇକ୍ ଜବତ କରାଯାଇଛି। ଏନେଇ କ୍ୟାଣ୍ଟନମେଣ୍ଟ ଥାନାରେ ୩ଟି ଓ ଦରଘାବଜାର ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

ଅପରପକ୍ଷରେ ପ୍ରଥମ ଦିନିକିଆ ମ୍ୟାଚ୍ ଭାରତ ଜିତିବା ପରେ କ୍ରିକେଟ୍ ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି। ତେଣୁ ଦ୍ୱିତୀୟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଦଲାଲମାନେ ଟିକେଟ ଦର ୨ଗୁଣା ବଢ଼ାଇ ବିକ୍ରି କରୁଛନ୍ତି। ସେଥିମଧ୍ୟରେ ୧ ଓ ୩ ନମ୍ବର ଗ୍ୟାଲେରିର ଗୋଟିଏ ଟିକେଟ ଦର ୧୧୦୦ ଥିବାବେଳେ ଏବେ ଏହାକୁ ୭ ହଜାର ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ୨ ଓ ୪ ନମ୍ବର ଗ୍ୟାଲେରିର ଟିକେଟ୍ ଦର ୯୦୦ ଟଙ୍କା ଥିବାବେଳେ ଏବେ ଟିକେଟ୍ ଦର ୪୦୦୦ ଟଙ୍କା, ୫ ନମ୍ବର ଗ୍ୟାଲେରି ଟିକେଟ୍ ଦର ୧୨୦୦ ଟଙ୍କା ଥିବାବେଳେ ଏବେ ଦର ୬ ହଜାର ଟଙ୍କା, ୭ ନମ୍ବର ଗ୍ୟାଲେରି ଟିକେଟ ☞ପୃଷ୍ଠା–୩

## ଓସିଏସ୍ ପ୍ରିଲିମ ପରୀକ୍ଷାଫଳ ପ୍ରକାଶ

**୪୭୯୯ କୃତକାର୍ଯ୍ୟ**

**କଟକ,୭।୨(କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପ୍ରିଲିମିନାରିପରୀକ୍ଷା–୨୦୨୩ର ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୪୭୯୯ ଜଣ ପରୀକ୍ଷାର୍ଥୀ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୫୭୩ ଜଣ ମହିଳା ଅଛନ୍ତି। ଓପିଏସ୍‌ସି ୱେବ୍‌ସାଇଟ୍ opsc.gov.inରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ରୋଲ ନମ୍ବର ପ୍ରକାଶିତ ହୋଇଛି। ଗତ ଡିସେମ୍ବର ୧୫ ତାରିଖରେ ହୋଇଥିବା ଏହି ପରୀକ୍ଷାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ଦେବେ। ଓସିଏସ୍ ମେନ୍ ଲିଖିତ ☞ପୃଷ୍ଠା–୩




**ମହିଳା ସରପଞ୍ଚଙ୍କୁ ଆକ୍ରମଣ, ତଦନ୍ତ ଆରମ୍ଭ**

ଯୋଗେଶ୍ୱରପୁର, (ରଶ୍ମିରଞ୍ଜନ ସାହୁ)- ଏକ ରାସ୍ତା କାମକୁ ନେଇ ଉସାଣପୁର ପଞ୍ଚାୟତର ମହିଳା ସରପଞ୍ଚ ବିନୋଦିନୀ ପାଳଙ୍କୁ ୨ ଜଣ ଯୁବକ ଆକ୍ରମଣ କରିଥିବା ଗୁରୁବାର ରାତିରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ ଗୋପ ଥାନାର ୨ ଅଧିକାରୀ ପଦ୍ମପୋଖରୀ ଯାଇ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚରା କରିଛନ୍ତି। ଏନେଇ ସରପଞ୍ଚ ପାଳ ଫାଣ୍ଡିରେ ୫ ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୨।୨୦୨୫

| ୬,୭୫,୫୬୨ ଟଙ୍କା | |
|---|---|
| ସୁନା | ୬.୧୦୦ ଗ୍ରାମ୍ |
| ରୁପା | ୩.୩୦୦ ଗ୍ରାମ୍ |

# ପୌରସଂସ୍ଥାର ୬୦% ପ୍ରକଳ୍ପ କାର୍ଯ୍ୟ ସରିନି

### ଅବହେଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଜିଲାପାଳ

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ବିକାଶ ପାଇଁ ଗତବର୍ଷରୁ ହୋଇଥିବା ପ୍ରକଳ୍ପ ତାଲିକାରେ ମାତ୍ର ୪୦ ଭାଗ କାର୍ଯ୍ୟ ହୋଇଥିବାବେଳେ ପ୍ରାୟ ୬୦ ଭାଗ ଅଧାପନ୍ତରିଆ ରହିଛି। କେତୋଟିର କାମ ଅଟକିଥିବାବେଳେ ଆଉ କେତୋଟି ଆଦୌ ଆରମ୍ଭ ହୋଇପାରିନାହିଁ। ପୁରୀ ପୌରାଞ୍ଚଳର ଅନେକ ୱାର୍ଡରେ ଏବେବି ୧୦୦ କୋଟିର ପ୍ରକଳ୍ପ ଅର୍ଥରାଶି ପଡିରହି ଫେରିବାକୁ ବସିଲାଣି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଏବେ ଆକ୍ସନ ମୁଡ୍‌କୁ ଆସିଛି ଜିଲା ପ୍ରଶାସନ। ସୂଚନା ଅନୁସାରେ ୨୦୨୪ର ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଏବେ ବି ଅଧା ରହିଛି। ଏଥିପାଇଁ ରାଜନୈତିକ ବିବାଦ, ଠିକାଦାର-ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ଦାୟୀ କରାଯାଉଛି।

ପରିତ୍ୟକ୍ତ ଜାଗା ପୋଖରୀର ପୁନରୁଦ୍ଧାର, ରାସ୍ତା ମରାମତି, କମ୍ୟୁନିଟି ହଲ୍, ପାର୍କ ଓ ଡ୍ରେନ୍ ସମସ୍ୟା, ନୂତନ ରାସ୍ତା ନିର୍ମାଣ ଆଦି ପ୍ରକଳ୍ପ କାମ ଏବେବି ଆରମ୍ଭ ହୋଇନାହିଁ। ଯେଉଁ କେତୋଟି ଆରମ୍ଭ ହୋଇଛି, ତାହା ଅଧାପନ୍ତରିଆ ରହିଛି। ଅନେକ ଖାଲଖମା ରାସ୍ତା ମାପଚୁପ ହୋଇଥିଲା, ମାତ୍ର ଅଦ୍ୟାବଧି କାମ ଆରମ୍ଭ ହୋଇନି। ଡ୍ରେନ୍‌ରେ ସ୍ଲାବ୍ ପଡ଼ିବାର ଥିଲା, ତାହାବି ହୋଇନାହିଁ। ୪୦ ପ୍ରତିଶତ କାମର ସମୀକ୍ଷା ହୋଇଛି ଓ ୩୦ ପ୍ରତିଶତ କାମ ଅର୍ଥ ଅଭାବରୁ ଆରମ୍ଭ ହୋଇନାହିଁ। ଆଉ ୩୦ ପ୍ରତିଶତ ଅଧାପନ୍ତରିଆ ରହିଛି। ଫଳରେ ପୁରୀ ବାସିନ୍ଦା ବିଭିନ୍ନ ସମସ୍ୟା ଭୋଗ କରୁଛନ୍ତି। ତେଣୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୌରସଂସ୍ଥାର ତଥ୍ୟ ଅନୁଯାୟୀ, ୩୨ଟି ୱାର୍ଡରେ ୨୦୨୪ ମାର୍ଚ୍ଚରେ ୯୧୧ଟି ପ୍ରକଳ୍ପକୁ ଅନୁମୋଦନ ଓ ଆର୍ଥିକ ଅନୁଦାନ ମିଳିଛି। ହେଲେ ଗତବର୍ଷଠାରୁ ଧାର୍ଯ୍ୟ ହୋଇଥିବା ଅନେକ ପ୍ରକଳ୍ପ କାମ ବିଭିନ୍ନ କାରଣରୁ ଆରମ୍ଭ ହୋଇପାରିନାହିଁ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ୱାର୍ଡରେ ରହିଥିବା ସମସ୍ୟାକୁ ଦେଖି ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇଥିଲା। ଶାସନ ପରିବର୍ତ୍ତନ ପରେ ବି କାର୍ଯ୍ୟ ଅଧା ହୋଇ ପଡ଼ିରହିଛି। ପୌର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଦେଶ ତାଲିକାର ୯୧୧ ପ୍ରକଳ୍ପ ମଧ୍ୟରୁ ୮୬୮ଟି କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଘୋଷଣା ହୋଇଥିବା ଅନେକ କାମ ଆରମ୍ଭ ହୋଇପାରିନାହିଁ ବୋଲି ପୌର କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ଏନେଇ ପୁରୀ ସହର ବାସିନ୍ଦା ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ବିଗତ ସରକାର ଭୋଟ ପାଇବା ଆଶାରେ ଅନେକ ପ୍ରକଳ୍ପ କରିବା ପାଇଁ ଘୋଷଣା କରିଥିଲେ। ପୁରୀ ସହରରେ ପ୍ରାୟ ୯ଶହରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଯୋଜନା କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ୨୫ ପ୍ରତିଶତ ମଧ୍ୟ କାର୍ଯ୍ୟ କରାଯାଇନାହିଁ। ଏଥିରୁ ଜଣାପଡୁଛି ଯେ, ଟଙ୍କା ଖାଲି କାଗଜ କଲମରେ ମଞ୍ଜୁର ହୋଇଥିଲା। କାର୍ଯ୍ୟ କରିବାର ମନୋବୃତ୍ତି ନ ଥିଲା। ତେବେ ବର୍ତ୍ତମାନ ସରକାର ପ୍ରକଳ୍ପଗୁଡିକର କାର୍ଯ୍ୟ କରିବା ଉଚିତ୍। ଅନ୍ୟପକ୍ଷରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ବିଭିନ୍ନ ସ୍କିମ୍‌ରେ କାର୍ଯ୍ୟ ହୋଇଥାଏ। ବିଭିନ୍ନ ଫଣ୍ଡ ସମେତ ସଂସ୍ଥାର ଫଣ୍ଡ ରହିଛି। ଗତବର୍ଷ ମାର୍ଚ୍ଚରେ ଏକ କମିଟି ବସିଥିଲା। ସେଥିରେ ସମୀକ୍ଷା କରାଯାଇଥିଲା। କେଉଁ କାର୍ଯ୍ୟ ହେବ, କେଉଁଗୁଡିକ ହେବନାହିଁ ସେ ନେଇ ଆଲୋଚନା କରାଯାଇଥିଲା। ବର୍ଷକ ମଧ୍ୟରେ ପ୍ରାୟ ୭୦ ପ୍ରତିଶତ କାମ ଶେଷ ହୋଇଗଲାଣି। ତେବେ କେତୋଟି ପ୍ରକଳ୍ପ ପାଇଁ ଅର୍ଥ ଆସି ନ ଥିଲା। ତେଣୁ ସେହି କାର୍ଯ୍ୟ ଅଧାପନ୍ତରିଆ ରହିଛି। ଯଦି ଆବଶ୍ୟକ ପଡ଼ିବ, ଅନ୍ୟ ସ୍କିମ୍‌ରୁ ଟଙ୍କା ଅଣାଯାଇ କାର୍ଯ୍ୟ କରାଯିବ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କିଛି କାର୍ଯ୍ୟ ହୋଇଛି ଓ କିଛି ଅଧା ରହିଛି। ଅନେକ କାର୍ଯ୍ୟ ମଧ୍ୟ ଚାଲିଛି। ଜୋନ ପାଇଁ ସମସ୍ତ ୱାର୍ଡର ସମୀକ୍ଷା କରାଯିବାର ଅଛି। ଅନେକ କାର୍ଯ୍ୟ ପାଇଁ ପ୍ରସ୍ତାବ ଆସିଛି। ଯେଉଁ କାର୍ଯ୍ୟ ହୋଇନାହିଁ, ତାହା ଆରମ୍ଭ ହେବ ଓ ଯେଉଁଗୁଡ଼ିକ ଅଧା ରହିଛି ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସମସ୍ତ କାର୍ଯ୍ୟର ସମୀକ୍ଷା ହେବ। ଯେଉଁମାନେ ଅବହେଳା କରିଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ରୋଲର ସ୍କେଟିଂରେ ବୁଲି ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

### ଗିନିଜ୍ ୱାର୍ଲ୍ଡ ବୁକ୍ ରେକର୍ଡ଼ସ ପାଇଁ ସୋନିଙ୍କ ଲକ୍ଷ୍ୟ

ପୁରୀ, ୭।୨(ଅଜିତ୍ କୁମାର ମହାନ୍ତି)



ପୁରୀରେ ସୋନି ଚୌରାସିଆ ।

ଲୋକଙ୍କୁ ସଚେତନତା ବାର୍ତ୍ତା ଦେବା ସହ ଗିନିଜ୍ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବାର ଲକ୍ଷ୍ୟ ନେଇ କାଶୀର ୪୦ ବର୍ଷୀୟା ସୋନି ଚୌରାସିଆ ରୋଲର ସ୍କେଟିଂ ମାଧ୍ୟମରେ ଭାରତ ଭ୍ରମଣରେ ବାହାରିଛନ୍ତି। ସେ ୧୧୩ ଦିନରେ ୨୦ ରାଜ୍ୟର ୧୦,୫୫୦ କିଲୋମିଟର ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସୋନି ନିଜ ଗୁରୁ ଓ ସାଥୀମାନଙ୍କ ସହ ଶୁକ୍ରବାର ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଜନକଲ୍ୟାଣ ଓ ସଚେତନତା ଯାତ୍ରାର ସଫଳତା ପାଇଁ ତାଙ୍କୁ ସାହସ ମିଳୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ସେ ତାଙ୍କ ଯାତ୍ରାର ନାମ ଦେଇଛନ୍ତି 'ରୋଗରୁ ଆରୋଗ୍ୟ'। ୧୦୦୯୬ କିଲୋମିଟର ଅତିକ୍ରମ କରି କାନାଡା ରେକର୍ଡଧାରୀଙ୍କୁ ପଛରେ ପକାଇବାକୁ ସେ ଚେଷ୍ଟା ଚଳାଇଛନ୍ତି। ସୂଚନାଯୋଗ୍ୟ, ୨୦୧୦ରେ ସୋନି ରୋଲରସ୍କେଟିଂ ଦ୍ୱାରା କଥକ ନୃତ୍ୟ କରି ଲିମ୍କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିଲେ। ୮୭ ଘଣ୍ଟା ୧୮ ମିନିଟ ଧରି ବିନା ବିରତିରେ ଏହି ସଫଳତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ୧୨୬ ଘଣ୍ଟା ୫ ମିନିଟ କଥକ ନୃତ୍ୟ କରି ଗିନିଜ୍ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିଲେ। ସୋନି କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୨୦ଟି ଟିମ୍‌ର ନେତୃତ୍ୱ ନେଇ ୯୦ ଦିନରେ ୫,୦୧୧ କିଲୋମିଟର ଅତିକ୍ରମ କରି ଏକ ସମୂହ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି।

## ସଂକ୍ଷେପରେ

### କୋଣାର୍କ ଏନ୍ଏସିରେ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

କୋଣାର୍କ,୭।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି କାର୍ଯ୍ୟାଳୟରେ ଦୀର୍ଘ ୩ମାସରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବା ବେଳେ ବାରମ୍ବାର ଅଭିଯୋଗ ଓ ଦାବି ଉପସ୍ଥାପନ କରାଯିବା ପରେ ଶୁକ୍ରବାର ପୂର୍ବାହ୍ନରେ କେସିଙ୍ଗା ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ କୋଣାର୍କ ଏନ୍ଏସିର ନୂତନ ନିର୍ବାହୀ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି। ପ୍ରକାଶ ଯେ, କୋଣାର୍କସ୍ଥିତ ଏନ୍ଏସି କାର୍ଯ୍ୟାଳୟଠାରେ ଦୀର୍ଘ ୩ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ବାହୀ ଅଧିକାରୀ ନ ଥିବାବେଳେ ୧୩ ଗୋଟି ୱାର୍ଡର ଉନ୍ନୟନ କାର୍ଯ୍ୟ ଠପ୍ ହୋଇ ଯାଇଥିଲା। ଏନ୍ଏସିର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଗୁରୁତ୍ୱାରୋପ କରି କୋଣାର୍କ ଏନ୍ଏସିରେ ନୂତନ ନିର୍ବାହୀ ଅଧିକାରୀ ନିଯୁକ୍ତ କରିଛନ୍ତି। ଏନ୍ଏସିର ସାମଗ୍ରିକ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରିବେ ବୋଲି ଯୋଗ ଦେଇଥିବା ନିର୍ବାହୀ ଅଧିକାରୀ ଚାନ୍ଦ ପ୍ରକାଶ କରିଛନ୍ତି।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ଯୋଗେଶ୍ୱରପୁର,୭।୨(ରଶ୍ମିରଞ୍ଜନ ସାହୁ)

ସଂଘବଦ୍ଧ ଆକ୍ରମଣରେ ତିରୁଣା ଗ୍ରାମର ବାବୁରାମ ନାୟକ(୫୧) ଗୁରୁତର ହୋଇଥିବା ସମ୍ବନ୍ଧରେ ନୟାହାଟ ଫାଣ୍ଡିରେ ଶୁକ୍ରବାର ଅଭିଯୋଗ ହୋଇଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ତିରୁଣା ଗ୍ରାମର ବାବାଜି ବେହେରାଙ୍କ ଦୋକାନ ସାମ୍ନାରେ ଗୁରୁବାର ସନ୍ଧ୍ୟାରେ ବାବୁରାମଙ୍କ ସହିତ ମନୁ ବେହେରା, ବାଲୁ ବେହେରା ଓ ଗାଲୁ ବେହେରାଙ୍କ ସହିତ ପୂର୍ବ ବିବାଦକୁ ନେଇ ବଚସା ହୋଇଥିଲା। ପରେ ୩ଜଣ ମିଶି ବାବୁରାମ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୋଡ଼ ଓ ଛାତିରେ ଆଘାତ ଲାଗିଥିବାରୁ ପ୍ରଥମେ ଚାରିଛକରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଫାଣ୍ଡି ଅଧିକାରୀ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।



ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଇକୋ କ୍ଲବ ପ୍ରଦର୍ଶନୀକୁ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ ବୁଲି ଦେଖୁଛନ୍ତି ।

## ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ପ୍ରଦର୍ଶନୀ

କାକଟପୁର/ଅସ୍ତରଙ୍ଗ, ୭।୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀଜଗତ, ଉଦ୍ଭିଦ ତଥା ଜୈବମଣ୍ଡଳ ସହ ଜଡ଼ିତ ବିଭିନ୍ନ ଲୁପ୍ତପ୍ରାୟ ଗୁଳ୍ମଲତା, ଔଷଧୀୟ ବୃକ୍ଷ ଓ ଖାଦ୍ୟ ସାମଗ୍ରୀକୁ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସହଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସ୍ୱାଗତିକା ପରିଡା, ରଶ୍ମିରେଖା ସାହୁ, ଶିକ୍ଷାବିତ୍ ପ୍ରମୋଦ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲରେ ଅନେକ ଫୁଲ ଓ ଫଳ ରହିଛି, ଯାହା ମାନବ ଶରୀର ପାଇଁ ଉପକାରୀ ବୋଲି ଅତିଥିମାନେ କହିଥିଲେ। ବ୍ଲକର ୧୭ଟି ବିଦ୍ୟାଳୟର ୩୪ଟି ପ୍ରକଳ୍ପକୁ ୫୫ଜଣ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିଲେ। ବିଭିନ୍ନ ପାରମ୍ପରିକ ଖାଦ୍ୟଶସ୍ୟ, ଜଙ୍ଗଲୀ ଫଳ ଓ ଫୁଲ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଆକର୍ଷଣ ଥିଲା ପ୍ରାଚୀନ ଖାଦ୍ୟଶସ୍ୟ ସମେତ ମାଣ୍ଡିଆ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ସାମଗ୍ରୀ। ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ବ୍ଲକସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା।

# ଯୁଗର ଆଭାସ ନ ଥିଲେ ଯୁଗ ଆସେ ନାହିଁ



ପାଠଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

### ସ୍ନାତକୋତ୍ତର ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର

ନିମାପଡ଼ା,୭।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବାର୍ଷିକ ପାଠଚକ୍ର, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ ଅଧ୍ୟକ୍ଷତା କରି ଏହି ମହାନ୍ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଆଲୋଚକ ସଦାନନ୍ଦ ନାୟକ, ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଲେଖକ ନାରାୟଣ ବେହେରା, ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ସି.ଡି.ଇ.ଓ. କବି ଓ ସାହିତ୍ୟିକା ମମତାରାଣୀ ବେହେରା, ନିମାପଡ଼ା କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଧୁନିକ ସାହିତ୍ୟ ବିଶ୍ୱ ସାହିତ୍ୟର ଏକ ଅଂଶବିଶେଷ, ଯୁଗର ଆଭାସ ନ ଥିଲେ ଯୁଗ ଆସେ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସତ୍ୟବାଦୀର ସାଧକମାନେ ସର୍ବଦା ଦେଶ ପ୍ରେମ, ଦେଶ ମାତୃକା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ 'ସତ୍ୟବାଦୀ ଯୁଗ ଏକ ଯୁଗ ନା ଯୁଗାଭାସ' ଶୀର୍ଷକ ଏକ ପାଠଚକ୍ର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ବିଷ୍ଣୁପ୍ରସାଦ ସାହୁ, ଅଧ୍ୟାପକ ବିଶ୍ୱଜିତ୍ ବେହେରା, ପ୍ରେମରାଜ, ଅଧ୍ୟାପକ ବବିତା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ସମାରୋହ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଉତ୍ସବରେ ବହୁ ଶିକ୍ଷାବିତ୍, କବି, ଲେଖକ, ସାହିତ୍ୟିକ, ଆଲୋଚକ, ଅଧ୍ୟାପିକା, ଅଧ୍ୟାପକ, ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବଡ଼ ଭଉଣୀ ମଙ୍ଗନ ବେଳେ ସର୍ପ ଦଂଶନରେ ସାନ ମୃତ

### ଅଟକିଲା ମଙ୍ଗନ, ବଦଳିଲା ବିବାହ ବେଦି

ଗୋପ, ୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ବଡ଼ଭଉଣୀଙ୍କ ମଙ୍ଗନ କାର୍ଯ୍ୟ ଚାଲିଥିବାବେଳେ ସର୍ପଦଂଶନରେ ୩ ବର୍ଷୀୟା ସମ୍ପର୍କୀୟ ସାନ ଭଉଣୀଙ୍କ ଜୀବନ ଯାଇଛି। ଏପରି ଅଘଟଣ ଯୋଗୁ କିଛି ଘଣ୍ଟା ପାଇଁ ମଙ୍ଗନ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ଶୁକ୍ରବାର ବିବାହ ଉତ୍ସବ କନ୍ୟା ଘରେ ନ ହୋଇ ଅନ୍ୟତ୍ର ସମ୍ପନ୍ନ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମର ଭାଗା ବେହେରାଙ୍କ ଝିଅ ମିତା ବେହେରାଙ୍କ ବିବାହ ଉତ୍ସବ ୭ତାରିଖ ଶୁକ୍ରବାର ହେବା ପାଇଁ ସ୍ଥିର ହୋଇଥିଲା। ଏଥିଲାଗି ସମସ୍ତେ ବ୍ୟସ୍ତ ଥିବାବେଳେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିରହିଥିଲା। ବିବାହ ପୂର୍ବଦିନ ଅର୍ଥାତ୍ ଗୁରୁବାର ରାତିରେ ଶୁଭ ମଙ୍ଗନକୃତ୍ୟ ଆରମ୍ଭ ହୋଇଥିଲା। ମିତା ମେହେନ୍ଦି ଲଗାଇ ଖୁସି ମନାଉଥିବାବେଳେ ଭାଗାଙ୍କ ସମ୍ପର୍କୀୟ ଭାଇ ଶିବପ୍ରସାଦ ବେହେରାଙ୍କ ପରିବାର ସଦସ୍ୟ ମଙ୍ଗନ କାର୍ଯ୍ୟରେ ସାମିଲ ଥିଲେ। ରାତି ପ୍ରାୟ ୯ଟାରେ ଶିବପ୍ରସାଦଙ୍କ ୩ ବର୍ଷୀୟା ଶିଶୁକନ୍ୟାଙ୍କୁ ଶୌଚ ଲାଗିଥିଲା। ପରିବାର ସଦସ୍ୟ ତାଙ୍କୁ ନେଉଥିବାବେଳେ ଏକ ସାପ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ସେ ଚିତ୍କାର କରିଉଠିଥିଲେ। ତାଙ୍କୁ ତୁରନ୍ତ ଗୋପ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଶୋକାକୁଳ ହୋଇଯାଇଥିଲା ପରିବେଶ। ହସଖୁସିର ପରିବାର କାନ୍ଦବୋବାଳିରେ ଫାଟିପଡ଼ିଥିଲା। ଏଭଳି ଘଟଣା ଯୋଗୁ ମଙ୍ଗନ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା। ପରେ ବିବାହ ଉତ୍ସବ ଘର ପରିବର୍ତ୍ତେ ଏକ ବିବାହ ମଣ୍ଡପରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ପୋଲିସ ଉକ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି।

## ଚୋର, ଲୁଟେରାଙ୍କୁ ଧରିପାରୁନି ପୋଲିସ

କାକଟପୁର/ଅସ୍ତରଙ୍ଗ, ୭।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଏବଂ ଅସ୍ତରଙ୍ଗ ଥାନା ଅଞ୍ଚଳରେ ମାତିଛନ୍ତି ଚୋର, ଲୁଟେରା। ଘର ସମେତ ମନ୍ଦିର, ସ୍କୁଲ ଆଦି ଅନୁଷ୍ଠାନରୁ ଚୋରି କରୁଛନ୍ତି। ରାସ୍ତାରେ ଲୋକଙ୍କଠାରୁ ମଧ୍ୟ ଲୁଟୁଛନ୍ତି। ଚୋର, ଲୁଟେରାଙ୍କୁ ଧରିପାରୁନି ପୋଲିସ। ସେସବୁକୁ ପୋଲିସ ଜବତ କରି ବାହାବା ନେଉଛି। ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଅସ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତ ଅଧୀନ ଓସ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ପ୍ରଧାନଶିକ୍ଷକ ଧରଣୀଧର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏ ନେଇ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଏଏସ୍ଆଇ ବିଷ୍ଣୁନାଥ ପଟ୍ଟନାୟକ ଏକ କେସ୍ (ନଂ. ୧୧/୨୦୨୫) ରୁଜୁ ସହ ତଦନ୍ତ କରୁଥିଲେ। ତେବେ ୧୯ଦିନ ପରେ ବି ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ ପୋଲିସ। ଅନ୍ୟପଟେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଚୋରି ସାମଗ୍ରୀଗୁଡ଼ିକୁ ଅସ୍ତରଙ୍ଗ ବ୍ଲକ ଅଧୀନ କେନ୍ଦ୍ରାପଟି ପଞ୍ଚାୟତର ହରଡ଼ପଡିଆ ନିକଟ ରାମଦାସ କଳଘର ପାର୍ଶ୍ୱବର୍ତ୍ତୀ ଖୋଲାସ୍ଥାନରେ ଫିଙ୍ଗିଦେଇଥିଲେ। ଶୁକ୍ରବାର ସକାଳେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ ।

## ସାହସପୁରରେ ବିଶ୍ୱଶାନ୍ତି ମହାଯଜ୍ଞ କଳସ ଯାତ୍ରା

କଣାସ, ୭।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଗଡୀଶ୍ୱର ଦେବଙ୍କ ପ୍ରାଙ୍ଗଣରେ ୪୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଦିବସରେ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ମକରା ନଦୀର ସାହସପୁର ତୁଠରେ ପୂଜାର୍ଚ୍ଚନା କରାଯିବା ସହିତ ମନ୍ଦିର ପ୍ରାଙ୍ଗଣରୁ ପଟୁଆରରେ ବାହାରି ତୁଠରେ ୧୦୮ ମହିଳା ଓ ପୁରୁଷମାନେ ପହଞ୍ଚି କୁମ୍ଭ ବୁଡ଼ାଇ ଯଜ୍ଞ ସ୍ଥଳକୁ ଆସିଥିଲେ। ୯ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ହେବ। ୪ଦିନ ଧରି ଅଙ୍କୁରାରୋପଣ, କୁମ୍ଭଣ୍ଡଳକରଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ନାରାୟଣ ମହାପାତ୍ର ଏବଂ ସାଥୀ ପଣ୍ଡିତମାନେ ବେଦମନ୍ତ୍ର ଉଚ୍ଚାରଣ କରୁଛନ୍ତି। କର୍ତ୍ତାକର୍ତ୍ତ୍ରୀ ଭାବେ ଚିତ୍ରସେନ ସାହୁ, ଝରଣା ସାହୁ ପୁରୋଧା ହୋଇଥିବାବେଳେ ଯଜ୍ଞ କମିଟି ସହିତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ

ପୁରୀ,୭।୨(ଅଜିତ୍ କୁମାର ମହାନ୍ତି)

ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ପବିତ୍ର ମାଘ ସପ୍ତମୀ ଅବସରରେ ଭୋଗବର୍ଦ୍ଧନ ଶ୍ରୀ ଶଙ୍କରାନନ୍ଦ ମଠ ପରିସରରେ ପାଳିତ ହୋଇଛି। ମଠ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ସ୍ୱାମୀ ଶାଶ୍ୱତାନନ୍ଦ ମହାରାଜ ସଭାପତିତ୍ୱ କରିଥିଲେ। ଏଥିରେ ଟ୍ରଷ୍ଟ ବୋର୍ଡ ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦିବାକର ମହାପାତ୍ର କହିଛନ୍ତି, ଶ୍ରୀଧର ସ୍ୱାମୀ ଭାଗବତର 'ଭାବାର୍ଥଦୀପିକା' ବ୍ୟତୀତ ବିଷ୍ଣୁସହସ୍ର ନାମାର ବିଶ୍ୱପ୍ରସିଦ୍ଧ ସର୍ବଶ୍ରେଷ୍ଠ ଟୀକା ରଚନା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଐତିହ୍ୟ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି, ଅତିବଡି ଜଗନ୍ନାଥ ଦାସ ରଚନା କରିଥିବା ଓଡ଼ିଆ ଭାଗବତ ସେ ଶ୍ରୀଧର ସ୍ୱାମୀଙ୍କ ଭାଗବତ ସଂସ୍କୃତ ଟୀକାର ଛାୟାରେ ଲେଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦଇତାପତି ନିଯୋଗର ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ଦାସ ମହାପାତ୍ର ଯୋଗ ଦେଇଥିଲେ। ଶ୍ରୀଧର ସ୍ୱାମୀ ସରସ୍ୱତୀ ଥିଲେ ପ୍ରଥମେ ଶ୍ରୀ ଶଙ୍କରାନନ୍ଦ ମଠର ପଞ୍ଚମ ସ୍ୱାମୀ । ତାହାପରେ ସେ ଗୋବର୍ଦ୍ଧନ ମଠ ବା ଶ୍ରୀ ଶଙ୍କରାଚାର୍ଯ୍ୟ ମଠରେ ଜଗତ୍‌ଗୁରୁ ପଦବୀରେ ଅଭିଷିକ୍ତ ହୋଇଥିଲେ। ତାଙ୍କ ବିଷୟରେ ସବିଶେଷ ଆଲୋଚନା ନ ହେବାରୁ କେହି କେହି ଆଲୋଚକ ସେ ଓଡ଼ିଶାର ନୁହନ୍ତି ବୋଲି ମୁଖ୍ୟ ଅତିଥି ପ୍ୟାରୀମୋହନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଶ୍ରୀଧର ସ୍ୱାମୀଙ୍କର ପିଲାଦିନର ନାମଥିଲା ଶ୍ରୀଧରପତି। ସେ ଗୋବର୍ଦ୍ଧନ ମଠରେ ଜଗତ୍‌ଗୁରୁ ହେବା ପୂର୍ବରୁ ତାଙ୍କର ନାମଥିଲା ଶ୍ରୀଧର ସ୍ୱାମୀ। ଗୋବର୍ଦ୍ଧନ ପୀଠରେ ଅଭିଷିକ୍ତ ହେବାପରେ ସରସ୍ୱତୀ ଶବ୍ଦ ତାଙ୍କ ନାମରେ ସଂଯୋଗ ହୋଇଥିଲା। ସେ ଗୀତା ଓ ବିଷ୍ଣୁ ପୁରାଣରେ ଟୀକା ମଧ୍ୟ ଲେଖି ଯାଇଛନ୍ତି। ତାଙ୍କର ସମାଧି ଢେଙ୍କାନାଳର କପିଳାସ ପାହାଡ଼ରେ ଅଛି। ସେଠାରେ ବ୍ରହ୍ମଚାରୀ ମଠରେ ସେ ସମାଧିସ୍ଥ ହୋଇ ଶେଷ ବିଦାୟ ନେଇଥିଲେ ବୋଲି ସଂଯୋଜକ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର ପ୍ରକାଶ କରିଥିଲେ। ସଭାପତି ସ୍ୱାମୀ ଶାଶ୍ୱତାନନ୍ଦ ପୁରୀ ତଥା ଓଡ଼ିଶାରେ ଶ୍ରୀଧରସ୍ୱାମୀଙ୍କ ମୂର୍ତ୍ତି ସ୍ଥାପନ ହେଲେ ତାହା ପ୍ରେରଣାଦାୟୀ ହେବ ବୋଲି ମତ ଦେଇଥିଲେ। ଟ୍ରଷ୍ଟ ବୋର୍ଡର ମିହିର କୁମାର ମିଶ୍ର, ସଦାଶିବ ସାହୁ, ଆଦିତ୍ୟ ମିଶ୍ର ଓ ଯାମିନୀକାନ୍ତ ମିଶ୍ର ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ମିଶନଶକ୍ତି ସଂଘର ପୁନର୍ଗଠନ ପ୍ରକ୍ରିୟାକୁ ବିରୋଧ

### ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଲେ ୪୧୮ ଜଣ ପଦ ହରାଇବେ

ସାକ୍ଷୀଗୋପାଳ, ୭।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)




ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ସାକ୍ଷୀଗୋପାଳଠାରେ ବାହାରିଥିବା ଶୋଭାଯାତ୍ରା ।

ମିଶନଶକ୍ତି ତଥା ଓଡ଼ିଶା ଜୀବିକା ମିଶନ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ବିରୋଧ କରି ସତ୍ୟବାଦୀର ଶତାଧିକ ମହିଳା ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ଅତିକ୍ରମ କରିବା ପରେ ସତ୍ୟବାଦୀର ମିଶନଶକ୍ତି ତଥା ଓଡ଼ିଶା ଜୀବିକା ମିଶନ ଅଧୀନରେ ଥିବା ୨୨୦୦ ସ୍ୱୟଂ ସହାୟକ ଗୋଷ୍ଠୀ, ୨୦୦ ଆଞ୍ଚଳିକ ସଂଘ, ୨୪ ମହାସଂଘରେ ଥିବା ୪୧୮ ଜଣ କାର୍ଯ୍ୟକାରୀ ପରିଷଦ କର୍ମୀ (ଇସି)ଙ୍କୁ ପରିବର୍ତ୍ତନ କରି ସଂଘକୁ ପୁନର୍ଗଠନ ନିମନ୍ତେ ଉଲ୍ଲେଖ ରହିଛି। ପୁନର୍ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଦାବିରେ ସଂଘର କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ନାରାବାଜି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କୁ ଦାବିପତ୍ର ଦେଇଥିଲେ।

ବିନା ପାରିଶ୍ରମିକରେ ୨୦୨୨ ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଥିବା (ଇସି)କର୍ମୀଙ୍କୁ ଦୁଇବର୍ଷକୁ ଥରେ ପୁନର୍ଗଠନ ନାମରେ ଅନିଶ୍ଚିତତା ଭିତରେ ରଖାଯାଉଛି। ୨୦୨୪ ସେପ୍ଟେମ୍ବରରୁ ସେମାନଙ୍କୁ ଗସ୍ତ ଖର୍ଚ୍ଚ ମିଳିନଥିବା ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏବେ ସମସ୍ତ ସଂଘକୁ ପୁନର୍ଗଠନ ଆଳରେ ବାହାର କରିଦେଲେ କାର୍ଯ୍ୟକାରୀ ପରିଷଦ କର୍ମୀଙ୍କ ଆର୍ଥିକ, ସାମାଜିକ ଓ କର୍ମଜୀବନ ଉପରେ ବଡ ପ୍ରଭାବ ପଡ଼ିବ। ତେଣୁ ପୁନର୍ଗଠନ ପ୍ରକ୍ରିୟା ତୁରନ୍ତ ପ୍ରତ୍ୟାହାର କରି ପରିଷଦ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ଜୀବିକା ମିଶନ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ସତ୍ୟବାଦୀ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମିଶନ ଶକ୍ତି ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଲକ୍ଷ୍ମୀପ୍ରିୟା ଦାସ , ପ୍ରଭାସିନୀ ମିଶ୍ର, ସୁପ୍ରିୟା ସାହୁ, ହରପ୍ରିୟା ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବିଡିଓ ନାୟକ କହିଛନ୍ତି, ଦାବିପତ୍ରକୁ ମୁଁ ସରକାରଙ୍କ ନିକଟକୁ ପଠାଇବା ସହ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିବି। ଅନ୍ୟପଟେ, ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ସଂଘର ପୁନର୍ଗଠନ କରାଯାଉଛି ବୋଲି ସତ୍ୟବାଦୀ ମିଶନ ଶକ୍ତି ବିପିଏମ୍ ତଥା ଓଡ଼ିଶା ଜୀବିକା ମିଶନ ଅଧିକାରୀ ଲଜ୍ଜିତ ମହଲା କହିଛନ୍ତି।

**ଖଣ୍ଡଗିରି ଯାତ୍ରା ମହାସମର**

# ୬ ପେଣ୍ଡାଲରେ ଲଢ଼େଇ

ଭୁବନେଶ୍ୱର,୭।୨ (ସୌମ୍ୟରଞ୍ଜନ ରାଉତ)





କୁମ୍ଭମେଳା ସହ ଯାତ୍ରା ମହାସମର ପାଇଁ ଖଣ୍ଡଗିରି ଉତ୍ସବମୁଖର ହୋଇଉଠିଛି। ଦିନରେ ଆଧ୍ୟାତ୍ମିକ ପରିବେଶ ଓ ରାତିରେ ଯାତ୍ରା କଳାକାରଙ୍କ ଦମ୍‌ଦାର ସଂଳାପ ଓ ଅଭିନୟରେ ପ୍ରକମ୍ପିତ ହୋଉଠୁଛି ଏହି ଐତିହ୍ୟ ଅଞ୍ଚଳ। ବିଭିନ୍ନ ପେଣ୍ଡାଲରେ ଓଲିଉଡ୍‌ର କଳାକାର ନିଜ କଳାର ଯାଦୁ ଦେଖାଉଛନ୍ତି। ଚଳିତ ବର୍ଷ ୭ଟି ପେଣ୍ଡାଲରେ ୨ ପର୍ଯ୍ୟାୟରେ ୧୩ ଅପେରା ଦଳ ନାଟକ ପରିବେଷଣ କରୁଥିବାବେଳେ ଶୁକ୍ରବାର ୬ ପେଣ୍ଡାଲରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଥିଲା। ଘାଟିକିଆ ସନାତନ ସେବା ସମିତି ମଞ୍ଚରେ ଗୁରୁବାର ପ୍ରଥମ ରାତିରେ 'ହାଇଦର' ନାଟକ ଦର୍ଶକଙ୍କ ମନ ଜିଣିଥିଲା। ଅଭିନେତା ପୀୟୂଷଙ୍କ ସହ ହୃଷୀ, ନାୟିକା ମାମା ଓ ଅନ୍ୟ କଳାକାର ଦମଦାର ଅଭିନୟ କରିଥିଲେ। ନାଟ୍ୟକାର ଡ. ଦୀପକ ଜେନାଙ୍କ ରଚିତ ଏହି ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ଗୁରୁ ମିଶ୍ର। ସେହିପରି ଶିବାନୀ ଗଣନାଟ୍ୟର ନାଟକ 'ହାଃ କୃଷ୍ଣ ବୋଲି ଯାଉ ଜୀବ' ମଧ୍ୟ ଦର୍ଶକଙ୍କୁ ବେଶ୍ ଭଲ ଲାଗିଛି। ଜାଗମରା ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ପରିବେଷିତ ଏହି ନାଟକରେ ନାୟକ ଗୌର ଦାସ ଓ ନାୟିକା କାବେରୀଙ୍କ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏଥିରେ ବ୍ରଜ ପାଣିଙ୍କ ହାସ୍ୟରସ ବି ସମସ୍ତଙ୍କୁ ଆକର୍ଷିତ କରିଥିଲା। ଡା. ନୀହାର ମହାନ୍ତିଙ୍କ ରଚିତ ଏହି ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଶାନ୍ତ ନାୟକ। ଶୁକ୍ରବାର ମଧ୍ୟ ଦୁଇ ଯାତ୍ରାନୁଷ୍ଠାନ ଦୁର୍ଗା ମନ୍ଦିର ଓ ଯାଜ୍ଞସେନୀ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବରମୁଣ୍ଡା ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ପେଣ୍ଡାଲରେ ଯାଜ୍ଞସେନୀ ଓ ମା' ମଙ୍ଗଳା ସାଂସ୍କୃତିକ ପରିଷଦ ଜାଗମରା ପେଣ୍ଡାଲରେ ଦୁର୍ଗା ମନ୍ଦିର ନାଟକ ପରିବେଷଣ କରିଥିଲେ।

### କଟକଣା ମାନିଲେନି, ଅଶ୍ଳୀଳ ନୃତ୍ୟ

ଅଶ୍ଳୀଳତାକୁ ନେଇ ସବୁବେଳେ ଚର୍ଚ୍ଚାରେ ଖଣ୍ଡଗିରି ଯାତ୍ରା। ତେବେ ପ୍ରତିବର୍ଷ ଏହା ଉପରେ କଟକଣା ଲଗାଯାଉଥିଲେ ମଧ୍ୟ କେଉଁଠି ନା କେଉଁଠି ଅଶ୍ଳୀଳା ପ୍ରଦର୍ଶନ କରାଯାଉଛି। ଏବର୍ଷ ମଧ୍ୟ ଅଶ୍ଳୀଳତାକୁ ବାରଣ କରାଯାଇଥିବାବେଳେ ବିଏମ୍‌ସି ଓ ଏକାମ୍ର ବିଧାୟକ ବାବୁ ସିଂ କଡା ଚେତାବନୀ ଦେଇଛନ୍ତି। ଏପରିକି ଅଶ୍ଳୀଳତା ରୋକିବାକୁ ବାରଭୁଜାଙ୍କ ପୀଠରେ ୧୦୦ ଠେଙ୍ଗା ପୂଜା ହୋଇଥିଲା। ତେବେ ପ୍ରଥମ ରାତିରେ କିଛି ଯାତ୍ରାନୁଷ୍ଠାନ ପକ୍ଷରୁ ଏହାର ନିୟମ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଥିଲା। ବିଶେଷକରି ମେଲୋଡି ଓ ଯାତ୍ରା ପରିବେଷଣ ଭିତରେ ହୋଇଥିବା ନୃତ୍ୟରେ ଅଶ୍ଳୀଳତା ପ୍ରଦର୍ଶନ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପାମେଲା ଜୈନ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

**ଖଣ୍ଡଗିରି ଉଦୟଗିରି ମହୋତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର,୭।୨(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ଐତିହ୍ୟ ଖଣ୍ଡଗିରି ପାଦଦେଶରେ ନବମ ଖଣ୍ଡଗିରି ଉଦୟଗିରି ମହୋତ୍ସବ ଆରମ୍ଭ ହୋଇଛି।. ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲିଉଡ୍ ଗାୟିକା ପାମେଲା ଜୈନ୍‌ଙ୍କ 'ସୁନେଲି ସୁନେଲି ଖରା', ବହୁ ଚର୍ଚ୍ଚିତ ଧାରାବାହିକ କୁମ୍‌କୁମ୍‌ର 'ଜୀବନ କର ଲେତାହେ ଶିଙ୍ଗାର' ଭଳି ଅନେକ ସୁମଧୁର ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ପ୍ରଥମେ ଓଡ଼ିଶୀ, ସମ୍ବଲପୁରୀ ସଙ୍ଗୀତର ଉତ୍ସବ ଆରମ୍ଭ ହୋଇଥିଲା। ସୁର୍ ସାଗର ମୁସିକଲ ଗ୍ରୁପ୍‌ର ଦୀପକ କୁମାର, ପୁନମ ମହାନ୍ତି, ନିହାର ରଞ୍ଜନ, ଦେବୀ ପ୍ରସାଦ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମସ୍ତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ପୂର୍ବତନ ମନ୍ତ୍ରୀ ଭୂପେନ୍ଦ୍ର ସିଂ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ମନ୍ମଥ ରାଉତରାୟ, ଅମିୟ ଦାସ, କର୍ପୋରେଟର ସଂଯୁକ୍ତ ସୁନ୍ଦରାୟ, କିରଣବାଳା ମାଝୀ,ଛବି ଦାସ, ସକିବା ମୁସରତ, ମହାମାୟା ସ୍ୱାଇଁ,ଶିବପ୍ରସାଦ ବେହେରା,ଶିବ ନାରାୟଣ ରାୟ, ପୂର୍ବତନ କର୍ପୋରେଟର ସୁଜିତ୍ କୁମାର ସ୍ୱାଇଁ, ଅଶିନୀ ସୁନ୍ଦରାୟ, ରୁନୁ ଜେନା, ହୃଦୟବଲବନ୍ତ ସାମନ୍ତରାୟ,ରାଜେଶ ପାତ୍ର, ପରିଷଦ ଉପ ସଭାପତି ସମରେନ୍ଦ୍ର ସାହୁ, ମନୋଜ ବେହେରା, ସୁରେଶ ବାରିକ, ସନ୍ତୋଷ ବେଜ ପ୍ରମୁଖ ଉପସ୍ଥିତ ଥିଲେ।




ମହୋତ୍ସବରେ ବଲିଉଡ୍ ଗାୟିକା ପାମେଲା ଜୈନ୍ ସଙ୍ଗୀତ ପରିବେଷଣ କରୁଛନ୍ତି।

# ପୋଲିସ ହାଉସିଂ କର୍ପୋରେଶନ, ଗୃହ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ କଲ୍ୟାଣ ନିଗମ ଲିମିଟେଡ (ଓପିଏଚ୍‌ଡବ୍ଲ୍ୟୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓପିଏଚ୍‌ଡବ୍ଲ୍ୟୁସି ସିଏମ୍‌ଡି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଓପିଏଚ୍‌ଡବ୍ଲ୍ୟୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ସେହିପରି ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକବର୍ଷରେ ଓପିଏଚ୍‌ଡବ୍ଲ୍ୟୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦କୋଟି ଟଙ୍କା ଲାଭର ଲକ୍ଷ୍ୟ ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନର ଲକ୍ଷ୍ୟ ରଖାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬% ଅଧିକ। ସେହିପରି ଏହି ଆର୍ଥିକ ବର୍ଷରେ ଓପିଏଚ୍‌ଡବ୍ଲ୍ୟୁସି ୭୦୦ ପ୍ରକଳ୍ପ ସମାପ୍ତ କରିବାକୁ ରାଜି ହୋଇଛି, ସେଥିରୁ ୨୦୦ଟି ପ୍ରକଳ୍ପ ମାଓବାଦୀ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବାକୁ ଓପିଏଚ୍‌ଡବ୍ଲ୍ୟୁସିକୁ ପରାମର୍ଶ ଦିଆଯାଇଥିବା ବୁଝାମଣାପତ୍ରରେ ଉଲ୍ଲେଖ ରହିଛି।

# 'ଶ୍ରମିକ ସଚେତନତା ରଥ' ଉଦ୍‌ଘାଟିତ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ଶ୍ରମିକଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ସଂସ୍କାର, ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି, ଶିଶୁ ଶ୍ରମିକ ଆଇନ୍ ସମ୍ବନ୍ଧରେ ଖୋର୍ଦ୍ଧା ଜିଲାର ଶ୍ରମିକଙ୍କୁ ସଚେତନ ଓ ଅବଗତ କରିବା ଉଦ୍ଦେଶ୍ୟରେ 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ ହୋଇଛି। ୟୁନିଟ୍-୩ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଜିଲାରେ ଏଭଳି ସଚେତନତା ରଥର ଶୁଭାରମ୍ଭ କରାଯାଇ ଶ୍ରମିକଙ୍କୁ ଶ୍ରମ ବିଭାଗର କଲ୍ୟାଣମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଦୁଡୁ, ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଶ୍ୱଜିତ ଏମ୍ ମହାପାତ୍ର, ପ୍ରଣବ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ କରୁଛନ୍ତି।

# ରାଜ୍ୟରେ ଆରମ୍ଭ ହେଲା 'ସୁଗମ୍ୟ ଯାତ୍ରା'




ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପତାକା ଦେଖାଇ 'ସୁଗମ୍ୟ ଯାତ୍ରା'ର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ 'ସୁଗମ୍ୟ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଓ ଏସ୍‌ଭି ନିର୍‌ତାର୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସିନେମା ଘର, ଡାକ୍ତରଖାନା, ବଡ଼ ବ୍ୟବସାୟ ଗୃହ, ପାର୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା କରିବା ପାଇଁ ପଦକ୍ଷେପ ନିଆଯାଇଛି। ପିଡବ୍ଲ୍ୟୁଡିର ଉପଲବ୍ଧତା ବୈଶିଷ୍ଟ୍ୟ ଉପରେ ଆର୍‌ପିଡବ୍ଲ୍ୟୁଡି ଅଧିନିୟମ ୨୦୧୬ରେ ଦିଆଯାଇଥିବା ବ୍ୟବସ୍ଥା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଅସୁବିଧାର ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଇବା ଏହି ଯାତ୍ରାର ଉଦ୍ଦେଶ୍ୟ। ପ୍ରତ୍ୟେକ ଜିଲାରେ ୨ଦିନ ପାଇଁ ଏହି ଯାତ୍ରା କରାଯିବ। ଏଥିପାଇଁ ସମ୍ପୃକ୍ତ ଜିଲାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ)ଙ୍କ ନେତୃତ୍ୱରେ ୨ରୁ ୩ଟି ଟିମ୍ ଗଠନ କରାଯାଇଛି। ସମଗ୍ର ରାଜ୍ୟରେ ପ୍ରାୟ ୭୦ଟି ଟିମ୍ ଗଠନ କରିବା ସହ ଯାତ୍ରା ସୁପରିଚାଳନା ପାଇଁ ଯାନବାହନ ଓ ଅନ୍ୟାନ୍ୟ ଜିନିଷ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଏସ୍‌ସି ପିଡି ବ୍ରତତୀ ହରିଚନ୍ଦନ, ଏସ୍‌ଭି ନିର୍‌ତାର୍ ନିର୍ଦ୍ଦେଶକ ଡ. ପତିତ ପାବନ ମହାନ୍ତି, ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଆର୍. ଜାନି, ଉପ ଶାସନ ସଚିବ ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବିଏମ୍‌ସିର ଚଢ଼ାଉ, ୬୦ କେଜି ଖାଦ୍ୟ ଜବତ

ଭୁବନେଶ୍ୱର, ୭।୨(ବନ୍ଦନା ସେଠୀ)

ଖଣ୍ଡଗିରିଠାରେ ଚାଲିଥିବା ମାଘମେଳାରେ ବାସି ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ଦୋକାନ ଉପରେ ଲଗାତାର ବିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି। ଗୁରୁବାର ଓ ଶୁକ୍ରବାର ଦୁଇଦିନ ମଧ୍ୟରେ ବିଏମ୍‌ସିର ଖାଦ୍ୟ ନିରୀକ୍ଷକ ପ୍ରାୟ ୬୦ କେଜି ଅଖାଦ୍ୟ ଜବତ କରିବା ସହ ନଷ୍ଟ କରିଛନ୍ତି। ଏହି ଦୁଇଦିନ ମଧ୍ୟରେ ୬୦ଟି ଦୋକାନ ଯାଞ୍ଚ କରାଯାଇଛି। ପ୍ରାୟ ୨୪ଟି ଖାଦ୍ୟ ନମୁନା ସଂଗ୍ରହ କରି ସେଗୁଡିକୁ ଭ୍ରାମ୍ୟମାଣ ଫୁଡ୍ ଟେଷ୍ଟିଂ ଲାବରେଟୋରିରେ ପରୀକ୍ଷା କରାଯାଉଛି। କେତେକ ଫାଷ୍ଟଫୁଡ୍ ଦୋକାନ, ଗୁପ୍‌ଚୁପ୍ ଦୋକାନ, ହୋଟେଲ ଆଦିରେ ଖାଦ୍ୟ ଯାଞ୍ଚ କରାଯାଇଥିଲା। ଖାଦ୍ୟ ଉପଯୋଗୀ ହୋଇ ନ ଥିବା ରନ୍ଧା ଖାଦ୍ୟକୁ ଜବତ କରିବା ସହ ସେଗୁଡିକୁ ନଷ୍ଟ କରାଯାଇଛି। ଏବାବଦକୁ ପ୍ରାୟ ୩୫ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ନୋଟିସ ଜାରି କରାଯାଇଛି। ଆଗକୁ ମଧ୍ୟ ଏହି ଚଢାଉ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଭିଜିଲାନ୍ସ ତଦନ୍ତ, ବିଚାର ପ୍ରକ୍ରିୟାକୁ ବଳିଷ୍ଠ କରିବାକୁ ଗୁରୁତ୍ୱ



କର୍ମଶାଳାରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା ଓ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୭।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଭିଜିଲାନ୍ସ ଏକାଡେମୀରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ଦୁଇ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ଏହି କର୍ମଶାଳାରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଭିଜିଲାନ୍ସ ଡିଭିଜନ୍‌ଗୁଡ଼ିକର ଏସ୍‌ପି, ଭିଜିଲାନ୍ସ ୟୁନିଟ୍ ମୁଖ୍ୟ, ଅନୁସନ୍ଧାନକାରୀ, ପ୍ରସିକ୍ୟୁଟର, ଭିଜିଲାନ୍ସର ଟେକ୍ନିକାଲ ଓ ଫାଇନାନ୍‌ସିଆଲ୍ ଏକ୍ସପର୍ଟ ପ୍ରମୁଖ ଯୋଗଦେଇଥିଲେ। ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ କର୍ମଶାଳାରେ ବିଭିନ୍ନ ଦିଗକୁ ନେଇ ଆଲୋଚନା ସହ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜେଠୱା କହିଲେ, ଅଭିଯୁକ୍ତଙ୍କୁ ଧରିବା, ତଦନ୍ତ ଓ ମାମଲାର ବିଚାର ପ୍ରକ୍ରିୟାକୁ ରାଜ୍ୟ ଭିଜିଲାନ୍ସ ଅଧିକ ପ୍ରାଥମିକତା ଦେଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜେଠୱା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏକ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗତବର୍ଷ ଉତ୍ତମ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାମଲାର ବିଚାର ପ୍ରକ୍ରିୟାକୁ ଅଧିକ ବଳିଷ୍ଠ କରିବାକୁ ଶୁକ୍ରବାର କର୍ମଶାଳାର ଦ୍ୱିତୀୟ ଦିନରେ ଭିଜିଲାନ୍ସ କୋର୍ଟର ପ୍ରସିକ୍ୟୁଟରଙ୍କ ସହ ଆଲୋଚନା କରାଯିବ। ଦଣ୍ଡବିଧାନ ହାର ଯେପରି ଅଧିକ ହୋଇପାରିବ ସେନେଇ ଅଧିକ ଆଲୋଚନା ଓ ବିଚାରବିମର୍ଶ ହେବ।

# ୧୩ରୁ ଏକାଦଶ ଆଉଟ୍‌ରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳା

ଭୁବନେଶ୍ୱର,୭।୨(ସୌମ୍ୟରଞ୍ଜନ ରାଉତ)

**ବର୍ଣ୍ଣାଳି ହୋତା ପାଇବେ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ'**

ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ଦୁଇଦିନିଆ ଏକାଦଶ ଆଉଟ୍‌ରିଚ୍ ଅନ୍ତର୍ଜାତୀୟ ରେଡ଼ିଓ ମେଳା ଆସନ୍ତା ୧୩ ତାରିଖରୁ ଭଞ୍ଜକଳା ମଣ୍ଡପରେ ଆରମ୍ଭ ହେବ। ଏଥିରେ ଦେଶର ବହୁ ରେଡିଓ ପ୍ରସାରକ ଓ ଷ୍ଟେଶନ ଯୋଗଦେବେ। ରାଜ୍ୟର ଅନେକ କମ୍ୟୁନିଟି ରେଡିଓ ଷ୍ଟେଶନ ମଧ୍ୟ ମେଳାରେ ସାମିଲ ହେବ। ୩ ହଜାରରୁ ଅଧିକ ପୁରୁଣା ରେଡ଼ିଓ, ପ୍ରସାରଣ ସାମଗ୍ରୀ, ହାମ ରେଡ଼ିଓ ଓ ଗ୍ରାମଫୋନ ପ୍ରଦର୍ଶନ କରାଯିବ। ଏହି ଅବସରରେ ପ୍ରସାରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯିବ। କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତାଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ', ଆକାଶବାଣୀର ଅବସରପ୍ରାପ୍ତ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ ଅଭୟ ଦାସଙ୍କୁ 'ନଦିଆ ବିହାରୀ ସ୍ମୃତି ସମ୍ମାନ' ଦିଆଯିବ। ଏଥିସହ ଛାତ୍ରୀଛାତ୍ରମାନେ ରେଡିଓ ବୁଲେଟିନ ପଠନ, ରିପୋର୍ଟ ରାଇଟିଂ ସହ ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିପାରିବେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କେନ୍ଦୁଝରର ରେଡିଓ କୁହାରକୁ ଜନ ସେବାରେ ରେଡିଓର ସର୍ବୋତ୍କୃଷ୍ଟ ବ୍ୟବହାର ପାଇଁ ସମ୍ମାନିତ କରାଯିବ। ଚଳିତ ବର୍ଷ ରେଡ଼ିଓ ମେଳାରେ ନେପାଳ କମ୍ୟୁନିଟି ରେଡିଓ ପ୍ରସାରକ ସଂଘ ସଭାପତି ଅର୍ଜୁନ ଗିରି ଯୋଗଦେବେ। ବୋଲଗଡ଼ର ଅକ୍ଷୟ ପଟ୍ଟନାୟକ ଏବଂ ଭୁବନେଶ୍ୱରର ରାଜେନ୍ଦ୍ର ସାହୁ ରେଡ଼ିଓ ସଂଗ୍ରାହକ ଭାବେ ଯୋଗଦେବେ ବୋଲି ଆୟୋଜକ ସୁବ୍ରତ କୁମାର ପତି ସୂଚନା ଦେଇଛନ୍ତି।

# ୱଣ୍ଡର୍ଲା ଭୁବନେଶ୍ୱରରେ ଆକର୍ଷଣୀୟ ରିହାତି ଅଫର

ଭୁବନେଶ୍ୱର,୭।୨(ଅଭୟ ଦାସ)




ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ 'ଭାଲେଣ୍ଟାଇନ୍ସ ଡେ ସ୍ପେଶାଲ' ଅଫରର ଶୁଭାରମ୍ଭ ଶୁକ୍ରବାରଠାରୁ ହୋଇଯାଇଛି। ଏପରିକି ଏହି ଅଫର ୱଣ୍ଡର୍ଲା ଭୁବନେଶ୍ୱର ପାର୍କରେ ମଧ୍ୟ ଆରମ୍ଭ ହୋଇଯାଇଛି। ଏହି ଅଫର ୨୦୨୫ ଫେବୃଆରୀ ୧୬ ପର୍ଯ୍ୟନ୍ତ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ପାର୍କ ପକ୍ଷରୁ ଉଭୟ ସିଙ୍ଗଲ ଓ କପଲ୍‌ମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିପାଇଁ ଆକର୍ଷଣୀୟ ରିହାତି ଅଫର ତଥା ଅଦ୍ୱିତୀୟ ଅଭିଜ୍ଞତାର କାର୍ଯ୍ୟକ୍ରମ ସାମିଲ ରହିଛି। ସେହିଭଳି କପଲ୍‌ମାନଙ୍କ ପାଇଁ ୱଣ୍ଡର୍ଲା ଭୁବନେଶ୍ୱର ଏକ ୱେଭ୍ ପୁଲ୍ ଡିନରର ବ୍ୟବସ୍ଥା କରିଥିବାବେଳେ ଏହା ପାର୍କର ବିଶେଷ ଆକର୍ଷଣ ହେବାକୁ ଯାଉଛି। ଏଥିରେ ସଙ୍ଗୀତ, କାରୋକେ ଏବଂ ଏମ୍‌ସି ପରିଚାଳିତ ଅନେକ ସାନ୍ଧ୍ୟ ମନୋରଞ୍ଜନର ଆୟୋଜନ ରଖିଛି, ଯାହାକି ଏଭଳି ଏକ ପ୍ରେମର ପର୍ବ ପାଳନ କରିବା ପାଇଁ କପଲ୍ ମାନଙ୍କ ପାଇଁ ବ୍ୟବସ୍ଥିତ ରହିଛି। ସେହିପରି ଭାଲେଣ୍ଟାଇନ୍ସ ଦିବସ ପରେ ଆକର୍ଷଣୀୟ ସିଙ୍ଗଲ ଡେ ଫେବୃଆରୀ ୧୫ ଏବଂ ୧୬ରେ ୱଣ୍ଡର୍ଲା ଭୁବନେଶ୍ୱର ପକ୍ଷରୁ ଆୟୋଜନ କରାଯାଉଛି। ଏଥିରେ ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍‌ର ଏକ ସିଧା ପ୍ରସାରଣ ସାମିଲ ରହିଛି, ଯେଉଁଥିରେ ସଙ୍ଗୀତ, ନୂଆ ବନ୍ଧୁମିଳନ ତଥା ଏକ ମେମୋରେବଲ ଟାଇମ୍ ଅନ୍ତର୍ଭୁକ୍ତ ରହିଛି। କପଲ୍ ପାସ୍, ଅନନ୍ୟ ଖାଦ୍ୟ ତଥା ମିଳିତ ଟିକେଟ ଉପରେ ୪୦% ଡିସ୍‌କାଉଣ୍ଟ କାର୍ଯ୍ୟକ୍ରମକୁ ଆହୁରି ଅଧିକ ବିଶେଷ ଉପଭୋଗ କରିବା ପାଇଁ ୱଣ୍ଡର୍ଲା ଭୁବନେଶ୍ୱର ଅନ୍‌ଲାଇନ ବୁକିଂ ମାଧ୍ୟମରେ କପଲ୍ ପାସ୍, ଅନନ୍ୟ ଖାଦ୍ୟ ତଥା ମିଳିତ ଟିକେଟ ଉପରେ ୪୦% ଡିସ୍‌କାଉଣ୍ଟ ବ୍ୟବସ୍ଥା ରଖିଛି। ଏଭଳି ଏକ ଅବିଶ୍ୱସନୀୟ ବ୍ୟବସ୍ଥା ୱଣ୍ଡର୍ଲାର ଅନ୍‌ଲାଇନ ବୁକିଂ ମାଧ୍ୟମରେ ଉପଲବ୍ଧ। ଏହା କେବଳ ୨୦୨୫ ଫେବୃଆରୀ ୧୪ ମଧ୍ୟରେ ଉପଲବ୍ଧ ହେଉଛି, ଯାହାର ସମ୍ପୂର୍ଣ୍ଣ ମଜା ନେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ପଞ୍ଜୀକରଣ(ବୁକିଂ) ଆରମ୍ଭ ହୋଇଯାଇଛି।

ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଏକ୍ସିକ୍ୟୁଟିଭ ଚେୟାରମ୍ୟାନ ଅରୁଣ କେ. ଚିଟ୍ଟିଲାପିଲ୍ଲି କହିଛନ୍ତି, ଏକ ଅତ୍ୟନ୍ତ ସ୍ମୃତିମଧୁର ସୁଯୋଗ ସୃଷ୍ଟି ତଥା ଏଥିସହ ପ୍ରିୟଜନଙ୍କୁ ଭଲ ପାଇବା ସର୍ବୋପରି ନିଜେ ଅତି ସରଳ ଭାବେ ଏଭଳି ଏକ ସମୟକୁ ଉପଭୋଗ କରିବା ଏହି ଭାଲେଣ୍ଟାଇନ୍ସ ଦିବସ ତଥା ସିଙ୍ଗଲ୍ ସପ୍ତାହ ପାଳନର ସବୁଠାରୁ ଠିକ୍ ସୃଷ୍ଟିକାରିତାକୁ ବୁଝାଇଥାଏ।

# ଡୁମୁଡୁମାରେ ଶ୍ମଶାନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

### ୨୨ ଟ୍ରାଫିକ୍ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୭।୨(ବନ୍ଦନା ସେଠୀ)




ଖଣ୍ଡିଗିରି ଟ୍ରାଫିକ ସହାୟତା କେନ୍ଦ୍ରର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥିମାନେ।

ସହରର ଶ୍ମଶାନରେ ଦାହ ସଂସ୍କାର ସେବାର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଡୁମୁଡୁମାରେ ନୂଆ ଶ୍ମଶାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧.୫୮ ଏକର ଜମିରେ ଶ୍ମଶାନ ନିର୍ମାଣ ହେବାକୁଥିବାବେଳେ ଏଥିପାଇଁ ୪.୬୦କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏଥିରେ ପ୍ରତୀକ୍ଷା ହଲ୍, ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ପୋଷାକ ପରିବର୍ତ୍ତନ କକ୍ଷ, ପ୍ରଶାସନିକ ଭବନ, ଜଳାଶୟ ଏବଂ ଦାହ ସଂସ୍କାର ପାଇଁ ଆଧୁନିକ ବିଦ୍ୟୁତ/ଗ୍ୟାସ୍ ଭଳି ବ୍ୟବସ୍ଥା ରହିବ। ସେହିପରି ସମସ୍ତଙ୍କ ସୁବିଧା ପାଇଁ ଶ୍ମଶାନରେ ରାମ୍ପ ଏବଂ ସାଇନେଜ୍ ବ୍ୟବସ୍ଥା ରହିବ। ଗାଡ଼ିପାର୍କିଂ ଓ ପରିବେଶ ସୁରକ୍ଷାକୁ ଧ୍ୟାନରେ ରଖି ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ରହିବ।

ପରେ ମନ୍ତ୍ରୀ ଖଣ୍ଡଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ୨୨ଟି ଟ୍ରାଫିକ୍ ସହାୟତା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରଗୁଡ଼ିକ ଦୀର୍ଘ ସମୟଧରି ରୋଡ୍‌ରେ କାର୍ଯ୍ୟରତ ଥିବା ଟ୍ରାଫିକ୍ ପୋଲିସ ଅଧିକାରୀଙ୍କ ସୁବିଧା ନିମନ୍ତେ ପ୍ରସ୍ତୁତ କରାଯାଇଛି। ସେଠାରେ ପରିସ୍ରାଗାର, ବିଶ୍ରାମ ସ୍ଥଳ ଭଳି ସୁବିଧା ରହିଥିବାବେଳେ ଟ୍ରାଫିକ ନିରୀକ୍ଷଣ ସେବାକୁ ସୁପରିଚାଳନା କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସହରର ପ୍ରମୁଖ ଛକରେ ଟ୍ରାଫିକ୍ ପରିଚାଳନାକୁ ଅଧିକ ସୁଗମ କରିବା ପାଇଁ ମୋଟ ୨୨ଟି ଟ୍ରାଫିକ ସହାୟତା କେନ୍ଦ୍ର ନିର୍ମାଣ କରି କମିଶନରେଟ ପୋଲିସକୁ ହସ୍ତାନ୍ତରିତ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକର ନିର୍ମାଣ ପାଇଁ ମୋଟ ୨.୬କୋଟି ଟଙ୍କା ବ୍ୟୟ ହୋଇଛି। ଟ୍ରାଫିକ୍ ପୋଲିସ ଅଧିକାରୀମାନେ ବର୍ଷା, ଖରା ଭଳି ପ୍ରତିକୂଳ ପରିସ୍ଥିତିରେ ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିଥାନ୍ତି। ଏହି ପଦକ୍ଷେପ ସେମାନଙ୍କ କାର୍ଯ୍ୟ ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିବା ସହ ସେମାନଙ୍କୁ ଅଧିକ ସୁବିଧାଯୋଗ୍ୟ ପରିବେଶ ପ୍ରଦାନ କରିବ, ଯାହା ସେମାନଙ୍କ କାମକୁ ଅଧିକ ସୁଗମ ଓ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ସାହାଯ୍ୟ କରିବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ବିଡିଏ ଉପାଧ୍ୟକ୍ଷ ଡ.ଏନ୍. ତିରୁମାଲା ନାୟକ ଏବଂ ବିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ବାଣପୁର,୭।୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ଅଧୀନ ଭୀମପୁର ଅଞ୍ଚଳରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ମାମିନା ନାୟକ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ମୃତାଙ୍କ ସ୍ୱାମୀ ଭରତ ନାୟକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଣପୁର ଥାନା ଦାଶରଥିପୁର ଗ୍ରାମର ମାମିନା ୬ବର୍ଷ ପୂର୍ବେ ଭୀମପୁର ଅଞ୍ଚଳର ଭରତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ କନ୍ୟାଘର ପକ୍ଷରୁ ୩୦ହଜାର ଟଙ୍କା, ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଅଳଙ୍କାର ଏବଂ ବାଇକ୍ ଦିଆଯାଇଥିଲା। ତେବେ ବିବାହର ଏକ ବର୍ଷ ପରେ ୫୭ହଜାର ଟଙ୍କା ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ମାମିନାଙ୍କୁ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଉଭୟ ପରିବାରର କେତେଜଣ ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯିବାରୁ ମାମିନା ଶାଶୁଘରକୁ ଯାଇଥିଲେ। ତେବେ କିଛିଦିନ ପରେ ପୁଣି ଅଧିକ ୬୦ହଜାର ଟଙ୍କା ଦାବି କରି ମାମିନାଙ୍କୁ ଶାଶୁଘର ଲୋକେ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ମାମିନା ଆତ୍ମହତ୍ୟା କରିଥିବା ଖବରପାଇ ବାପଘର ଲୋକେ ପହଞ୍ଚିଥିଲେ। ଅନ୍ୟପଟେ ଶାଶୁଘର ଲୋକେ ମାମିନାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହକୁ ରଶିରେ ଝୁଲାଇ ଦେଇଛନ୍ତି ବୋଲି ମାମିନାଙ୍କ ମା' ରଜନୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

### ଅରୁଗୁଳ ଗୋଲ୍ଡେନ କ୍ଲବ୍ ଫାଇନାଲରେ

#### କଣ୍ଠାମଲିମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାଘମାରୀ,୭।୨(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କଣ୍ଠାମଲିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅରୁଗୁଳ ଗୋଲ୍ଡେନ କ୍ଲବ ଏବଂ ଘାଟିକିଆ ବଜରଙ୍ଗ ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ୨-୧ ଗୋଲରେ ଅରୁଗୁଳ ଗୋଲ୍ଡେନ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ଗିରିଶ ଚନ୍ଦ୍ର ଯାନୀ, ପ୍ରଫୁଲ୍ଲ କୁମାର ବେହେରା, ସାଗିର ଅହମ୍ମଦ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ କମିଶନରଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଅଜୟ କୁମାର ମାର୍ଥା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, ଉପଦେଷ୍ଟା କମିଟି ସଦସ୍ୟ ସନ୍ତୋଷ ବଳିୟାରସିଂହ, ଲଡୁକିଶୋର ପାତ୍ର, ଚନ୍ଦ୍ରଶେଖର ପାତ୍ର, ଗୋପୀନାଥ ହରିଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଅରୁଗୁଳ ଗୋଲ୍ଡେନ କ୍ଲବ ଏବଂ ବାଙ୍କୀ ଟାଉନ କ୍ଲବ୍ ମଧ୍ୟରେ ହେବ ବୋଲି ମୁଖ୍ୟ ପରିଚାଳକ କୃପାସିନ୍ଧୁ ମାର୍ଥା କହିଛନ୍ତି।

# ଜିଲାରେ ନାହିଁ ଏଫ୍‌ଏକ୍ୟୁ ମାନର ଧାନ

ଖୋର୍ଦ୍ଧା ଅଫିସ,୭।୨(ପ୍ରଭାତ ପାଣିଗ୍ରାହୀ)

- ୨୮,୫୪୦ ଚାଷୀଙ୍କଠାରୁ କିଣାଯାଇଛି ୧୦.୧୨ଲକ୍ଷ କ୍ୱିଣ୍ଟାଲ
- ପୁଣି ୪.୪୦ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ

ଖୋର୍ଦ୍ଧା ଜିଲାରେ ଖରିଫ ୨୦୨୪-୨୫ ଧାନକିଣା ଚାଲିଛି। ଚଳିତ ବର୍ଷ ପ୍ରାଥମିକ ପର୍ଯ୍ୟାୟରେ ୧୨ଲକ୍ଷ ଟାର୍ଗେଟ ରହିଥିବା ବେଳେ ଶୁକ୍ରବାର ସୁଦ୍ଧା ୨୮,୫୪୦ ଚାଷୀଙ୍କଠାରୁ ୧୦.୧୨ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଛି। ପୁଣି ୪.୪୦ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଟାର୍ଗେଟ୍ ଦିଆଯାଇଛି। ଏହାକୁ ମିଶାଇ ମୋଟ ୧୪.୫୨ଲକ୍ଷ କ୍ୱିଣ୍ଟାଲ କିଣାଯିବା ପାଇଁ ଲକ୍ଷ୍ୟ ରହିଛି ବୋଲି ଡିଆର୍‌ସିଏସ୍ ଅଳକାନନ୍ଦ ଜେନା କହିଛନ୍ତି। ତେବେ ଚଳିତ ବର୍ଷ ଜିଲାରେ ଏଫ୍‌ଏକ୍ୟୁ ମାନର ଧାନ ନାହିଁ। ଅଦିନିଆ ଲଘୁଚାପ ବର୍ଷାରେ ଅମଳ ଧାନ ଭିଜି ଏହାର ମାନ ନଷ୍ଟ ହୋଇଛି। ଶହେରୁ ଊର୍ଦ୍ଧ୍ୱ ମଣ୍ଡିରେ ଧାନର ମାନ ପରୀକ୍ଷଣ କରାଯାଇଥିବା ବେଳେ ଏହାର ମାନ ଏଫ୍‌ଏକ୍ୟୁ ନ ଥିବା ଜଣେ ପ୍ରଶାସନିକ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ସରକାର ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ ୨୩ଶହ ଟଙ୍କା ଉପରେ ୮ଶହ ଟଙ୍କା ଇନପୁଟ୍ ସହାୟତା ରାଶି ଘୋଷଣା କରିଛନ୍ତି। ସେପଟେ ଧାନ ଏଫ୍‌ଏକ୍ୟୁ ନ ଥିବା କହି ମିଲର୍ସମାନେ ୫ରୁ ୧୦କେଜି ପର୍ଯ୍ୟନ୍ତ ଧାନ କାଟୁଥିବା ଚାଷୀ ଗଣମାଧ୍ୟମରେ କହିଛନ୍ତି। ଏନେଇ ଡିଆର୍‌ସିଏସ୍ ଜେନା କହିଛନ୍ତି, ଚାଷୀଙ୍କ ପକ୍ଷରୁ ପାସ-ଇଗଭର୍ନାନ୍ସ, ଟୋଲ ଫ୍ରି ନମ୍ବର, ଇ-ମେଲ ଏବଂ ସିଧାସଳଖ ଅଭିଯୋଗପତ୍ର ଗ୍ରହଣ କରାଯାଉଛି। ଚାଷୀଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯାଉଛି। କେତେକ ମଣ୍ଡିରେ ଅନିୟମିତତା ନେଇ ଆସିଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିକଟରେ ଟାଙ୍ଗୀ ବ୍ଲକ କାଶୀପୁର-୨ ପ୍ୟାକ୍ସରେ ଧାନକିଣାରେ ଅନିୟମିତତା ଲାଗି ପ୍ୟାକ୍ସ ସମ୍ପାଦକଙ୍କୁ ଧାନକିଣାରୁ ନିବୃତ୍ତ କରାଯାଇଥିବା ଜେନା ପ୍ରକାଶ କରିଛନ୍ତି।

ସରକାର ଚାଷୀଙ୍କ ବିକାଶ ପାଇଁ କହୁଥିବା ବେଳେ ପ୍ରତିବର୍ଷ ଚାଷୀ ଧାନ ବିକ୍ରି ବେଳେ ମଣ୍ଡିରେ ଶୋଷଣର ଶିକାର ହେଉଛନ୍ତି। କଟ୍‌ନିଛଟ୍‌କୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଚଳିତବର୍ଷ ଚାଷୀ ଧାନ ଫସଲ କରିଥିବା ଜମିର ସାଟେଲାଇଟ ସର୍ଭେ କରିଥିଲେ। ଜିଲାର ଅଧିକାଂଶ ସ୍ଥାନରେ ଜମି ପଡିଆ ପଡିଥିବା, ଚାଷଜମିରେ ଘରବାରି, ଆଦୌ ଧାନ ଅମଳ ହୋଇ ନ ଥିବା ସତ୍ତ୍ୱେ ଚାଷୀଙ୍କ ନାମ ପଞ୍ଜୀକରଣରେ ରହିଛି। ଏଭଳି ଚାଷୀଙ୍କଠାରୁ ଧାନସଂଗ୍ରହ ଲାଗି ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ସତ୍ତ୍ୱେ ଅଧିକାଂଶ ଚାଷୀଙ୍କ ନାମ ତାଲିକରେ ଅନ୍ତର୍ଭୁକ୍ତ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଖୋର୍ଦ୍ଧା ପୁରୁସାହି ସମିତିରେ ଚାଷୀ ନାରାୟଣ ସ୍ୱାଇଁ କୁହନ୍ତି, ଗତବର୍ଷ ୪୫ କ୍ୱିଣ୍ଟାଲ ଧାନ ଦେଇଥିଲି। ଚଳିତ ବର୍ଷ ସାଢ଼େ ୪ଏକର ଧାନ ଚାଷ କରିଛି। ତେବେ ଧାନ ବିକ୍ରି ଲାଗି ୨୪ କ୍ୱିଣ୍ଟାଲ ଟୋକନ ଆସିଛି। ପ୍ୟାକ୍ସଠାରୁ ପ୍ରଶାସନ ପର୍ଯ୍ୟନ୍ତ କେହି ଗୁହାରି ଶୁଣୁନାହାନ୍ତି। ସେହିଭଳି ସମାନ ଅଭିଯୋଗ ଆଣିଛନ୍ତି ଜଟଣୀ ବ୍ଲକ କୁଶମାଟି ଗ୍ରାମର ସନ୍ତୋଷ ବାରିକ। ସେ କହିଛନ୍ତି, ଗତବର୍ଷ ତୁଳନାରେ ଏଥର କମ୍ ଧାନ ବିକ୍ରି ଲାଗି ଟୋକନ ଆସିଛି। ଅନ୍ୟପଟେ କେତେକ ସ୍ଥାନରେ ଅଣଚାଷୀଙ୍କ ନାଁରେ ଧାନ ବିକ୍ରି ଚାଲିଥିବା ଜଣାପଡିଛି। ତେବେ ଧାନକିଣାରେ ଅବ୍ୟବସ୍ଥା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ଦାୟୀ କରିଛନ୍ତି। ସେହିପରି ଚାଷୀ ନେତା ମନଓ୍ୱର ଅଲ୍ଲୀ କୁହନ୍ତି, ଧାନକିଣିବା ପ୍ରତି ସରକାରଙ୍କ ଇଚ୍ଛା ନାହିଁ। ପ୍ରତିବର୍ଷ ବିଳମ୍ବରେ ମଣ୍ଡି ଖୋଲୁଛି। ମଣ୍ଡି ସ୍ୱାଭାବିକ ହେବା ଲାଗି ମାସେ ବିତିଯାଉଛି। ଟାର୍ଗେଟ ଅନୁସାରେ ଟୋକନ ଆସୁନି। ଟାର୍ଗେଟ ଆସିବା ବେଳେ ଟୋକନ ଅବଧି ସରିଲେ, ଧାନ କିଣାଯାଉନି। ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସେ କହିଛନ୍ତି।

# ଝୁମର, ଓଡ଼ିଶୀ ନୃତ୍ୟ ମନମୋହିଲା



ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଟାଙ୍ଗୀ,୭।୨(ରଘୁନାଥ ସାହୁ)

**ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଟାଙ୍ଗୀ ବାଇପାସ୍ ନିକଟ ରାଧାକ୍ରିଷ୍ଣ ଭିଲ୍ଲା ପରିସରରେ ଅନୁଷ୍ଠିତ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ସୁନ୍ଦରଗଡ଼ ମା'ତାରିଣୀ କ୍ରିଷ୍ଣା ନୃତ୍ୟ ଅନୁଷ୍ଠାନ ଦ୍ୱାରା ଆଦିବାସୀ ନୃତ୍ୟ 'ଝୁମର' ଏବଂ ଏସ୍‌ଏସ୍ କେପି ଡ୍ୟାନ୍ସ ଗ୍ରୁପ ପୁରୀ ଦ୍ୱାରା ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ 'ମୋ ଓଡ଼ିଶା' ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧନୟାଗଡ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାର କାଲୁପଡାଘାଟ, ମାଉଣ୍ଟ ଲିଟେରା ଜି ସ୍କୁଲ ଟାଙ୍ଗୀ, କଳିଙ୍ଗ ଭାରତୀ ବିଦ୍ୟାନିକେତନ କନ୍ଧନୟାଗଡ଼, ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟାଙ୍ଗୀର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଓଡ଼ିଶା ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାରତ ଭୂଷଣ ଜଗଦେବ ଯୋଗଦେଇଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା.ସତ୍ୟରଞ୍ଜନ ନନ୍ଦ, ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାର କାଲୁପଡାଘାଟ ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ଟାଙ୍ଗୀ,୭।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ଝରିଆସ୍ଥିତ ମା'ବ୍ରାହ୍ମଣୀ ଦେବୀ କମିଟି ଆନୁକୂଲ୍ୟରେ ଶତାଧିକ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମା'ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଝରିଆ, ପଣଶପୁର, ବରିକୋ, ସିଙ୍ଗରମା, ଗୋଡିସାହି, ବଧିସାହିର ୭୦ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ଜିଲା କଂଗ୍ରେସ ପ୍ରବକ୍ତା ଅମିତ ମହାନ୍ତି, ଆରତି ମଞ୍ଜରୀ ଦେବୀ ପ୍ରମୁଖ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ। ସେମାନଙ୍କୁ ସମସ୍ତେ ସମ୍ମାନ ଦେବା ଉଚିତ। ଆୟୋଜକ କମିଟି ସଦସ୍ୟ ବଭ୍ରୁବାହନ ପଲାଇ ସଭା ପରିଚାଳନା କରିଥିବା ବେଳେ ଗ୍ରାମ୍ୟ କମିଟି ସଭାପତି ବୀରବର ପଣ୍ଡା, ସଦସ୍ୟ ବିରଞ୍ଚି ଭୋଳ, ମିତ୍ରଭାନୁ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

# 'ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଶିକ୍ଷାକୁ ପ୍ରାଧାନ୍ୟ ଦିଅ'



ଅତିଥିଙ୍କଠାରୁ କୃତୀ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ, ୭।୨ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଠାବାଡ଼ସ୍ଥିତ ରମାମଣି ମହାବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ-୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଉପଜିଲାପାଳ ତଥା ପରିଚାଳନା କମିଟିର ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ସଭାପତି ତଥା ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ରଥ ଅଧ୍ୟକ୍ଷ ଗଙ୍ଗାଧର ଦାଶ ମଞ୍ଚାସୀନ ଥିଲେ। ପ୍ରଧାପକ ନାରାୟଣ ବନ୍ଧୁ ପଟ୍ଟନାୟକ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାମାନେ ତୁମେ ସମୟାନୁବର୍ତ୍ତିତା ହୁଅ, ବିଦ୍ୟାଳୟର ଆବଦ୍ଧ ଭିତରେ ନିଜର ଶାଳୀନତା ରକ୍ଷାକର, ଉଚ୍ଚଶିକ୍ଷାକୁ ପ୍ରାଧାନ୍ୟ ଦିଅ, ଦେଖିବ ଉଜ୍ଜ୍ୱଳ ଭବିଷ୍ୟତ ଆପେ ଆପେ ମିଳିବ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ଇନ୍ଦୁଭୂଷଣ ହରିଚନ୍ଦନ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ ସଂସଦର ଉପସଭାପତି ଶ୍ୟାମାପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ କୁମାର ପଟ୍ଟନାୟକ, ବରିଷ୍ଠ କିରାଣି ରାଧାଶ୍ୟାମ ସାହୁ ଏବଂ ଅଜୟ କୁମାର ସାହୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ଭକ୍ତି, ସେବା ଦ୍ୱାରା ଜଗନ୍ନାଥ ସଂସ୍କୃତି ସହ ଯୋଡ଼ି ହୋଇପାରିବା'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଣପୁର,୭।୨(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ନଇରୀ ଗଙ୍ଗାଯମୁନା ଘାଟ ଅନତିଦୂର ଚିଲିକା ଜଳ ପରିବେଷ୍ଟିତ ଲୀଳାକ୍ଷେତ୍ର କାଙ୍କଣଶିଖରୀ ପୀଠରେ ୭ମ ଶ୍ରୀଜଗନ୍ନାଥ ମହୋତ୍ସବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ମହୋତ୍ସବର ଦ୍ୱିତୀୟ ଦିବସରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ଚର୍ଚ୍ଚା ହୋଇଥିଲା। କାଙ୍କଣଶିଖରୀ ପୀଠର ସଭାପତି ଡ.ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତା ଏବଂ ବିଶିଷ୍ଟ ପ୍ରବଚକ ପାର୍ଥସାରଥି ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଶ୍ରୀମନ୍ଦିରର ମା'ସୁଭଦ୍ରାଙ୍କ ବାଡ଼ଗ୍ରାହୀ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ଭଲ ମଣିଷ ହେବା ପାଇଁ ପ୍ରଥମେ ଗୁରୁ ଏବଂ ପିତାମାତାଙ୍କୁ ଭକ୍ତି କରିବା ସହ ସେବା ମନୋଭାବସମ୍ପନ୍ନ ହେବା ଉଚିତ। ତେବେ ଯାଇ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଯୋଡ଼ି ହୋଇ ମହାପ୍ରଭୁଙ୍କ ନିକଟରେ ସମର୍ପିତ ହୋଇପାରିବା ବୋଲି ଶତପଥୀ ପ୍ରକାଶ କରିଥିଲେ। ଅତିଥିଭାବେ ବିଶିଷ୍ଟ ଚିକିତ୍ସାବିତ୍ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ପୂର୍ବତନ ମନ୍ତ୍ରୀ ଡ. ପ୍ରସନ୍ନ ପାଟ୍ଟଶାଣୀ, ଡା.ମଧୁସୂଦନ ସେନାପତି, କଥା ଲହରିର ସଂଯୋଜକ ଅରବିନ୍ଦ ଦାସ, ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟର ସମ୍ପାଦକ ଦେବେନ୍ଦ୍ର କୁମାର ଦାସ, ନନ୍ଦ କିଶୋର ଜେନା, ସୁମିତ୍ରା ଜେନା, କାଙ୍କଣ ପୀଠର ଯଜ୍ଞ ପୁରୋଧା ହାଡୁବନ୍ଧୁ ପଟ୍ଟନାୟକ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅଶ୍ୱିନୀ କୁମାର ମହାପାତ୍ର, ବିରଞ୍ଚି ନାରାୟଣ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ନମିତା ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଲୀଳା ମଣ୍ଡପରେ ସ୍ଥାପିତ ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ଭାଗବତ ପାଠ ଓ ଜଣାଣ ପାଠ ମଧ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ନିମକାଠରେ ନିର୍ମିତ ସ୍ଥାନୀୟ ବିଶ୍ୱକର୍ମାଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ୨୪ବେଶକୁ ଦେବାର୍ପଣ ସହିତ ପୀଠର ଐତିହ୍ୟ ଫଳକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷର ଶ୍ରୀବଳଭଦ୍ର ସମ୍ମାନରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ.ହରେକୃଷ୍ଣ ଶତପଥୀ, ମା'ସୁଭଦ୍ରା ସମ୍ମାନରେ ସୁମିତ୍ରା ଜେନା, ସୁଦର୍ଶନ ସମ୍ମାନରେ ବିଶ୍ୱକର୍ମା ଶିଳ୍ପୀ ନିରଞ୍ଜନ ମହାରଣା ଏବଂ ପ୍ରମୋଦ ମହାରଣାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହିତ ଶ୍ରୀମନ୍ଦିର ଦେଉଳକରଣ ଦିଲୀପ ମଙ୍ଗରାଜଙ୍କ ଲିଖିତ 'ଶବ୍ଦାକ୍ଷରରେ ପ୍ରଭୁ ଶ୍ରୀଜଗନ୍ନାଥ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶ୍ରୀଜଗନ୍ନାଥ ଐତିହ୍ୟ ଏବଂ ସଂସ୍କୃତିର ନିୟମିତ ପ୍ରଚାର ପ୍ରସାର କରିଆସୁଥିବା କାଙ୍କଣ ଶିଖରୀ ଆଧାତ୍ମିକ ମେଳା 'ଶ୍ରୀଜଗନ୍ନାଥ କଥା ଲହରୀ ଭୁବନେଶ୍ୱର' ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରୀତାରାଣୀ ସାହୁ ଏବଂ ପ୍ରଦୋଷ କୁମାର ଦାସ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।

# ପ୍ୟାକ୍ସ, ଲ୍ୟାମ୍ପ୍ସ କର୍ମଚାରୀଙ୍କୁ ସରକାରୀ କ୍ୟାଡରଭୁକ୍ତ ଦାବି

ଖୋର୍ଦ୍ଧା, ୭।୨(ପ୍ରଭାତ ପାଣିଗ୍ରାହୀ)

**ଓଡ଼ିଶା ସମବାୟ ସମିତି, ଲ୍ୟାମ୍ପ୍ସ କର୍ମଚାରୀ ମହାମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ଓଡ଼ିଶା ସମବାୟ ସମିତି, ଲ୍ୟାମ୍ପ୍ସ କର୍ମଚାରୀ ମହାମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ସମସ୍ତ ଜିଲାର ୨୭୦୮ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ କାର୍ଯ୍ୟରତ ୧୨ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମାସିକ ଦରମା ଓ ମୌଳିକ ସୁବିଧା ଉପଲବ୍ଧ ପାଇଁ ଦାବି କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ଯୋଜନାକୁ ସଫଳ ରୂପାୟନ ଦିଗରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରୁଛନ୍ତି। ସମଗ୍ର ରାଜ୍ୟରେ ୭୦ ଭାଗରୁ ଅଧିକ କୃଷି ପରିବାରଙ୍କୁ ସମୟାନୁଯାୟୀ ଚାଷ ଋଣ, ବିହନ, ସାର, କୀଟନାଶକ ଯୋଗାଇବା ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା, ମୋ ସେବାକେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ, ଭାଗଚାଷୀଙ୍କୁ କୃଷି ଋଣ, କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ, ସରକାରୀ ନିୟମାନୁଯାୟୀ କୃଷିଜାତ ପଦାର୍ଥ ଯଥା ମୁଗ, ବିରି, ମାଣ୍ଡିଆ, ମକା, ଚିନାବାଦାମ ଆଦି କ୍ରୟ ଆଦି ନିଷ୍ପାର ସହ ନିର୍ଦ୍ଧାରିତ ସମୟରେ ସମ୍ପାଦନା କରି ଆସୁଛନ୍ତି। ଖାଉଟି ସାମଗ୍ରୀ ଠିକ୍ ସମୟରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଉଛନ୍ତି। ତେବେ ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ପରିବାର ଚଳାଇବାରେ ହଇରାଣ ହେଉଛନ୍ତି। ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀଙ୍କୁ ସରକାରୀ କ୍ୟାଡରଭୁକ୍ତ, ମାସିକ ଦରମା ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ଦାବି କରିଛନ୍ତି। ଏଥିସହିତ ସମବାୟ ବିଭାଗରେ ଅନ୍ୟୂନ ୧ହଜାର କୋଟିର ସ୍ୱତନ୍ତ୍ରଭାବେ ବାର୍ଷିକ ବ୍ୟୟ ଅଟକଳ ବଜେଟ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ କରିବାକୁ ମହାମଞ୍ଚ ଦାବି କରିଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ନିୟମିତ ଦରମା ପାଉଥିବା ସ୍ଥଳେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ କର୍ମଚାରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ମହାସଂଘର ସାଧାରଣ ସମ୍ପାଦକ ଦିଗମ୍ବର ନାୟକ, ବିଶ୍ୱନାଥ ମହାରଣା, ନିତ୍ୟାନନ୍ଦ ଦାସ, ପରମାନନ୍ଦ ନାୟକ, ଝଜ ସାମନ୍ତରାୟ, ମାଧବ ସାହୁ, ଚିତ୍ତରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାର୍ଥୀଙ୍କ ମାନସିକ, ବୌଦ୍ଧିକ ବିକାଶ କରେ ଶିକ୍ଷା

ବୋଲଗଡ଼, ୭।୨ (ଦେବବ୍ରତ ହୋତା)



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ ତପନ କୁମାର ଜେନାଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଭାଗୀରଥି ସାହୁ, ମୁଖ୍ୟ ବକ୍ତାଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥିଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, କଡ଼ବ ସରପଞ୍ଚ ନଳୀନ ବଡଜେନା ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ଚରିତ୍ର ଗଠନ ସହ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ କେଦାରନାଥ ନାୟକ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପକ ଭଗବାନ ଜେନା, ଉମାକାନ୍ତ ଓଝା, ପ୍ରତାପ ବେହେରା, ସମୀର ଦାଶ, ପ୍ରଶାନ୍ତ ବେହେରା, ଶେଖ ଅବଦୁଲ ବରଖଦୁଲା, ଅଧ୍ୟାପିକା ପଦ୍ମାଳୟା ମହାରଣା, ଅମୀୟବାଳା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାମଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ସମୟର ସଦୁପଯୋଗ କର, ପରିଶ୍ରମୀ ହୁଅ

ଖୋର୍ଦ୍ଧା,୭।୨(ପ୍ରଭାତ ପାଣିଗ୍ରାହୀ)



ବିଜେବି ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିଜେବି ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷ ତାପସ ନାୟକ, ପୂର୍ବତନ ବନ ଅଧିକାରୀ ତଥା ସାହିତ୍ୟ ଏକାଡେମୀ ପୁରସ୍କୃତ ସାହିତ୍ୟିକ ବିଜୟ କେତନ ପଟ୍ଟନାୟକ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶିକା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରୀତି ପ୍ରତିଭା ଭୋଳ, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ହୀରାକୁଦ ନଦୀ ବନ୍ଧ ଯୋଜନା ଆନନ୍ଦ ଚନ୍ଦ୍ର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଧାୟକ ଜଗଦେବ କହିଥିଲେ, ଭଲ ମଣିଷ ହେବା ସମସ୍ତଙ୍କ ଉଦ୍ଦେଶ୍ୟ ରହିବା ଉଚିତ। ପ୍ରତିଭା ଆଗକୁ ବଢ଼ିବାକୁ ସୁଯୋଗ ଆଣିଦିଏ। ସମୟର ସଦୁପଯୋଗ କର, ପରିଶ୍ରମୀ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ଛାତ୍ରୀଛାତ୍ରଙ୍କୁ ଜୀବନର ଲକ୍ଷ୍ୟ ପୂରଣ କରିବାକୁ ହେଲେ ସୃଜନୀ ଶକ୍ତିର ଅଧିକାରୀ ହେବାକୁ ପଡିବ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଦାଶ ଅତିଥି ପରିଚୟ, ବିଷ୍ଣୁ ପ୍ରସାଦ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି ପୁରସ୍କାର ବିତରଣ ସଂଯୋଜନା କରିଥଲେ। କ୍ରୀଡ଼ାରେ ୩୫ଟି ବିଭାଗ, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ୪୦ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୁଷ୍ପଲତା ପ୍ରଧାନ, ସ୍ନିଗ୍ଧା ଦାସ, ପ୍ରିୟଦର୍ଶିନୀ ସାହୁ ଓ ଶ୍ରୀରାମ ଭୂୟାଁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ଚିନ୍ମୟ ମାର୍ଥା, ଶିକ୍ଷକ ଜଗନ୍ନାଥ ରାଉତ, ଚନ୍ଦ୍ରକାନ୍ତ ଦାସ, ରୋଜାଲିନ ରାଉତରାୟ, ଇଫତ ଜାହାନ, ନିବେଦିତା ଛୁଆଳସିଂହ, ଜ୍ୟୋତିର୍ମୟୀ ପଣ୍ଡା, ଦିଲୀପ ନାୟକ, ଅନୁପମା ସାହୁ, ସୌଦାମିନୀ ବାରିକ, ବିଷ୍ଣୁପ୍ରିୟା ସାହୁ, ଏମ୍. ଡି. ଖତିବୁଦ୍ଦିନ, ସୀମାରାଣୀ ବେହେରା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟ ଆଲୁମ୍ନି କମିଟି ସଦସ୍ୟ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ।

## ଧମକ ଦେବା ଅଭିଯୋଗରେ ଯୁବକ ଗିରଫ

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନ ନଗର ଥାନା ଅନ୍ତର୍ଗତ କିଶୋରନଗର ଗ୍ରାମରେ ଖଣ୍ଡା ଦେଖାଇ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସେହି ଗ୍ରାମର ମିଟୁ ଭୋଇ। ଶୁକ୍ରବାର ପୂର୍ବାହ୍ନରେ ଅଭିଯୁକ୍ତ ଜଣକ ୭/୮ ଜଣଙ୍କ ଘରକୁ ଯାଇ ଖଣ୍ଡାରେ ହାଣି ହତ୍ୟା କରିବ ବୋଲି ଧମକ ଦେଇଥିଲା। ବର୍ଷାରାଣୀ ମଣ୍ଡଳ ନାମ୍ନୀ ମହିଳା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩/୨୫) ରୁଜୁ କରିଛି।

## ସଂକ୍ଷେପରେ

### ବସ୍ତିବାସିନ୍ଦାଙ୍କ ଅସୁବିଧା ବୁଝିଲେ ଜିଲାପାଳ

ଚୌଦ୍ୱାର,୭।୨(ଆଶୁତୋଷ ଦାସ)

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶୁକ୍ରବାର ଚୌଦ୍ୱାର ପୌରପାଳିକାର ନୁଆସାହିସ୍ଥିତ ତ୍ରିନାଥପଲ୍ଲୀ ବସ୍ତି ପରିଦର୍ଶନ କରିଛନ୍ତି। ପରେ ତ୍ରିନାଥପଲ୍ଲୀ କ୍ଲବ୍‌ରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଯୋଗଦେଇ ବସ୍ତିବାସିନ୍ଦାଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଉକ୍ତ ବସ୍ତିରେ ଦୀର୍ଘଦିନ ହେବ ରକ୍ଷଣାବେକ୍ଷଣ ଅଭାବରୁ ଘରଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତୁରନ୍ତ ଏହାର ମରାମତି ପାଇଁ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବାକୁ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କୁ ଜିଲାପାଳ କହିଥିଲେ। ଏଥିସହ ପାନୀୟଜଳ, ରାସ୍ତାଘାଟ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବସ୍ତିବାସିନ୍ଦାଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କର ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହି ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ସିଡିପିଓ, ଚୌଦ୍ୱାର ପୌରପାଳିକାର କନିଷ୍ଠ ଯନ୍ତ୍ରୀ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

କଟକ ସଦର,୭।୨(ସୁଶାନ୍ତ କୁମାର ଜେନା)



କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତରେ ଜଣାଶୁଣା ସାମାଜିକ କର୍ମୀ ଦୈତାରି ବେହେରା (୫୬)ଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ସେ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବିଜେଡି ନେତା ପ୍ରଫୁଲ୍ଲ କୁମାର ସିଂହ, ସରପଞ୍ଚ ତ୍ରିଲୋଚନ ପାତ୍ର, ପୂର୍ବତନ ସରପଞ୍ଚ ନିର୍ମଳ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବେହେରାଙ୍କୁ ଶେଷ ଦର୍ଶନ କରିଥିଲେ। ତାଙ୍କର ଶେଷକୃତ୍ୟ ପୁରୀରେ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବେହେରା ପରମହଂସ ପଞ୍ଚାୟତ ସମେତ କଟକ ସଦର ଅଞ୍ଚଳରେ ସାମାଜିକ କାର୍ଯ୍ୟ କରିଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ନୂତନ ପୌରନିର୍ବାହୀ ଅଧିକାରୀ

ଚୌଦ୍ୱାର,୭।୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ନୂତନ ପୌରନିର୍ବାହୀ ଅଧିକାରୀ ଭାବେ ସୌମ୍ୟରଞ୍ଜନ ମିଶ୍ର ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। କିଛିଦିନ ତଳେ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ବାରିପଦା ପୌରପାଳିକାକୁ ବଦଳି ହୋଇଥିଲା। ରାୟଗଡା ପୌରନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ମିଶ୍ର ଚୌଦ୍ୱାରରେ ପୌର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିବାରୁ ପୌରପାଳିକା କାର୍ଯ୍ୟାଳୟର କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।




ଭାରତ-ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ କଟକ ବାରବାଟୀ ଷ୍ଟାଡିୟମ ଚତୁଃପାର୍ଶ୍ୱରେ ଶୁକ୍ରବାର ମଶାଧୂଆଁ ଛଡାଯାଉଛି।



ମ୍ୟାଚ୍ ପାଇଁ କଟକ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି।

# ଖେଳାଳିଙ୍କ ଅପେକ୍ଷାରେ ବାରବାଟୀ

## ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

- ଯଥେଷ୍ଟ ପିଇବା ପାଣି ମହଜୁଦ ରହିବ
- ପର୍ଯ୍ୟାପ୍ତ ଔଷଧ, ମେଡିକାଲ ଟିମ୍ ସହ ଆମ୍ବୁଲାନ୍ସ
- ଅତିଥିଙ୍କ ଯାତାୟାତ ପାଇଁ ସାଧାରଣ ଦର୍ଶକ ପ୍ରଭାବିତ ହେବେ ନାହିଁ

କଟକ,୭।୨(କାର୍ତ୍ତିକ ସାହୁ)

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଏବେ କ୍ରୀଡ଼ାର ଦୁର୍ଗ ବାରବାଟୀ ଝଲସୁଛି। ପଡ଼ିଆ ଅପେକ୍ଷା କରିଛି ଖେଳାଳିଙ୍କ ଆଗମନକୁ। ବାରବାଟୀ ଷ୍ଟାଡିୟମର ଭିତର ଓ ବାହାର ସହ ପାରିପାର୍ଶ୍ୱିକ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସନ୍ଧ୍ୟାରେ ରଙ୍ଗିନ ଆଲୋକମାଳାରେ ଚତୁର୍ଦ୍ଦିଗ ଝଲସି ଉଠୁଛି। ଷ୍ଟାଡିୟମ ଭିତର ସହ ଚତୁଃପାର୍ଶ୍ୱରେ ଟିଫା ମେଶିନ ଦ୍ୱାରା ମଶାଧୂଆଁ ଦିଆଯାଉଛି। ପରିବେଶକୁ ସମ୍ପୂର୍ଣ୍ଣ ସଫାସୁତୁରା ରଖିବା ପାଇଁ ପ୍ରୟାସ ଜାରି ରହିଛି।



ବାରବାଟୀ ଷ୍ଟାଡିୟମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ଥିତି ସମୀକ୍ଷା କରିଛନ୍ତି।

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଷ୍ଟାଡିୟମ ପରିସରରେ ଏକ ସମୀକ୍ଷା ବୈଠକ କରିଛନ୍ତି। ମ୍ୟାଚ୍ ଆୟୋଜନର ବୃତ୍ତାନ୍ତ ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ, ଓଡ଼ିଶା ଅଲମ୍ପିକ ଆସୋସିଏଶନର କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରିଛନ୍ତି। ପର୍ଯ୍ୟାପ୍ତ ପରିମାଣର ଔଷଧ, ମେଡିକାଲ ଟିମ୍ ସହ ଆମ୍ବୁଲାନ୍ସ ଏବଂ ମେଡିକାଲ ଷ୍ଟଲ ଉଭୟ ପଡ଼ିଆ ବାହାରେ ଏବଂ ଭିତରେ ସ୍ଥାପନ କରାଯିବାକୁ ଜିଲାପାଳ ସୁନିଶ୍ଚିତ କରାଇଛନ୍ତି। ଯଥେଷ୍ଟ ପରିମାଣର ପିଇବାପାଣି ମହଜୁଦ ରଖିବା, ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥା, ବ୍ୟବହୃତ ବିଦ୍ୟୁତ୍ ଉପକରଣର ପ୍ରମାଣପତ୍ର ହାସଲ, ଅସ୍ଥାୟୀ ନିର୍ମାଣର ପ୍ରମାଣପତ୍ର ହାସଲ, ଖାଦ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟର ମାନ ପରୀକ୍ଷଣପୂର୍ବକ ପ୍ରମାଣପତ୍ର ହାସଲ ଆଦି ବିଷୟ ଉପରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାପେକ୍ଷା ଚଳିତଥର ରହଣି ସ୍ଥଳରେ ଯାନବାହନ ରଖିବା ପାଇଁ କମ୍ ଭଡ଼ା ଧାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାଡିୟମ ବାହ୍ୟ ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି)ର ଯୁଗ୍ମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶିଷ୍ଟ ଅତିଥିଙ୍କ ଯାତାୟାତ ପାଇଁ ସାଧାରଣ ଦର୍ଶକଙ୍କ ଗମନାଗମନ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଓସିଏ ପକ୍ଷରୁ ଗଣମାଧ୍ୟମର ପାର୍କିଂ ପାଇଁ କେମ୍ବ୍ରିଜ ସ୍କୁଲ ନିକଟରେ ଏବଂ ଓବି ଭ୍ୟାନ ରଖିବା ନିମନ୍ତେ ହର୍ଷ ଗେଟ୍ ନିକଟରେ ହୋଇଥିବା ବ୍ୟବସ୍ଥା ଜିଲାପାଳ ପଚାରି ବୁଝିଛନ୍ତି। ଏଥିସହ ଜିଲାପାଳ ଷ୍ଟାଡିୟମର ବିଭିନ୍ନ ଅଞ୍ଚଳ ବୁଲି ସମସ୍ତ ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ମ୍ୟାଚ୍ ପରଦିନ ପରିମଳ ବ୍ୟବସ୍ଥା ଷ୍ଟାଡିୟମ ଭିତରେ ଓସିଏ ଦ୍ୱାରା ଏବଂ ବାହ୍ୟ ଅଞ୍ଚଳରେ ସିଏମ୍‌ସି ଦ୍ୱାରା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନ୍ତର୍ଜାତୀୟ ମ୍ୟାଚ୍ ବିଶ୍ୱବାସୀ ଦେଖିବାକୁ ଥିବାବେଳେ କୌଣସି ପ୍ରକାରର ଅବହେଳାକୁ ପ୍ରଶ୍ରୟ ନ ଦେଇ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଜିଲାପାଳ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ସିଏମ୍‌ସି ଯୁଗ୍ମ ଆୟୁକ୍ତ ଶ୍ୱେତପଦ୍ମା ଶତପଥୀ, ସଦର ତହସିଲଦାର ସୁଜୟ କୁମାର ପତି, ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ତଥା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଯୋଗଦେଇ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ପୋଲିସ ବାହିନୀକୁ ମ୍ୟାଚ୍ ପାଇଁ ନିଜର କର୍ତ୍ତବ୍ୟ ସମ୍ପର୍କରେ ନିର୍ଦ୍ଦେଶ ଦେଇଛନ୍ତି।

### ଅନ୍‌ଲାଇନ୍ ଟିକେଟ ସଂଗ୍ରହ କଲେ କ୍ରୀଡ଼ାପ୍ରେମୀ

ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ, ଅନ୍‌ଲାଇନ୍ ଟିକେଟ ବୁକ୍ କରିଥିବା କ୍ରୀଡ଼ାପ୍ରେମୀମାନେ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କେମ୍ବ୍ରିଜ ସ୍କୁଲରେ ଖୋଲିଥିବା କାଉଣ୍ଟରରୁ ଶୁକ୍ରବାର ଟିକେଟ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଉତ୍କଣ୍ଠାର ସହ ସେମାନେ ଧାଡ଼ି ବାନ୍ଧି ଅନ୍‌ଲାଇନ୍ ବୁକିଂରୁ ପାଇଥିବା ସ୍ଲିପ୍ ଦେଖାଇ ସେମାନଙ୍କ ଟିକେଟ ସଂଗ୍ରହ କରିଥିଲେ।

### ମ୍ୟାଚ୍ ପାଇଁ ପାର୍କିଂ ବ୍ୟବସ୍ଥା

କଟକ,୭।୨(କାର୍ତ୍ତିକ ସାହୁ)

ଭାରତ-ଇଂଲଣ୍ଡ ମ୍ୟାଚ୍ ପାଇଁ ପ୍ରଶାସନ ପକ୍ଷରୁ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି। କଟକ ମାତାମଠ ଦେଇ ରିଂରୋଡ୍‌ରେ ଆସୁଥିବା ଗାଡ଼ିଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବ। ସେହିପରି ହାଓଡ଼ା ମୋଟର ଓ ମଣିସାହୁ ଛକ ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ରିଂରୋଡ୍‌ରେ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବ। ଚହଟା ଛକ ପଟୁ ଆସୁଥିବା ଗାଡ଼ିଗୁଡ଼ିକ କାର୍ତ୍ତିକେଶ୍ୱର ଗଡ଼ାରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବ। କନିକା ଛକ, ବିଜୁ ପଟ୍ଟନାୟକ ଛକ ଓ ମଧୁସୂଦନ ନଗର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଆନନ୍ଦ ଭବନ ପଡ଼ିଆରେ ପାର୍କିଂ କରିବ। ଚଣ୍ଡୀ ଛକ ଓ କଳା ବିକାଶ କେନ୍ଦ୍ର ପଟୁ ଆସୁଥିବା ଦୁଇ ଚକିଆ ଗାଡ଼ିଗୁଡ଼ିକ ଦୟାଶ୍ରମ ସମ୍ମୁଖ ପଡ଼ିଆରେ ପାର୍କିଂ କରିବ। ଓସିଏ ପାସ୍ ପାଇଥିବା ବ୍ୟକ୍ତି ମଧୁସୂଦନ ଷ୍ଟାଚ୍ୟୁ ଛକ ଦେଇ ବାରବାଟୀ ଷ୍ଟାଡିୟମ ଗେଟ୍ ନମ୍ବର-୧ରେ ଯାଇ ଗାଡ଼ି ପାର୍କିଂ କରିବେ। ଜାଭିୟର ପଡ଼ିଆର ପାସ୍ ପାଇଥିବା ବ୍ୟକ୍ତି ବିଜୁ ପଟ୍ଟନାୟକ ଛକ ଦେଇ ଗେଟ ନମ୍ବର-୧୪ରେ ଯାଇ ପଡ଼ିଆରେ ପାର୍କିଂ କରିବେ। କ୍ୟାଣ୍ଟନମେଣ୍ଟ ଥାନା ପଟୁ କିମ୍ବା ମାତାମଠ ପଟୁ ଆସୁଥିବା ପାସ୍‌ଧାରୀ ଗାଡ଼ିଗୁଡ଼ିକ ବାମ୍ଫୋ ଡିପୋ ପର୍ଯ୍ୟନ୍ତ ଆସି ସେଠାରେ ହୋଇଥିବା ପାର୍କିଂସ୍ଥଳରେ ପାର୍କିଂ କରିବ।




ବିଭିନ୍ନ ସମସ୍ୟା ନେଇ ଅଲ୍ ଓଡ଼ିଶା ଲେଡିଜ ୱାର୍କର୍ସ ଆସୋସିଏଶନ କଟକ ସହରାଞ୍ଚଳ ଶାଖା-୧ ପକ୍ଷରୁ ଶୁକ୍ରବାର କଟକ ବିକାଶ ଭବନସ୍ଥିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଡାକ୍ତର ମିନତି ପ୍ରିୟଦର୍ଶିନୀଙ୍କ ପରଲୋକ

କଟକ,୭।୨(କାର୍ତ୍ତିକ ସାହୁ)

ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ମିନତି ପ୍ରିୟଦର୍ଶିନୀ(୭୮)ଙ୍କର ଗୁରୁବାର ବିଳମ୍ବିତ ରାତିରେ କଟକ ରାଜାବଗିଚାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିମାସ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଡାକ୍ତର ଅତୁଲ ମହାନ୍ତି, ପୁଅ, ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରିବାର ପକ୍ଷରୁ ତାଙ୍କ ମରଶରୀର ଏସ୍‌ସିବି ମେଡିକାଲରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ଦାନ କରାଯାଇଛି। ସେ କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜରେ ନିଷ୍ଠାର ସହିତ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଥିଲେ।



### ଏସ୍‌ସିବି ମେଡିକାଲକୁ ମରଶରୀର ଦାନକଲେ ପରିବାର

ଏହାପରେ ସେ ସଖାଶ୍ରୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଚିକିତ୍ସା କରୁଥିଲେ।

## ତୃତୀୟ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

କଟକ,୭।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା ତୃତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ-୨୦୨୫ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଗେଜେଟ ଅଫିସର ଓପନ ସିଙ୍ଗଲ୍ସ ପ୍ରତିଯୋଗିତାରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ବିଜୟୀ ହୋଇଥିବାବେଳେ ଅତିରିକ୍ତ ଏସ୍‌ପି ଚିନ୍ମୟ ନାୟକ ରନର ଅପ୍ ହୋଇଛନ୍ତି। ଓପନ ଡବଲ୍ସରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏବଂ ଏସ୍‌ପି ରାଜ ପ୍ରସାଦ ମିଳିତ ବିଜୟୀ ହୋଇଥିବାବେଳେ ଡେପୁଟି କମାଣ୍ଡାଣ୍ଟ ନିରଞ୍ଜନ ସାମଲ ଏବଂ ଡେପୁଟି କମାଣ୍ଡାଣ୍ଟ ଏମ୍.ଏସ୍.ଏ. ଫରିଦ ରନର ଅପ୍ ହୋଇଛନ୍ତି। ନନ୍ ଗେଜେଟ୍ ଅଫିସର ଭେଟେରାନ ସିଙ୍ଗଲ୍ସ ବିଭାଗରେ ପଶ୍ଚିମାଞ୍ଚଳ ରେଞ୍ଜର ହାବିଲଦାର ଦେବାଶିଷ ପରିଡ଼ା ବିଜୟୀ ହୋଇଥିବାବେଳେ ଇଣ୍ଟେଲିଜେନ୍ସ ବିଭାଗର ଏଏସ୍‌ଆଇ ସନ୍ତୋଷ କୁମାର ବେହେରା ରନର୍ସଅପ ହୋଇଛନ୍ତି। ନନ୍ ଗେଜେଟ ଅଫିସର ଭେଟେରାନ ଡବଲ୍ସରେ ଦେବେନ୍ଦ୍ର କୁମାର ପାଣି ଓ ଦେବାଶିଷ ପରିଡ଼ା ବିଜୟୀ ହୋଇଥିବାବେଳେ ଇନ୍ସପେକ୍ଟର ହେମନ୍ତ କୁମାର ବିଲୁଙ୍ଗ ଓ ହାବିଲଦାର ମହେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ରନର ଅପ୍ ହୋଇଛନ୍ତି। ସେହିପରି ନନ୍ ଗେଜେଟ୍ ସିଙ୍ଗଲ୍ସ ବିଭାଗରେ ପଶ୍ଚିମାଞ୍ଚଳ ରେଞ୍ଜର ଅମିତ୍ ରଞ୍ଜନ ପରିଡ଼ା ବିଜୟୀ ହୋଇଥିବାବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟର ସୁଶାନ୍ତ ଶବର ରନର ଅପ୍ ହୋଇଛନ୍ତି। ଓପନ ଡବଲ୍ସରେ ଏସ୍. ଏସ୍. ବିଶୋୟୀ ଓ ବିକାଶ ତ୍ରିପାଠୀ ବିଜୟୀ ହୋଇଥିବାବେଳେ ତପନ କୁମାର ଭୂୟାଁ ଓ ନିହାର ରଞ୍ଜନ ଦତ୍ତ ରନର ଅପ୍ ହୋଇଛନ୍ତି।

ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସରରେ ଆୟୋଜିତ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍‌ବ୍ରାଞ୍ଚ) ବିନୟତୋଷ ମିଶ୍ର ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଡେପୁଟି କମାଣ୍ଡାଣ୍ଟ ଅନିଲ ପ୍ରଧାନ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଖୋଲିବ ନୂତନ ପାଠ୍ୟକ୍ରମ

ଭୁବନେଶ୍ୱର, ୭।୨(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ୍ ଗଭର୍ନର୍ସର ତୃତୀୟ ବୈଠକ ଶୁକ୍ରବାର ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ସ୍ୱପ୍ନଦ୍ରଷ୍ଟା କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସେହିଭଳି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଗତ ନଭେମ୍ବରରେ ଅନୁଷ୍ଠିତ ୨ୟ ବୈଠକର ବିବରଣୀ ଉପସ୍ଥାପନ ସହ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବର ସଫଳ ଆୟୋଜନ ନିମନ୍ତେ ବୋର୍ଡର ସମସ୍ତ ସହଯୋଗ ପାଇଁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ।




ବିଶ୍ୱବିଦ୍ୟାଳୟର ୩ୟ ବୋର୍ଡ ଅଫ୍ ଗଭର୍ନର୍ସ ବୈଠକରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସମେତ ଅନ୍ୟମାନେ।

### ବିଶ୍ୱବିଦ୍ୟାଳୟର ୩ୟ ବୋର୍ଡ ଅଫ୍ ଗଭର୍ନର୍ସ ବୈଠକ

ଏଥିସହ ବିଗତ ଏକାଡେମିକ୍ କାଉନସିଲ, ଫି ଷ୍ଟ୍ରକ୍ଚର କମିଟି, ଫାଇନାନ୍ସ କମିଟି ଓ ବୋର୍ଡ ଅଫ୍ ଗଭର୍ନର୍ସ ବୈଠକରେ ଗୃହୀତ ବିଭିନ୍ନ ପ୍ରସ୍ତାବ ଆଲୋଚନାରେ ଅନୁମୋଦନ ଲାଭ କରିଥିଲା। ସେହିପରି ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ ଦେଇ ନିଯୁକ୍ତି ସୁଯୋଗ ଥିବା ବିଭିନ୍ନ ସ୍ୱଳ୍ପ ଅବଧିଭିତ୍ତିକ ନୂତନ ପାଠ୍ୟକ୍ରମ ଖୋଲିବାକୁ ବୈଠକରେ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ଅବସରରେ ବିଧାୟକ ଛବି ମଲ୍ଲିକଙ୍କ ସମେତ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ସୁଶାନ୍ତ କୁମାର ଦାସ, ଇଂ ଅଶୋକ କୁମାର ବାସା, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ବୋର୍ଡର ସଦସ୍ୟ ଏବଂ ଡେପୁଟି ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ଡିନ୍ ଡ. ନୟନ ରଞ୍ଜନ ସାମଲ ବିଭିନ୍ନ ପ୍ରସଙ୍ଗରେ ଗଠନମୂଳକ ଅଭିମତ ଦେଇଥିଲେ। ପରିଶେଷରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ସମ୍ବଲପୁର ହେବ ପର୍ଯ୍ୟଟନ ହବ୍: ପ୍ରଭାତୀ

## ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)



ସମ୍ବଲପୁର ରେଳ ଷ୍ଟେଶନରେ ଅତିଥିଙ୍କ ଗହଣରେ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ରାଜ୍ୟରେ ସମ୍ବଲପୁରକୁ ପର୍ଯ୍ୟଟନର ହବ୍‌ରେ ପରିଣତ କରାଯିବ। ଏହା ସହ ସମଗ୍ର ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟର ଡବଲ ଇଞ୍ଜିନ ସରକାର ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ସେ ଏହା କହିଛନ୍ତି। ସମ୍ବଲପୁରରେ ପର୍ଯ୍ୟଟନର ବିକଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇ କହିଲେ, ରାଜ୍ୟରେ ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନା ମାଧ୍ୟମରେ ହୀରାକୁଦରେ ପର୍ଯ୍ୟଟନର ବିକାଶ ପାଇଁ ୯୯.୯୦ କୋଟି ଟଙ୍କା ବ୍ୟୟ କରାଯିବା ସହ ଡେବ୍ରିଗଡ଼, ସମ୍ବଲପୁର, ବୁର୍ଲାର ବିକାଶ ତଥା ସମ୍ବଲପୁରରେ ମହାନଦୀ ରିଭର ଫ୍ରଣ୍ଟର ସମନ୍ୱିତ ବିକାଶ କରାଯିବ। ହୀରାକୁଦ ଜଳଭଣ୍ଡାରର ପାରିପାର୍ଶ୍ୱିକ ବିକାଶ ପାଇଁ ଜାନୁଆରୀ ୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପର୍ଯ୍ୟଟନ କର୍ମଶାଳା କରି ଏଥିରେ ହୀରାକୁଦର ସାମଗ୍ରିକ ବିକାଶ ସହ ଐତିହାସିକ ରିଭର ଫ୍ରଣ୍ଟ ନିର୍ମାଣର ରୂପରେଖ ନେଇ ଆଲୋଚନା ହୋଇଥଲା। ସେହିପରି ବୁଢ଼ାରଜାରେ ୱାଚ୍ ଟାୱାରକୁ ବିକଶିତ କରିବାକୁ ୫୩ କୋଟି ୫୩ ଲକ୍ଷ ଟଙ୍କାର ବ୍ୟୟ ମଞ୍ଜୁରୀ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ୨୫ଟି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍‌ର ଭୀମମଣ୍ଡଳୀ ଓ ଯୁଯୋମୁରା ବ୍ଲକ୍‌ର ଦେବଝରଣ ଜଳପ୍ରପାତ ଅନ୍ତର୍ଭୁକ୍ତ। ବରଗଡ଼ ଧନୁଯାତ୍ରାର ରାଜମହଲ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ଘୋଷଣା ଅନୁସାରେ ୧୨ କୋଟି ଟଙ୍କାର ରାଶି ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ସାତକୋଶିଆ ପାଇଁ ୯୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଛି। ଅନୁଗୋଳର ରେଙ୍ଗାଲି ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ଆଦି ସହ ବରଗଡ଼, ନୂଆପଡ଼ା ଆଦି ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳର ବିକାଶ କରିବାକୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ବଲପୁର ରେଳ ଷ୍ଟେଶନରେ ପୂର୍ବାହ୍ନ ୧୧ଟା ୪୫ ରେ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀ ଟ୍ରେନ୍‌ର ଯାତ୍ରା ଶୁଭାରମ୍ଭ କରିଥିଲେ। ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସାଂସଦ ପ୍ରତିନିଧି ନାଉରି ନାଏକ, ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ଲୋକସେବା ଭବନରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଏମ୍‌ଡି ତଥା ସିଇଓ ଅଶୋକ ଚନ୍ଦ୍ର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ପିଏନ୍‌ବିର ବରିଷ୍ଠ ଅଧିକାରୀ।

# 'ଭାରତ ଦୁନିଆର ସବୁଠାରୁ ବଡ଼ ମାର୍କେଟ'

ଭୁବନେଶ୍ୱର,୭।୨(ବନ୍ଦନା ସେଠୀ)

## ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନେଇ ସିଏସିପି ବୈଠକ




ବୈଠକରେ ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଖରିଫ ଫସଲର ମୂଲ୍ୟ ତଥା ବିକ୍ରୟଭିତ୍ତିକ ନିୟାମକ ଗଠନ ନିମନ୍ତେ କୃଷି ମନ୍ତ୍ରଣାଳୟ ଅଧୀନ କମିଶନ ଫର୍ ଏଗ୍ରୀକଲ୍‌ଚରାଲ କଷ୍ଟ ଆଣ୍ଡ ପ୍ରାଇସେସ୍(ସିଏସିପି)ର ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଏକ ବୈଠକ ରାଜ୍ୟ ଅତିଥି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା ଚଳିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଆମେ ହେଉଛୁ ଦୁନିଆର ସବୁଠାରୁ ବଡ଼ ମାର୍କେଟ। ଧାନ, ଗହମରେ ଭାରତ ବଳକା ଦେଶ। ସେହିଭଳି 'ଶ୍ରୀ ଅନ୍ନ' ପୂର୍ବରୁ ଆମ ଖାଦ୍ୟର ଅଂଶ ଥିଲା। ଏବେ ଲୋକେ ହୃଦୟଙ୍ଗମ କରିବା ସହ ପୁନଃଶ୍ଚ ଏହାକୁ ଥାଳିରେ ଆଣିବାକୁ ପ୍ରଚେଷ୍ଟା କରାଯାଉଛି। ଏବେ ଆମକୁ ମଞ୍ଜିର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ, ଯାହାଦ୍ୱାରା ଉତ୍କୃଷ୍ଟ ମାନର ଫସଲ ଫଳିବ ଏବଂ ବଳକା ଫସଲକୁ ବିଦେଶକୁ ରପ୍ତାନୀ କରିହେବ। ଏହାବ୍ୟତୀତ ଟ୍ରେଡ୍ ପଲିସିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହା ହେଲେ ଚାଷୀଙ୍କୁ ବିଶେଷ ଭାବେ ଲାଭ ମିଳିବ। ଏଥିସହ ପ୍ରଫେସର ଶର୍ମା ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧିକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବୈଠକକୁ ଉଦଘାଟନ କରି କହିଲେ, ଓଡ଼ିଶାରେ ଉତ୍ପାଦିତ ହେଉଥିବା ଜିନିଷର ବିଦେଶରେ ବହୁତ ଚାହିଦା ରହିଛି। ଚଳିତବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ମାନର ଷ୍ଟ୍ରବେରୀ ଫଳିଛି। ତେବେ ଉତ୍ପାଦିତ ଦ୍ରବ୍ୟର ବିଦେଶ ରପ୍ତାନୀ ପାଇଁ ଉତ୍ସର୍ଗୀକୃତ କାର୍ଗୋସେବା ଓ ଫ୍ରେଟ୍ କରିଡ଼ର କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତି କରିଥିବା କହିଥିଲେ। ବିଶେଷକରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଧିକ ୮୦୦ଟଙ୍କା ଇନ୍‌ପୁଟ ସହାୟତା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି। କ୍ଷୁଦ୍ର ମିଲେଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଥିବା ସେ ମତ ରଖିଥିଲେ। ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ କୃଷି ବିଭାଗର ଅଧିକାରୀମାନେ ଯୋଗଦେଇଥିବାବେଳେ ବିହାରର ଅଧିକାରୀମାନେ ଆଭାସି ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓଡ଼ିଶା ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡ. ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟଙ୍କ ରହିତାଦେଶ

## ମାଲକାନଗିରିର ପୂର୍ବ ଜିଲାପାଳ ମନୀଷ ଅଗ୍ରୱାଲ୍‌ଙ୍କୁ ଆଶ୍ୱସ୍ତି

କଟକ,୭।୨(କାର୍ତ୍ତିକ ସାହୁ)

ମାଲକାନଗିରିର ପୂର୍ବ ଜିଲାପାଳ ମନୀଷ ଅଗ୍ରୱାଲ୍‌ଙ୍କ ବ୍ୟକ୍ତିଗତ ସହାୟକ (ପି.ଏ.) ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ନିମ୍ନ ଅଦାଲତଙ୍କ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଉପରେ ହାଇକୋର୍ଟ ଶୁକ୍ରବାର ରହିତାଦେଶ ଜାରି କରିଛନ୍ତି। ଏହାଦ୍ୱାରା ଅଗ୍ରୱାଲଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାନୁସାରେ, ୨୦୧୯ ଡିସେମ୍ବର ୨୭ ତାରିଖରୁ ଦେବନାରାୟଣ ନିଖୋଜ ଥିଲେ। ଘଟଣା ପରଦିନ ମାଲକାନଗିରି ସତୀଗୁଡା ଡ୍ୟାମ୍ ନିକଟରୁ ତାଙ୍କର ମୃତ ଦେହ ମିଳିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ମୃତକଙ୍କ ପତ୍ନୀ ବନଜା ପଣ୍ଡା ଏହାକୁ ଖଣ୍ଡନ କରିବା ସହ ଦେବନାରାୟଣଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଓ ଅନ୍ୟମାନଙ୍କ ଦୁର୍ନୀତି ସମ୍ପର୍କରେ ସେ ଜାଣିଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ବନଜା ଦର୍ଶାଇଥିଲେ। ଏହି ହତ୍ୟା ଘଟଣାରେ ଅଗ୍ରୱାଲ ଓ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି ବୋଲି ଦର୍ଶାଇ ମୃତକଙ୍କ ପତ୍ନୀ ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାଲକାନଗିରି ଏସ୍‌ଡିଜେଏମ୍ ଏହାର ଶୁଣାଣି କରି ଅଗ୍ରୱାଲ୍‌ଙ୍କ ବିରୋଧରେ କଗ୍‌ନିଜାନ୍ସ ଆଦେଶ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଅଗ୍ରୱାଲ୍ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ସ୍ଥାନୀୟ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା। ମାଲକାନଗିରି ଏସ୍‌ଡିଜେଏମ୍ ଅଦାଲତଙ୍କ କଗ୍‌ନିଜାନସ୍ ଆଦେଶକୁ ବିରୋଧ କରି ଅଗ୍ରୱାଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୩ ଜୁନ୍ ୨୨ରେ ମାମଲାର ଶୁଣାଣି କରି ଅଗ୍ରୱାଲଙ୍କ ବିରୋଧରେ ମାଲକାନଗିରି ଏସ୍‌ଡିଜେଏମ୍ ଅଦାଲତଙ୍କ କଗନିଜାନସ୍ ଆଦେଶକୁ ରଦ୍ଦ କରିଥିଲେ। ଜଣକୁ ଆତ୍ମହତ୍ୟା ପାଇଁ ବାଧ କରିବା, ଆପରାଧିକ ଷଡ଼ଯନ୍ତ୍ର ଆଦି ପ୍ରସଙ୍ଗରେ ଅଗ୍ରୱାଲ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ମାମଲା ଚାଲିବ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏପରି ଆଦେଶ ବିରୋଧରେ ଅଗ୍ରୱାଲ୍ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ହେଲେ ସୁପ୍ରିମ୍‌କୋର୍ଟ ଅଗ୍ରୱାଲଙ୍କ ଆବେଦନର ଶୁଣାଣି କରି ଏହାକୁ ଖାରଜ କରି ଦେଇଥିଲେ। ଇତିମଧ୍ୟରେ ଉପରୋକ୍ତ ଘଟଣାରେ ନିମ୍ନ ଅଦାଲତ ୨୦୨୪ ଡିସେମ୍ବର ୨୦ରେ ଅଗ୍ରୱାଲ୍‌ଙ୍କୁ କୋର୍ଟରେ ହାଜର ହେବାକୁ ଆଦେଶ ଦେଇଥିଲେ। ହେଲେ ସେ ହାଜର ନ ହେବାରୁ ନିମ୍ନ ଅଦାଲତ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ସମ୍ଭାବ୍ୟ ଗିରଫଦାରି ଏଡାଇବାକୁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଅଗ୍ରୱାଲ୍‌ଙ୍କ ଆବେଦନର ଶୁଣାଣି କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ।

# ଉତ୍କଳମଣିଙ୍କ ସ୍ୱପ୍ନ ସାର୍ଥକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)

ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖିବା ସହ ପୁନରୁଦ୍ଧାର ଓ ବିକାଶ ଦିଗରେ ରାଜ୍ୟ ସରକାର ଯୋଜନା କରିଛନ୍ତି। ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖୁଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସତ୍ୟବାଦୀ ବକୁଳବନର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି।

DADLS-95



ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅଶୋକ ମହାନ୍ତି, ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ

ସମ୍ମାନନୀୟ ବକ୍ତା
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0420/2425

## ପ୍ରଥମ ପୃଷ୍ଠାରୁ...

### ଟିକେଟ କଳାବଜାର...



ଜବତ ଟିକେଟ୍, ଟଙ୍କା ଓ ମୋବାଇଲ

ଦର ୭୦୦ ଟଙ୍କା ଥିବାବେଳେ ଏବେ ଦର ୪ ହଜାର ଟଙ୍କା ରହିଛି। ସେହିପରି ସ୍ପେଶିଆଲ ଏନ୍‌କ୍ଲୋଜର ଟିକେଟ ଦର ୬ ହଜାର ଟଙ୍କା ଥିବାବେଳେ ଏବେ ୧୨ ହଜାର ଟଙ୍କା, ଏସି ବକ୍ସ ଟିକେଟ ଦର ୮ ହଜାର ଟଙ୍କା ଥିବାବେଳେ ଏବେ ୧୬ ହଜାର ଟଙ୍କାରେ ଟିକେଟ ବିକ୍ରି କରାଯାଉଛି। ଏହି ଟିକେଟ୍ ବିକ୍ରିର ମାଧ୍ୟମ ପାଲଟିଛି ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍। ତେବେ ସାଧାରଣ ଲୋକ ଟିକେଟ ପାଇଁ କଳାବଜାରର ସମ୍ମୁଖୀନ ନ ହେବେ ସେଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସାଦା ପୋଷାକରେ ଷ୍ଟାଡିୟମ ନିକଟରେ ପୋଲିସ କର୍ମଚାରୀ ପଇଁତରା ମାରୁଛନ୍ତି।

ଏନେଇ କଟକ ଡିସିପି ଜଗମୋହନ ମୀନା କହିଛନ୍ତି, ଟିକେଟ୍ କଳାବଜାର ଉପରେ ପୋଲିସ ନଜର ରଖିଛି। ଯେପରି ସାଧାରଣ ଲୋକ ଏହି କଳାବଜାର ଶିକାର ନ ହେବେ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସୋସିଆଲ ମିଡିଆରେ ଟିକେଟ୍ କଳାବଜାର କରାଯାଉଥିବା ଘଟଣା ଉପରେ ସାଇବର ଥାନା ପୋଲିସ ନଜର ରଖିଛି। ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଖେଳ ସମୟରେ ଯେଉଁମାନେ ବିନା ଟିକେଟ୍‌ରେ ପଡ଼ିଆରେ ପ୍ରବେଶ ପାଇଁ ଉଦ୍ୟମ କରିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଆମେରିକାରୁ ବିଦାହେବେ...

ବିରୋଧୀ ଦଳଗୁଡ଼ିକ ଏହାକୁ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ଦର୍ଶାଇ ଗୁରୁବାର ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ବିବୃତି ଦାବି କରିଥିଲେ। ଏହି ପ୍ରସଙ୍ଗରେ ସଂସଦରେ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ଦଳଗୁଡ଼ିକ ନୋଟିସ ଦେଇଥିଲେ। ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଆପ୍ରବାସୀଙ୍କୁ ପ୍ରତ୍ୟର୍ପଣ କରିବା ନେଇ ୱାଶିଂଟନ୍‌ର ଆଇନଗତ ଅଧିକାର ରହିଛି। କିନ୍ତୁ ସେମାନଙ୍କୁ ଯେପରି ଭାବେ ସ୍ୱଦେଶ ପଠାଯାଉଛି ତାକୁ କଂଗ୍ରେସ ନେତା ଶଶୀ ଥରୁର ବିରୋଧ କରିଛନ୍ତି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଏକ ବେସାମରିକ ବିମାନକୁ ବ୍ୟବହାର କରାଯାଇପାରିଥାଆନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଥିଲେ।

ଭାରତୀୟ ନାଗରିକଙ୍କ ପ୍ରତି ଆମେରିକା କର୍ତ୍ତୃପକ୍ଷଙ୍କ ଅମାନବୀୟ ବ୍ୟବହାରକୁ ନେଇ ଶୁକ୍ରବାର ବହିର୍ବ୍ୟାପାର ସଚିବ ଚିନ୍ତାବ୍ୟକ୍ତ କରିଛନ୍ତି। ଭାରତ ସରକାର ଏହି ପ୍ରସଙ୍ଗ ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇବେ ବୋଲି ସେ କହିଛନ୍ତି। ଇମିଗ୍ରେଶନ ଏବଂ କଷ୍ଟମ୍ସ ବିଭାଗର କଟକଣା ସମ୍ପର୍କିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ ବିଷୟରେ ଆମେରିକା କର୍ତ୍ତୃପକ୍ଷ ଆମକୁ ଜଣାଇଥିଲେ। ଏଭଳି ବ୍ୟବସ୍ଥା ବହୁବର୍ଷ ଧରି ରହିଆସିଥିବା ସେ କହିଛନ୍ତି। ଗୁରୁବାର ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ ବହୁବର୍ଷ ଧରି ଏଭଳି ପ୍ରତ୍ୟର୍ପଣ ପ୍ରକ୍ରିୟା ଚାଲିଆସିଛି। ପ୍ରତିବର୍ଷ ଶତାଧିକ ଭାରତୀୟଙ୍କୁ ପ୍ରତ୍ୟର୍ପଣ କରାଯାଉଛି। ୨୦୧୨ରେ ୫୩୦ ଜଣଙ୍କୁ ଏବଂ ୨୦୧୯ରେ ୨,୦୦୦ ଭାରତୀୟଙ୍କୁ ବିଦା କରାଯାଇଥିଲା। ସେମାନଙ୍କ ପ୍ରତି ଆଗକୁ ଯେପରି ଏଭଳି ବ୍ୟବହାର କରା ନ ଯିବ ସେଥିଲାଗି ଆମେ ଆମେରିକା ସହ ଯୋଗସୂତ୍ରରେ ରହିଛୁ ବୋଲି ଜୟଶଙ୍କର କହିଥିଲେ।

### ଓସିଏସ୍ ପ୍ରିଲିମ...

ପରୀକ୍ଷାର ସବିଶେଷ କାର୍ଯ୍ୟସୂଚୀ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଦର୍ଶାଯାଇଛି। ତେଣୁ ଏ ସଂକ୍ରାନ୍ତୀୟ ସୂଚନା ନିମନ୍ତେ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀମାନେ ନିୟମିତ ଭାବେ ଓପିଏସ୍‌ସି ୱେବ୍‌ସାଇଟ୍ ସହ ଜଡ଼ିତ ରହିବାକୁ ପରାମର୍ଶ ଦିଆଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିଶା



@ ପୂଜା



@ ବିନୁ



@ ଶୁଭ



@ ଦୀପକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





ଶାନ୍ତିସ୍ତୂପ ପାଦଦେଶରେ ଶୁକ୍ରବାର ଉଦ୍‌ଘାଟିତ ଧଉଳି-କଳିଙ୍ଗ ମହୋତ୍ସବରେ ଶିଳ୍ପୀମାନେ ମଲ୍ଲଖମ୍ବ ଓ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶୀ, ଭାରତନାଟ୍ୟମ୍, ସମରକଳା ମନମୋହିଲା

## ୨୧ତମ ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର(ସୌମ୍ୟରଞ୍ଜନ ରାଉତ)/ପୁରୁଣା ଭୁବନେଶ୍ୱର,୭।୨(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଓଡ଼ିଆ ସଙ୍ଗୀତ ନାଟକ ଏକାଡେ୍ମୀ, ଆର୍ଟ ଭିଜନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୧ତମ ଧଉଳି-କଳିଙ୍ଗ ମହୋତ୍ସବ ଧଉଳି ଶାନ୍ତିସ୍ତୂପ ପାଦଦେଶରେ ଆରମ୍ଭ ହୋଇଛି। ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଓଡ଼ିଶୀ ନୃତ୍ୟସାଧକ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ



ବିଧାୟକ ବାବୁ ସିଂ ଓ ଅନ୍ୟ ଅତିଥିମାନେ ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

କରାଯାଇଥିଲା। ପରେ ଗୁରୁ ଜ୍ୟୋତ୍ସ୍ନା ସାହୁଙ୍କ ଅନୁଷ୍ଠାନ ସୁରମନ୍ଦିରର ଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ଗଣେଶମ୍, ଯାହା ରାଗ ରାଗମାଳିକା ଓ ତାଳ ଖରଣ୍ଡା ଉପରେ ନିବଦ୍ଧ ଥିଲା। ପରେ ମୁମ୍ବାଇରୁ ଆସିଥିବା ଗୁରୁ ପବିତ୍ର ଭଞ୍ଜଙ୍କ ପବିତ୍ର ଆର୍ଟ ଭିଜୁଆଲ ଇନ୍‌ଷ୍ଟିଚ୍ୟୁଟ୍‌ର ଶିଳ୍ପୀମାନେ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ଅଲାରିପୁ ଓ ଗଣେଶ ସ୍ତୁତି ସହ ମେଲାପ୍ରାପ୍ତି ଏବଂ ପରେ ନଟନମ ଆଦିନାର ଓ ଶେଷରେ ତିଲନା ପରିବେଷଣ କରିଥିଲେ। ଶିଳ୍ପୀଙ୍କ ଏହି ମନୋରମ ଉପସ୍ଥାପନରେ ଉପସ୍ଥିତ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ସନ୍ଧ୍ୟାର ଶେଷ ପରିବେଷଣରେ ଥିଲା ପୁରୀର ଗୁରୁ ଜ୍ଞାନରଞ୍ଜନ ମହାନ୍ତି ଓ ସାଥୀଙ୍କ ଦ୍ୱାରା ମଲ୍ଲଖମ୍ବ (ଫଟେ ଫାଇଟର୍) ନୃତ୍ୟ। ସେମାନେ ଭଗବାନ ଗଣେଶଙ୍କ ଜନ୍ମ ସମ୍ପର୍କିତ ଏକ କାହାଣୀ ଶିବଗଣେଶ ପରିବେଷଣ କରିଥିଲେ। ଏହା ସମରକଳାର ଏକ ପାରମ୍ପରିକ ନୃତ୍ୟ। ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଓ ରୋମାଞ୍ଚକ ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତଜ୍ଞ ତଥା ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ରଞ୍ଜନ ଦାସ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ନୃତ୍ୟ ସଂରଚକ ଜନାର୍ଦ୍ଦନ ରାଜୁରସ୍ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସମ୍ପାଦିକା ଗୁରୁ ଅରୁଣା ମହାନ୍ତି ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୬ ଡିଗ୍ରୀ କମିଲା ରାତି ତାପମାତ୍ରା

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ପଶ୍ଚିମାଝଡ଼ର ଅପସାରଣ ପରେ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ଏବଂ ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଛି। ଗୁରୁଚାପ ବଳୟ ଦେଶର ମଧ୍ୟଭାଗକୁ ସ୍ଥାନାନ୍ତରଣ ହେତୁ ଏହି ପ୍ରକ୍ରିୟା ଆହୁରି ପ୍ରଶମିତ ହୋଇଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଇଛି। ଗୁରୁବାର ଝାରସୁଗୁଡ଼ାରେ ରାତି ତାପମାତ୍ରା ୧୮.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବାବେଳେ ଶୁକ୍ରବାର ଏହା ୧୨.୨ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସପାଇଛି। ଅର୍ଥାତ୍ ଦିନକରେ ରାତି ତାପମାତ୍ରାରେ ପ୍ରାୟ ୬.୧ ଡିଗ୍ରୀ ହ୍ରାସ ପାଇଛି। ସେହିପରି ରାଉରକେଲାରେ ଗୁରୁବାର ରାତି ତାପମାତ୍ରା ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବାବେଳେ ଶୁକ୍ରବାର ଏହା ୧୧.୫ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ଅର୍ଥାତ୍ ଦିନକରେ ଏହି ତାପମାତ୍ରା ୬.୫ ଡିଗ୍ରୀ ହ୍ରାସପାଇଛି। ଆସନ୍ତା ୨ଦିନରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଘନକୁହୁଡ଼ି ପାଇଁ ନୟାଗଡ଼, ପୁରୀ, ଗଞ୍ଜାମ ଓ ଗଜପତି ଆଦି ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଦିନ ତାପମାତ୍ରାରେ ପ୍ରାୟ ୨ଡିଗ୍ରୀ ହ୍ରାସ ପାଇଛି। ରାଜ୍ୟରେ ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୫.୬ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ଏହା ୩୪.୧ ଡିଗ୍ରୀ ରହିଥିଲା।

# ଓପିଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ

## ୧୦୭ ଡିଏସ୍‌ପି ର୍‍ୟାଙ୍କ୍ ଅଧିକାରୀ ବଦଳିଲେ

ଭୁବନେଶ୍ୱର,୭।୨(ସତ୍ୟଜିତ୍ ରାଉତ)

ରାଜ୍ୟ ସରକାର ଓପିଏସ୍ ଅଫିସର (ଜୁନିୟର ବ୍ୟାଚ୍) ସ୍ତରରେ ଶୁକ୍ରବାର ବଡ଼ଧରଣର ଅଦଳବଦଳ କରିଛନ୍ତି। ଡିଏସ୍‌ପି ର୍‍ୟାଙ୍କ୍‌ରେ କାମ କରୁଥିବା ୧୦୭ଜଣ ପୋଲିସ ଅଧିକାରୀଙ୍କ କାର୍ଯ୍ୟସ୍ଥଳ ବଦଳିଛି। ଜଗତ୍‌ସିଂହପୁର ମୁଖ୍ୟାଳୟର ଡିଏସ୍‌ପି ଥିବା ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କୁ ନୟାଗଡ଼ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ନୟାଗଡ଼ ଏସ୍‌ଡିପିଓ ଦାୟିତ୍ୱରେ ଥିବା ସୁଦର୍ଶନ ଗଙ୍ଗୋଇଙ୍କୁ କେନ୍ଦୁଝର ସଦର ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ବାଙ୍କୀ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ରଙ୍କୁ ଘଟଗାଁ ଏସ୍‌ଡିପିଓ, ଢେଙ୍କାନାଳ ପିସିଆର୍ ସେଲ୍ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆଙ୍କୁ ଢେଙ୍କାନାଳ ମୁଖ୍ୟାଳୟର ଡିଏସ୍‌ପି, ନନ୍ଦପୁର ଏସ୍‌ଡିପିଓ ସମ୍ବିତ କୁମାର ମାଝୀଙ୍କୁ ଭଦ୍ରକ ସିଟି ଡିଏସ୍‌ପି ଭାବେ ବଦଳି କରାଯାଇଛି।

GOVERNMENT OF ODISHA
Mail id: eernb5bbsr@gmail.com
OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO. V, BHUBANESWAR
INVITATION OF BIDS
E-Procurement Bidder Call Notice No. 16 of 2024-25
No. 426
Bhubaneswar the 4th February - 2025
No. B-921: The Superintending Engineer, Bhubaneswar (R&B) Division No. V, Bhubaneswar on behalf of the Governor of Odisha invites percentage rate bids for one number supply of furniture to be received in online bidding, single cover system for supply work as detailed in **https://tendersodisha.gov.in**. The details of bid documents will be available in the above website from **05.00 P.M. of 10.02.2025 to 4.00 P.M. of 17.02.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.30 A.M. of 18.02.2025** in the Office of the Superintending Engineer, Bhubaneswar (R&B) Division No. V, Bhubaneswar. Further details can be seen from the e-procurement portal **www.tendersodisha.gov.in**. Addendum/Corrigendum, if required, will be available only in the website.

| Sl. No. | Name of the Work | Approximate Estimated Cost put to Bidder (Excluding GST) | EMD/Bid Security | Cost of Bid Document | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | S/R to PWD Road from Ghatikia to BDA Park via Brindavan Gurukul such as applying renewal coat to damaged BT surface and to provide raised footpath shoulder from ch. 0/000 km to 0/680 km for the year 2024-25 | Rs.44.90 Lakhs | Rs.45,000.00 Online | Rs.6,000.00 Online | "B" Class | 3 (Three) Calendar Month |

OIPR-34178/11/0011/2425
Sd./- Superintending Engineer, Bhubaneswar (R&B) Division No.V, Bhubaneswar

# ଓଡ଼ିଶା ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ନୀତି ୨୦୨୫ ପାଇଁ ଖସଡ଼ା ପ୍ରସ୍ତୁତ ହେବ

## ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର,୭।୨
(ଅନୁରାଧା ମହାରଣା)

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପମ୍ପ୍‌ଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ନୀତି ୨୦୨୫ ପାଇଁ ଖସଡ଼ା ପ୍ରସ୍ତୁତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ପୂର୍ବରୁ ଓଡ଼ିଶା ନବୀକରଣୀୟ ଶକ୍ତି ନୀତି-୨୦୨୨ ବିଷୟରେ ଅଧିସୂଚିତ କରିଥିଲେ। ବର୍ତ୍ତମାନ ନବୀକରଣୀୟ ଶକ୍ତି ବିକାଶ ପାଇଁ ଅନୁକୂଳ ଇକୋସିଷ୍ଟମ୍ ସୃଷ୍ଟି କରିବା ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା, ଶକ୍ତି କ୍ଷେତ୍ରର ଡିକାର୍ବନାଇଜେଶନ କରିବା ଏବଂ ପମ୍ପ୍‌ଡ ଷ୍ଟୋରେଜ ପ୍ରକଳ୍ପରେ ନିବେଶକୁ ଆକର୍ଷିତ କରିବା ଲକ୍ଷ୍ୟରେ ସରକାର ଓଡ଼ିଶା ପମ୍ପ୍‌ଡ ଷ୍ଟୋରେଜ ପ୍ରକଳ୍ପ ନୀତି ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଅନୁଷ୍ଠିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ରାଜ୍ୟ ଦ୍ୱାରା ଚିହ୍ନଟ ପମ୍ପ୍‌ଡ ଷ୍ଟୋରେଜ ପ୍ରୋଜେକ୍ଟ ଏବଂ ସଂସ୍ଥା ଦ୍ୱାରା ଚିହ୍ନଟ ପମ୍ପ୍‌ଡ ଷ୍ଟୋରେଜ ପ୍ରୋଜେକ୍ଟ ପାଇଁ ପୃଥକ୍ ଏସ୍‌ଓପି ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ପିଏସ୍‌ପି ପାଇଁ ବିସ୍ତୃତ ଏସ୍‌ଓପି ଏବଂ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ୍) ପ୍ୟାରୀମୋହନ ମିଶ୍ର ଏବଂ ଓଏଚପିସି, ଗ୍ରୀଡ୍‌କୋ, ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
e-mail : serwsbd2003@yahoo.com
No. 402/
Dt. 06.02.2025
1st CORRIGENDUM
**No.O-1437** : In continuation to this office Bid Identification No. - CCERWCSBD Online - 20/2024-25 invited vide this office Notice No. 252 dtd. 21.01.2025, partial modification of TCN has been made as follows :
The tenders for the Work "Construction of DIET as centre of excellence in District of Nabarangpur" of Annexure to the TCN is hereby cancelled.
All other terms and conditions will remain unaltered.
Sd./- Chief Construction Engineer
Rural Works Circle, Sunabeda
OIPR-25182/11/0033/2425

OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
No.B-899
E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523
INVITATIONS FOR BIDS (IFB)
File No. B-IV-H-(H&D)-61/2022 Lr. No. 4122 Bhubaneswar, the 30th Jan., 2025
Invitation for Bids
Bid Identification No. C.E.(B) - 30/2024-25

| | | | |
|---|---|---|---|
| 1 | The Chief Engineer, Buildings-I (I/C), Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Building work as mentioned below : | | |
| 2 | Nature of Work | : | Building Works |
| 3 | No. of Work | : | 01 No. |
| 4 | Bid Cost | : | ₹ 10,000/- (Each) |
| 5 | Class of Contractor | : | 'A' / Special Class |
| 6 | Availability of Bid Documents in the Website | : | From dt. 10.02.2025 to 17.00 Hours of dt. 25.02.2025 |
| 7 | Date of Opening of Bid | : | Dt. 27.02.2025 at 11:30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer, Buildings-I(I/C), Odisha, Bhubaneswar
OIPR-34117/11/0062/2425

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO:RWS&S DIVN. BBSR- 17 OF 2024-25
Tel-(0674) 2384108, E-Mail:eerwss_BBSR@nic.in
**No.O-1420:**The Executive Engineer, RWS&S Division, BBSR on behalf of Governor of Odisha invites item rate price bids through e-procurement in double cover system according to the norms of e-procurement system, in on-line mode from registered with the Odisha State Govt. & Contractors of equivalent grade/class registered with Govt. of India/ Govt. of any other State/ MES/ Railway & Reputed Engineering firm having valid & upto date Contractors registration certificate, GSTIN & PAN Card.

| Sl. No. | Nature of Work: | Construction of the fourth floor office building above the existing building of O/O the EIC, RWS&S (O), Bhubaneswar |
|---|---|---|
| 1. | No. of Works: | 1 No. |
| 2. | Time for Completion: | Five Months |
| 3. | Cost of Work: | 128.10 Lakhs |
| 4. | Cost of Bidding document: | Rs.10000/- |
| 5. | Availability of bids on-line | From 11.00 hours of 10.02.2025 to 17.00 hours of 24.02.2025 |
| 6. | Last date and time for seeking clarification | upto 17.00 hours of 15.02.2025 |
| 7. | Date & Time of opening of technical bids | 25.02.2025 at 11.30 Hours in the office of the Executive Engineer, RWS&S Division, BBSR (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and Time of Opening of financial bids | To be decided. |

Further details can be seen from the website https://www.tendersorissa.gov.in.
Sd./- Executive Engineer, RWS&S Division, BBSR
OIPR-25011/11/0008/2425

ରାଜ୍ୟ ଅର୍ଥ କମିଶନ
ଓଡ଼ିଶା ସରକାର
ଅର୍ଥ ବିଭାଗ
ଷଷ୍ଠ ରାଜ୍ୟ ଅର୍ଥ କମିଶନ, ଓଡ଼ିଶା
ସ୍ମାରକପତ୍ର ପ୍ରଦାନ ପାଇଁ ଆମନ୍ତ୍ରଣ
No. S-: ଓଡ଼ିଶାର ମାନ୍ୟବର ରାଜ୍ୟପାଳ ସମ୍ବିଧାନର ଧାରା 243-I ଓ 243-Y ଅନୁସାରେ ଷଷ୍ଠ ଓଡ଼ିଶା ଅର୍ଥ କମିଶନ ଗଠନ କରିଛନ୍ତି। ଏହି କମିଶନ ପଞ୍ଚାୟତିରାଜ ସଂସ୍ଥା ଓ ପୌରସଂସ୍ଥାମାନଙ୍କ ଉପରେ ନ୍ୟସ୍ତ ମୌଳିକ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସେମାନଙ୍କ ଆର୍ଥିକସ୍ଥିତିର ସମୀକ୍ଷା କରି ଉକ୍ତ ସଂସ୍ଥାମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ସୁପାରିଶ କରିବେ। ନିମ୍ନଲିଖିତ ବିଷୟ ଉପରେ ନୀତି ନିର୍ଦ୍ଧାରଣ ପୂର୍ବକ କମିଶନ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ।
(କ) ରାଜ୍ୟ ସରକାର କର, ଶୁଳ୍କ ଓ ଫିସ୍ ଆଦି ସୂତ୍ରରୁ ଆଦାୟ କରୁଥିବା ନିଟ୍ ଅର୍ଥ ରାଜ୍ୟ ସରକାର ଓ ପଞ୍ଚାୟତିରାଜ ସଂସ୍ଥା ଏବଂ ପୌରସଂସ୍ଥାମାନଙ୍କ ମଧ୍ୟରେ ଆବଣ୍ଟନ ଏବଂ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ପାଇଁ ମୋଟ ଅର୍ଥ ରାଶିରେ ପ୍ରତ୍ୟେକ ସ୍ତରର ଅଂଶ ନିର୍ଣ୍ଣୟ।
ତିଗିରିଆ ବ୍ଲକ୍ ମିଶନ ଶକ୍ତି ଓ ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ଇସି ସଭ୍ୟାଙ୍କ ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର ପାଇଁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ଶତାଧିକ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଇସି ସଭ୍ୟା ଏକତ୍ରିତ ହୋଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜନକରିବା ସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ଓ ସମ୍ପାଦିକା ସସ୍ମିତା ନାୟକଙ୍କ ନେତୃତ୍ୱରେ ବ୍ଲକ୍ର ୧୪ ପଞ୍ଚାୟତର ସମସ୍ତ ପଞ୍ଚାୟତସ୍ତରୀୟ ଶତାଧିକ ଇସି ସଭ୍ୟା ବ୍ଲକ୍ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବୟାନ ଦେବା ସହ ୪ ଦଫା ସମ୍ବଳିତ ଦାବିପତ୍ର ଯଥା ଗ୍ରାମପଞ୍ଚାୟତସ୍ତରୀୟ ଇସି ପୁନର୍ଗଠନ ପ୍ରତ୍ୟାହାର, କାର୍ଯ୍ୟରତ ଇସି ସଭ୍ୟାଙ୍କ କାର୍ଯ୍ୟକାଳ ବୃଦ୍ଧି, ମିଶନ ଶକ୍ତି ସ୍କୁଟି ଋଣ ଉପରେ ସରକାର ବିଚାର କରନ୍ତୁ ଓ ଇସି ସଭ୍ୟାଙ୍କ ସାମାଜିକ ନିରାପତ୍ତା ସହିତ କାର୍ଯ୍ୟକାଳ ମଧ୍ୟରେ ଦୁର୍ଘଟଣାଜନିତ ବୀମା ପ୍ରଦାନ ସମ୍ପର୍କିତ ଦାବିପତ୍ର। ତିଗିରିଆ ବିଡିଓ ଅନୁପସ୍ଥିତ ଥିବାରୁ ବରିଷ୍ଠ କିରାଣି ସୂର୍ଯ୍ୟମଣି ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଫାଇନାଲରେ ରକ୍ ଷ୍ଟାର କ୍ଲବ୍ କଟକ

### ପାଞ୍ଚଗାଁ ଫୁଟବଲ ଟୁର୍ଣ୍ଣାମେଣ୍ଟ

ତିଗିରିଆ, ୭।୨ (ଜାଫର ଖାଁ)

ତିଗିରିଆ ବ୍ଲକ୍ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ୯ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବଜ୍ୟୋତି କ୍ଲବ ପଙ୍କାଳ (ତିଗିରିଆ)କୁ ୧/୦ ଗୋଲରେ ପରାଜିତକରି ରକ୍ ଷ୍ଟାର କ୍ଲବ କଟକ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଏହି ସେମିଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧର ୪ ମିନିଟ୍ରେ ରକ ଷ୍ଟାର କ୍ଲବର ନଂ. ୯ ଖେଳାଳି ରିକି ଖାଁ ଏକ ମାତ୍ର ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ପରାଜିତ ଯୁବଜ୍ୟୋତି ଦଳ ବହୁତ ସୁଯୋଗ ପାଇଥିଲେ ମଧ୍ୟ ଗୋଲ କରିବାରେ ବିଫଳ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ବବୁଲାଲ ବେହେରା ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ମୁଖ୍ୟ ରେଫରି ଭାବେ ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅପୁଲ୍ୟ ସାମଲ ଓ ଶୁଭଜିତ୍ପାରାଣୀ ରାଉତ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସୁବାସ ମୁଦୁଲି ସହାୟତା କରିଥିଲେ।

### ଡମପଡ଼ା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ

# ପାନୀୟଜଳ, ଭତ୍ତା ଉପରେ ଗୁରୁତ୍ୱ

ବାଙ୍କୀ ୭।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ-ଡମପଡ଼ା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅଧ୍ୟକ୍ଷତା କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତାଗୁଡ଼ିକ ପଞ୍ଚାୟତସ୍ତରରେ ଦେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ କେନ୍ଦ୍ରୀୟ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ ନଂ. ଜିଲ୍ଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ବିଡିଓ ଅଂଶୁମାନ ଦାସ, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବନବାସୀ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, ସାଂସଦ ପ୍ରତିନିଧି ସରେଜ କୁମାର ମଡଗଜସିଂ, ଗ୍ରାମପଞ୍ଚାୟତ ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗଦେଇଥିଲେ। ଏଥିରେ ଯୋଗାଣ ବିଭାଗ, ଗ୍ରାମ୍ୟ ଜଳଯୋଗଣ ଓ ମେଗା ଜଳଯୋଗାଣର ଅଗ୍ରଗତି, ଗ୍ରାମ୍ୟ ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଯେଉଁ ପଞ୍ଚାୟତର ଗ୍ରାମଗୁଡ଼ିକରେ ପାଣିର ଅଭାବ ଅଛି ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ହରିରାଜପୁର ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ସେଠାକୁ ପାଣି ଟ୍ୟାଙ୍କର ମାଧ୍ୟମରେ ଯୋଗାଇଦେବାକୁ ସ୍ଥିର କରାଯାଇଥିଲା।

# ଡମପଡ଼ା ବ୍ଲକ୍ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ

ବାଙ୍କୀ,୭।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ା ବ୍ଲକ୍ ୫ମ ଶ୍ରେଣୀ ବୃତ୍ତି ପାଇବା ପାଇଁ ୭ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ କୁସୁନ୍ଦା ପ୍ରାଥମିକ ବିଦ୍ୟାଳୟର ସୋନାକ୍ଷୀ ପରିଡ଼ା, ଶିଶୁ ମନ୍ଦିର ତୁଳସୀପୁରର ସାଇ ପ୍ରସାଦ ସ୍ୱାଇଁ, ଶିଶୁମନ୍ଦିର ନିସ୍ତିପୁରର ମୌସମୀ ପ୍ରିୟଦର୍ଶିନୀ, ତୁଳସୀପୁର ଶିଶୁ ମନ୍ଦିର ସ୍ମୃତି ସାଗରିକା ତ୍ରିପାଠୀ, ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟଲକ୍ଷ୍ମୀ ମନ୍ତ୍ରୀ ଓ ଦିବ୍ୟାଂଶୁ ଦେବୀଦତ୍ତ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ରାଉତରାୟପୁରର ବିଷ୍ଣୁପ୍ରିୟା ସ୍ୱାଇଁ ଚଳିତବର୍ଷ ବୃତ୍ତି ପରୀକ୍ଷା ପାଇଁ ମନୋନୀତ ହୋଇଛନ୍ତି ବୋଲି ଡମପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେହିପରି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଅନନ୍ଦିତା ନାୟକ ସରସ୍ୱତୀ ଶିଶୁମନ୍ଦିର ନିସ୍ତିପୁର, ସୀତଲ ମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳବସ୍ତ, ଦୀପକ କୁମାର ସାହୁ ସରସ୍ୱତୀ ଶିଶୁମନ୍ଦିର ଡମପଡ଼ା, ସତ୍ୟପ୍ରକାଶ ପଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଙ୍କୀ, ତୁଳସୀପୁର ଏସ୍ଏସ୍ଏମ୍ ସ୍କୁଲର ସରଣ୍ୟ ବେହେରା, ପ୍ରନିସ୍କା ପ୍ରିୟଦର୍ଶିନୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଡମପଡ଼ା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିମିଳିପୁର ତେଜସ୍ୱିନୀ ବାରିକ କୃତକାର୍ଯ୍ୟ ହୋଇଛନ୍ତି ବୋଲି ବିଇଓ ସନ୍ତୋଷ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଜାତୀୟ କ୍ରୀଡ଼ାରେ ରୌପ୍ୟ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ଆଠଗଡ଼, ୭।୨ (ସତ୍ୟ ପ୍ରସାଦ ରଥ)



ଆଠଗଡ଼ ଖୋ ଖୋ ଆସୋସିଏଶନ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଠଗଡ଼ ୭ନଂ. ୱାର୍ଡସ୍ଥିତ ସାଇ ଭବନଠାରେ ଶୁକ୍ରବାର ନିକଟରେ ଉତ୍ତରାଖଣ୍ଡଠାରେ ୩୮ତମ ଜାତୀୟ କ୍ରୀଡ଼ା ସମାପ୍ତ ହୋଇଛି। ଏଥିରେ ଖୋ ଖୋ ଖେଳରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିବା ଆଠଗଡ଼ ଏନ୍ଏସି ଅଞ୍ଚଳର କ୍ରୀଡ଼ାବିତ ଟି. ଜଗନ୍ନାଥ ଦାସ, ଟି.ବଳରାମ ଦାସଙ୍କୁ ଆଠଗଡ଼ ଖୋ ଖୋ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟି. ଜଗନ୍ନାଥ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଦଳର ଅଧିନାୟକ ଭାବେ ନେତୃତ୍ୱ ନେଇ ଦଳ ଫାଇନାଲରେ ପହଞ୍ଚାଇବା ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଟି. ବଳରାମ ଦାସ ମଧ୍ୟ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିଲେ। ଟି. ଜଗନ୍ନାଥ ପ୍ରୋ-ଖୋ-ଖୋ ଟୁର୍ନାମେଣ୍ଟରେ ଗୁଜୁରାଟ ଜ୍ୟାଣ୍ଟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲା ବେଳେ ଏବେ ଭାରତୀୟ ରେଳବାଇରେ କାର୍ଯ୍ୟରତ ଅଛନ୍ତି। ସେହିପରି ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ପାଇଁ ପ୍ରତିନିଧିତ୍ୱ କରିଥିବା ବବୁଲୁ ବେହେରା ଓ ବିଗିନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଠଗଡ଼ ଖୋ-ଖୋ ଆସୋସିଏଶନର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷ ମନୋରଞ୍ଜନ ଦାସ, ଆଠଗଡ଼ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା, ବିକ୍ରମ ବିକାଶ ରାୟସାମନ୍ତ, ଅସିତ କୁମାର ରଥ ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ।

# ପ୍ରାକୃତିକ ସମ୍ପଦ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ବାଙ୍କୀ, ୭।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ୍ କଳାପଥର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରକୃତି ସୁରକ୍ଷା ଉପରେ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ସଙ୍ଗଠନ ତୁଳସୀପୁର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରକୃତି ସୁରକ୍ଷା, ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ପ୍ରସନ୍ନ କୁମାର ସାହୁ ଯୋଗଦେଇଥିଲେ। ଏଥିରେ ବିଜୟ କୁମାର ସାହୁ, ମମତା ବାରିକ, ବିରଞ୍ଚି ନାରାୟଣ ରାଉତରାୟ, ବିମଳା ଦେଇ , ଦେବୀଦର୍ଶିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିମୟୀ ସାହୁ ଧନ୍ୟବାଦ ଦେଇଥିଲେ।


## ଇଣ୍ଡିଆନ୍ ବ୍ୟାଙ୍କ (इंडियन बैंक Indian Bank / इलाहाबाद ALLAHABAD)

**ଆଞ୍ଚଳିକ କାର୍ଯ୍ୟାଳୟ,** ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି** ଆପେଣ୍ଡିକ୍ସ-୪-ଏ (ରୁଲ ୮(୬) ବ୍ୟବସ୍ଥା ଅନୁଯାୟୀ)

ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍ଦାରଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାର ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ପଟିଆ ଶାଖା** (ମୋ.: ୯୪୩୭୯୬୫୮୪୧) **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମହାଦେବ ଜେନା, ଜାମିନ୍ଦାର/ ବନ୍ଧକଦାତା: ଶ୍ରୀ ଛବିନ୍ଦ୍ର କୁମାର ଜେନା,** ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା। | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା** ଏବଂ **ଶ୍ରୀ ଛବିନ୍ଦ୍ର କୁମାର ଜେନା।** ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍ ନଂ.୪୦, ରେଭିନ୍ୟୁ ଡିଭିଜନ୍: ଭୁବନେଶ୍ୱର, ଏସ୍ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି, (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍ଡିନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା। | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ୬୮,୬୯,୦୦୦/- / ଟ୬,୮୬,୯୦୦/- / ଟ.୨୫,୦୦୦/- | ୨୭.୦୨.୨୦୨୫ (ଗୁରୁବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍ଲାଇନ୍ ବିଡ୍ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ **https://baanknet.com** / (**https://www.ebkray.in**) ପରିଦର୍ଶନ କରନ୍ତୁ। ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ। ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://baanknet.com / https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd, ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
**https://baanknet.com / https://www.ebkray.in** ୱେବସାଇଟରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍ରମାନଙ୍କୁ ପରାମର୍ଶ ଦିଆଯାଉଛି।

ତାରିଖ-୦୭.୦୨.୨୦୨୫, ସ୍ଥାନ-ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



## ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. କଚେରୀ ରୋଡ୍, ପୁରୀ

### ବନ୍ଧକ ସୁନା ଅଳଙ୍କାର ନିଲାମ ଇସ୍ତାହାର

ସଂଖ୍ୟା: ୧୫୮୯ — ତାରିଖ: ୦୭।୦୨।୨୦୨୫

ଏତଦ୍ୱାରା ବନ୍ଧକ ଋଣଗ୍ରହୀତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ ଦ୍ୱାରା ଜଣାଇଥିଲେ ମଧ୍ୟ ସେମାନେ ସେମାନଙ୍କ ଉପରେ ଥିବା ବକେୟା ଋଣ ପରିଶୋଧ କରୁନାହାନ୍ତି ଏଣୁ ନିମ୍ନ ଲିଖିତ ଋଣଗ୍ରହୀତାମାନେ ଆସନ୍ତା ତା୨୧।୦୨।୨୦୨୫ରିଖ (ଶୁକ୍ରବାର) ସୁଦ୍ଧା ସେମାନଙ୍କ ବକେୟା ଋଣ ପରିଶୋଧ ନ କରନ୍ତି, ତା' ହେଲେ ବ୍ୟାଙ୍କର ନିମ୍ନଲିଖିତ ଶାଖାରେ ବନ୍ଧକ ଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ସମ୍ପୃକ୍ତ ଶାଖା ପରିସରରେ ନିମ୍ନସୂଚୀମତେ ନିର୍ଦ୍ଧାରିତ ତାରିଖ ଓ ସମୟରେ ସର୍ବସାଧାରଣରେ ନିଲାମ କରାଯିବ। ନିଲାମି ଦ୍ୱାରା ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟୀରହିବେ ନାହିଁ ଓ ଆବଶ୍ୟକସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବେ।

ସ୍ଥାନ: ପୁରୀ, ତା: ୦୭।୦୨।୨୦୨୫,
ସ୍ୱା: ଶ୍ରୀମତୀ ବନଶ୍ରୀ ମଲ୍ଲିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

**ବିଶେଷ ଦ୍ରଷ୍ଟବ୍ୟ:** ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି, ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମ ତାରିଖରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଟ.୧୦,୦୦୦/-ଙ୍କା (ଦଶ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ଜମା ଦେବାକୁ ପଡ଼ିବ। ୨) ଅମାନତ ରାଶି ଦାଖଲ କରିବା ପରେ ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ। ୩) ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମସ୍ତ ରାଶିକୁ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକିଥିବା ମୂଲ୍ୟର ସମସ୍ତ ରାଶି ଜମାକରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ। ୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ। ୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ ନୁହେଁ ଏବଂ ଆବଶ୍ୟକସ୍ଥଳେ କୌଣସି କାରଣ ନ ଜଣାଇ ବ୍ୟାଙ୍କ ନିଲାମକୁ ରଦ କରିଦେଇପାରେ। ୬) ଯଦି କୌଣସି ବ୍ୟକ୍ତିଙ୍କ ସର୍ବୋଚ୍ଚ ନିଲାମ ଡାକକୁ ବ୍ୟାଙ୍କ କର୍ତ୍ତୃପକ୍ଷ ରଦ/ନାକଚ କରନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତି ଜମାଦେଇଥିବା ସମସ୍ତ ଅମାନତ ରାଶିକୁ ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ। ୭) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ମାନ, ଓଜନ ଓ ବିଶୁଦ୍ଧତା ପାଇଁ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପ୍ରକାର ଦାୟୀ ହେବେ ନାହିଁ। ୮) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କ ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ।

**ମହିଳା ଶାଖା, ବଳଗଣ୍ଡି ଛକ, ପୁରୀ ନିଲାମି ତାରିଖ: ତା୨୪।୦୨।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.।**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୭୦୩୫୦୦୧୦୨୮ | ଝୁନି ପୁଷ୍ଟି, ନୂଆସାହି, ବଳଗଣ୍ଡି, ପୁରୀ | ୨୫ ଗ୍ରା | ୧୭୯୮୪୧.୦୦ |
| ୨ | ୦୦୭୦୩୫୦୦୧୩୯୩ | କୁସୁମ ମହାନ୍ତି, ବଳଗଣ୍ଡି, ପୁରୀ | ୨୪ ଗ୍ରା | ୧୬୦୨୧୩.୦୦ |
| ୩ | ୦୦୭୦୩୫୦୦୧୩୯୪ | କୁସୁମ ମହାନ୍ତି, ବଳଗଣ୍ଡି, ପୁରୀ | ୨୦ ଗ୍ରା | ୧୨୭୧୫୨.୦୦ |
| ୪ | ୦୦୭୦୩୫୦୦୬୮୧୫ | ସ୍ନେହଲତା ପ୍ରଧାନ, ଖାକୀମଠ, ନୂଆସାହି, ପୁରୀ | ୧୨ ଗ୍ରା | ୭୭୧୫୦.୦୦ |
| ୫ | ୦୦୭୦୩୫୦୦୬୮୨୬ | ପୂର୍ଣ୍ଣଚନ୍ଦ୍ର ଜେନା, ହନ୍ତୁକ, ବାସୁଦେବପୁର, ପୁରୀ | ୧୨ ଗ୍ରା | ୬୭୪୨୪.୦୦ |
| ୬ | ୦୦୭୦୩୫୦୦୬୮୫୧ | ଲକ୍ଷ୍ମୀପ୍ରିୟା ଦାସ, ଗୋପାଳପୁର, ବାଲିଗଆଳି, ବାଲୁଖଣ୍ଡ, ପୁରୀ | ୨୦ ଗ୍ରା | ୧୫୭୫୩୯.୦୦ |
| ୭ | ୦୦୭୦୩୫୦୦୬୮୯୩ | ରାମଚନ୍ଦ୍ର ଦଳାଇ, କେଉଟକୁଦି, ଭୁବନପୁର, ବ୍ରହ୍ମଗିରି, ପୁରୀ | ୧୦ ଗ୍ରା | ୪୮୮୬୩.୦୦ |
| ୮ | ୦୦୭୦୩୫୦୦୬୯୦୫ | ରମେଶ ଚନ୍ଦ୍ର ମହାନ୍ତି, ପୋଡ଼ାଡିହ, ନୂଆଗାଁ, ବ୍ରହ୍ମଗିରି, ପୁରୀ | ୧୩.୭୯୦ ଗ୍ରା | ୭୬୧୮୪.୦୦ |
| ୯ | ୦୦୭୦୩୫୦୦୭୩୮୧ | ବିକାଶ କୁମାର ମଲ୍ଲିକ, ବେଣ୍ଟପୁର, ବ୍ରହ୍ମଗିରି, ପୁରୀ | ୧୧ ଗ୍ରା | ୬୨୬୯୬.୦୦ |
| ୧୦ | ୦୦୭୦୩୫୦୦୭୪୫୭ | ସୀତାଦାସ, ଶଙ୍କରପୁର, ଖଡ଼ିପଦା, ବାସେଳୀ ସାହି, ପୁରୀ | ୧୦ ଗ୍ରା | ୫୩୧୬୬.୦୦ |
| ୧୧ | ୦୦୭୦୩୫୦୦୭୮୨୧ | ଅର୍ଜୁନ ମହାରଣା, ଗୌଡ଼ ବାଡ଼ ସାହି, ବାଲିପାଟଣା, ପୁରୀ | ୧୫.୭୦୦ ଗ୍ରା | ୭୨୧୬୦.୦୦ |
| ୧୨ | ୦୦୭୦୩୫୦୦୮୦୬୭ | ସୀତାଦାସ, ଶଙ୍କରପୁର, ଖଡ଼ିପଦା, ବାସେଳୀ ସାହି, ପୁରୀ | ୭.୫୦୦ ଗ୍ରା | ୧୨୩୩୩.୦୦ |
| ୧୩ | ୦୦୭୦୩୫୦୦୮୧୨୯ | କମଳା ସାହୁ, ଘୋଡ଼ା ବାସେଳୀ ସାହି, ଓଡ଼ିଆମଠ ଛକ, ପୁରୀ | ୩.୨୦୦ ଗ୍ରା | ୨୧୧୮୧.୦୦ |
| ୧୪ | ୦୦୭୦୩୫୦୦୮୧୩୨ | କମଳା ସାହୁ, ଘୋଡ଼ା ବାସେଳୀ ସାହି, ଓଡ଼ିଆମଠ ଛକ, ପୁରୀ | ୧୦ ଗ୍ରା | ୪୦୫୬୫.୦୦ |
| ୧୫ | ୦୦୭୦୩୫୦୦୮୧୫୨ | ପିଙ୍କି ଭୋଇ, ନବକଳେବର ରୋଡ, ମଙ୍ଗଳା ଲେନ୍, ପୁରୀ | ୭.୫୦୦ ଗ୍ରା | ୨୮୭୬୧.୦୦ |
| ୧୬ | ୦୦୭୦୩୫୦୦୮୨୫୨ | ଦୀପକ ମହାନ୍ତି, କାଚେରୀ ମଠ ଲେନ୍, ପୁରୀ | ୧୭.୬୦୦ ଗ୍ରା | ୬୮୬୦୬.୦୦ |
| ୧୭ | ୦୦୭୦୩୫୦୦୮୮୩୩ | ସୁନିତା ସାହୁ, ଘୋଡ଼ା ବାସେଳୀ ସାହି, ଓଡ଼ିଆମଠ ଛକ, ପୁରୀ | ୧୨.୫୦୦ ଗ୍ରା | ୪୪୨୧୬.୦୦ |
| ୧୮ | ୦୦୭୦୩୫୦୦୯୧୧୩ | ଦୁଷ୍ମନ୍ତ କୁମାର ପ୍ରଧାନ, ବେଲଦଳ, ବାଲିଗୁଆଳି, ପୁରୀ | ୯.୦୦ ଗ୍ରା | ୩୧୭୭୬.୦୦ |

**ପିପିଲି ଶାଖା, ପିପିଲି, ପୁରୀ ନିଲାମି ତାରିଖ: ତା୨୫।୦୨।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୩୦୩୫୦୦୦୦୦୨ | ପ୍ରକାଶ କୁମାର ସୁବୁଦ୍ଧି, ଡିହସାହି, ପିପିଲି, ପୁରୀ | ୧୧.୫୫୦ ଗ୍ରା | ୫୨୮୪୮.୦୦ |
| ୨ | ୦୦୩୦୩୫୦୦୦୦୧୫ | ବ୍ରଜବନ୍ଧୁ ପ୍ରଧାନ, ପିପିଲି ବ୍ରାଞ୍ଚ, ପିପିଲି, ପୁରୀ | ୭.୨୧୦ ଗ୍ରା | ୨୫୩୬୫.୦୦ |
| ୩ | ୦୦୩୦୩୫୦୦୦୦୮୭ | ଏକାମ୍ର କେଶରୀ ମାହୁନ୍ତ, ପାଣିଦୋଳ, କଣ୍ଟି, ପିପିଲି, ପୁରୀ | ୧୮.୯୩୦ ଗ୍ରା | ୬୬୫୧୩.୦୦ |
| ୪ | ୦୦୩୦୩୫୦୦୦୧୧୪ | ମାଗୁଣି ସ୍ୱାଇଁ, ଉଜନୀପଡ଼ା, ପିପିଲି, ପୁରୀ | ୬.୬୭୦ ଗ୍ରା | ୧୧୬୦୪.୦୦ |
| ୫ | ୦୦୩୦୩୫୦୦୦୧୫୮ | ସୂର୍ଯ୍ୟକାନ୍ତ ସ୍ୱାଇଁ, ବିନ୍ଧ, ପିପିଲି, ପୁରୀ | ୨୧.୦୪୦ ଗ୍ରା | ୪୫୪୮୪.୦୦ |
| ୬ | ୦୦୩୧୧୦୦୦୦୧୫୮ | ବ୍ରଜମୋହନ ମହାପାତ୍ର, ସଙ୍ଗଲାଇ ଶାସନ, ପିପିଲି, ପୁରୀ | ୮.୩୦୦ ଗ୍ରା | ୨୩୨୬୦.୦୦ |
| ୭ | ୦୦୩୧୧୦୦୦୦୧୫୯ | ବ୍ରଜମୋହନ ମହାପାତ୍ର, ସଙ୍ଗଲାଇ ଶାସନ, ପିପିଲି, ପୁରୀ | ୧୩.୭୩୦ ଗ୍ରା | ୪୯୭୭୨.୦୦ |
| ୮ | ୦୦୩୧୧୦୦୦୦୩୯୨ | କେଶବ ବାରିକ, ତେଇସିପୁର, ପିପିଲି, ପୁରୀ | ୪.୬୧୦ ଗ୍ରା | ୧୯୫୪୮.୦୦ |

**କଣାସ ଶାଖା, କଣାସ, ପୁରୀ ନିଲାମି ତାରିଖ: ୨୮।୦୨।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୧୦୦୩୫୦୦୦୦୯୭ | ମନୋରଞ୍ଜନ ଜେନା, ତିଗିରିଆ, କଣ୍ଡଗଦା, କଣାସ, ପୁରୀ | ୧୦ ଗ୍ରାମ | ୬୦୦୫୭.୦୦ |
| ୨ | ୦୧୦୦୩୫୦୦୦୨୨୪ | ପ୍ରଦୀପ୍ତ କୁମାର ଛୁଆଁଳାରସିଂ, ଦୋକନଡ଼ା, କଣାସ, ପୁରୀ | ୧୬ ଗ୍ରାମ | ୧୨୫୬୭୨.୦୦ |
| ୩ | ୦୧୦୦୩୫୦୦୦୩୨୭ | ନିରଞ୍ଜନ ପଟ୍ଟନାୟକ, ଭାତପଡ଼ା, କଣାସ, ପୁରୀ | ୧୬ ଗ୍ରାମ | ୮୭୬୩୧.୦୦ |
| ୪ | ୦୧୦୦୩୫୦୦୦୪୭୨ | ସୁକାନ୍ତ ପ୍ରଧାନ, ରାଣୀପଡ଼ା, ତ୍ରିଲୋଚନପୁର, କଣାସ, ପୁରୀ | ୪୪ ଗ୍ରାମ | ୩୮୪୬୫୮.୦୦ |
| ୫ | ୦୧୦୦୩୫୦୦୦୫୩୦ | ସତ୍ୟାନନ୍ଦ ବଳିୟାରସିଂ, ଗଡ଼ବଡ଼ପୁଟ, କଣାସ, ପୁରୀ | ୭ ଗ୍ରାମ | ୬୮୩୦୮.୦୦ |
| ୬ | ୦୧୦୦୩୫୦୦୦୫୪୬ | ଦିଲ୍ଲିପ କୁମାର ଛୋଟରାୟ, ଝରଡ଼ା, ରାଧାକୃଷ୍ଣପୁର, କଣାସ, ପୁରୀ | ୧୪ ଗ୍ରାମ | ୧୧୬୮୩୯.୦୦ |
| ୭ | ୦୧୦୦୩୫୦୦୦୫୯୪ | ଅରୁଣ ପ୍ଲୁତାସିଂ, ଗଡ଼ବଳଭଦ୍ରପୁର, କଣାସ, ପୁରୀ | ୫ ଗ୍ରାମ | ୩୫୪୮୪.୦୦ |
| ୮ | ୦୧୦୦୩୫୦୦୦୫୯୭ | ପ୍ରଦୀପ୍ତ କୁମାର ଛୁଆଁଳାରସିଂ, ଦୋକନଡ଼ା, କଣାସ, ପୁରୀ | ୨୦ ଗ୍ରାମ | ୧୫୫୦୨୮.୦୦ |
| ୯ | ୦୧୦୦୩୫୦୦୦୭୦୩ | ପ୍ରସନ୍ନ କୁମାର ସାନ୍ତପତି, ଦୋକନଡ଼ା, କଣାସ, ପୁରୀ | ୧୫ ଗ୍ରାମ | ୧୩୬୫୧୫.୦୦ |
| ୧୦ | ୦୧୦୦୩୫୦୦୦୭୨୨ | ହାଲୁରୀ ଜାଳି, କଣାସ, ପୁରୀ | ୨୫ ଗ୍ରାମ | ୨୦୩୨୫୧.୦୦ |
| ୧୧ | ୦୧୦୦୩୫୦୦୦୭୩୩ | ଦୁଷ୍ମନ୍ତ ପ୍ଲୁଟ ସିଂ, ଗଡ଼ସାନପୁଟ, କଣାସ, ପୁରୀ | ୨୨ ଗ୍ରାମ | ୧୬୧୬୫୬.୦୦ |
| ୧୨ | ୦୧୦୦୩୫୦୦୦୮୯୨ | ମଙ୍ଗୁଳି ରାଉତ, ଗଡ଼ସାନପୁଟ, କଣାସ, ପୁରୀ | ୫ ଗ୍ରାମ | ୨୪୨୦୦.୦୦ |
| ୧୩ | ୦୧୦୦୩୫୦୦୦୯୦୪ | ମହେଶ୍ୱର ଜୟସିଂ, ଗଡ଼ବଳଭଦ୍ରପୁର, କଣାସ, ପୁରୀ | ୨୭ ଗ୍ରାମ | ୨୨୩୬୯୨.୦୦ |
| ୧୪ | ୦୧୦୦୩୫୦୦୦୯୩୬ | ମହେଶ୍ୱର ଜୟସିଂ, ଗଡ଼ବଳଭଦ୍ରପୁର, କଣାସ, ପୁରୀ | ୮ ଗ୍ରାମ | ୭୨୯୦୦.୦୦ |
| ୧୫ | ୦୧୦୦୩୫୦୦୧୦୨୪ | ସୁଶାନ୍ତ କୁମାର ମହାପାତ୍ର, କଣାସ, ପୁରୀ | ୨୬ ଗ୍ରାମ | ୧୪୮୮୫୭.୦୦ |
| ୧୬ | ୦୧୦୦୩୫୦୦୧୧୫୯ | ନିରଞ୍ଜନ ଦାସ, ଏକରୁହା, ଟିପୁରୀ, କଣାସ, ପୁରୀ | ୮ ଗ୍ରାମ | ୩୩୧୨୯.୦୦ |
| ୧୭ | ୦୧୦୦୩୫୦୦୧୧୭୩ | ଭାଗିରଥି ବେହେରା, ଭାତପଡ଼ା, ତୁଳସୀପୁର, କଣାସ, ପୁରୀ | ୨୭ ଗ୍ରାମ | ୧୦୮୩୧୬.୦୦ |

**ଅସ୍ତରଙ୍ଗ ଶାଖା, ଅସ୍ତରଙ୍ଗ, ପୁରୀ ନିଲାମି ତାରିଖ: ତା୦୧।୦୩।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୫୦୩୫୦୦୦୦୦୮ | ସଞ୍ଜୟ ପ୍ରଧାନ, ଅଠତୀରା, ଆଲସାହି, ଅସ୍ତରଙ୍ଗ, ପୁରୀ | ୭.୬୭୦ ଗ୍ରା | ୬୬୫୫୬.୦୦ |
| ୨ | ୦୦୫୦୩୫୦୦୦୦୨୫ | କରଣ ସ୍ୱାଇଁ, ରାଇବରୁଣ, ଅସ୍ତରଙ୍ଗ, ପୁରୀ | ୧୧ ଗ୍ରା | ୧୩୪୬୫୨.୦୦ |
| ୩ | ୦୦୫୦୩୫୦୦୦୦୫୬ | ସଞ୍ଜୟ କୁମାର ପାତ୍ର, ନୂଆଗଡ଼, ଅସ୍ତରଙ୍ଗ, ପୁରୀ | ୧୭ ଗ୍ରା | ୩୦୪୦୦୭.୦୦ |
| ୪ | ୦୦୫୦୩୫୦୦୦୦୬୩ | ସୁଧାଂଶୁ ଶେଖର ବାରିକ, ନୂଆଗଡ଼, ଅସ୍ତରଙ୍ଗ, ପୁରୀ | ୧୬.୬୦୦ ଗ୍ରା | ୨୭୬୬୭୪.୦୦ |
| ୫ | ୦୦୫୦୩୫୦୦୦୦୬୫ | ଚାରୁଲତା ବେହେରା, ବାଲିଡିହ, ନୂଆଗଡ଼, ଅସ୍ତରଙ୍ଗ, ପୁରୀ | ୨୩ ଗ୍ରା | ୩୨୫୬୦୧.୦୦ |
| ୬ | ୦୦୫୦୩୫୦୦୦୦୬୯ | ଚାରୁଲତା ବେହେରା, ନୂଆଗଡ଼, ଅସ୍ତରଙ୍ଗ, ପୁରୀ | ୨୩ ଗ୍ରା | ୪୦୭୮୫୦.୦୦ |
| ୭ | ୦୦୫୦୩୫୦୦୦୦୭୪ | ରବୀନ୍ଦ୍ର କୁମାର ସେନାପତି, ନୂଆଗଡ଼, ଅସ୍ତରଙ୍ଗ, ପୁରୀ | ୪.୫୦୦ ଗ୍ରା | ୬୯୬୬୫.୦୦ |
| ୮ | ୦୦୫୦୩୫୦୦୦୦୮୮ | ସୁରେନ୍ଦ୍ର ନାଥ ନାୟକ, କନ୍ତପଇର, ଅସ୍ତରଙ୍ଗ, ପୁରୀ | ୮.୯୦୦ ଗ୍ରା | ୧୫୪୭୫୭.୦୦ |
| ୯ | ୦୦୫୦୩୫୦୦୦୧୦୩ | ବାବୁଲି ବିଶ୍ୱାଳ, ନୂଆଗାଁ, ଅସ୍ତରଙ୍ଗ, ପୁରୀ | ୧୦ ଗ୍ରା | ୧୩୩୦୦୫.୦୦ |
| ୧୦ | ୦୦୫୦୩୫୦୦୦୧୮୨ | ସନ୍ତୋଷ କୁମାର କାଣ୍ଡି, ଅସ୍ତରଙ୍ଗ, ପୁରୀ | ୬ ଗ୍ରା | ୫୫୪୪୮.୦୦ |

**ମୁଖ୍ୟ ଶାଖା, କଚେରୀ ରୋଡ, ପୁରୀ ନିଲାମି ତାରିଖ: ତା୦୪।୦୩।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୧୦୩୫୦୦୮୪୬୩ | ମହେନ୍ଦ୍ର ବିଶ୍ୱାଳ, ଗଡ଼ମୁର୍ଗଶିରା, ଚନ୍ଦନପୁର | ୯ ଗ୍ରା | ୬୫୨୪୫.୦୦ |
| ୨ | ୦୦୧୦୩୫୦୦୮୫୫୦ | ଅଶୋକ କୁମାର ସାହୁ, ମାର୍କଣ୍ଡେଶ୍ୱର ସାହି, ପୁରୀ | ୧୧.୫୦୦ ଗ୍ରା | ୬୦୬୯୨.୦୦ |
| ୩ | ୦୦୧୦୩୫୦୦୮୬୨୮ | ଉମାମଣୀ କଟାୟାତ, ମାଟି ତୋଟା, ୨ ଲେନ, ପୁରୀ | ୨୦.୮୬୦ ଗ୍ରା | ୧୩୪୮୦୦.୦୦ |
| ୪ | ୦୦୧୦୩୫୦୦୮୭୬୧ | ଆଲୋକ କୁମାର ଶତପଥୀ, କ୍ଲାର୍କ ରୋଡ, ବ୍ରହ୍ମଚାରୀ ମଠ ନିକଟ, ପୁରୀ | ୨୪ ଗ୍ରା | ୯୯୭୮୧.୦୦ |
| ୫ | ୦୦୧୦୩୫୦୦୮୯୭୩ | ଆଲୋକ କୁମାର ଶତପଥୀ, କ୍ଲାକ ରୋଡ, ବ୍ରହ୍ମଚାରୀ ମଠ ନିକଟ, ପୁରୀ | ୫ ଗ୍ରା | ୧୪୩୯୦.୦୦ |

**କାକଟପୁର ଶାଖା, କାକଟପୁର, ପୁରୀ ନିଲାମି ତାରିଖ: ତା୦୭।୦୩।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୨୦୩୫୦୦୦୦୦୮ | ପ୍ରଦେଶ କୁମାର ସାହୁ, ଗଙ୍ଗପୁର, ଉଦୟପୁର, କାକଟପୁର, ପୁରୀ | ୧୫.୫୦୦ ଗ୍ରା | ୧୧୨୪୧୨.୦୦ |
| ୨ | ୦୦୨୦୩୫୦୦୦୦୫୫ | ଏସ୍.କେ. ସାମସୁଦ୍ଦିନ, କାକଟପୁର, ପୁରୀ | ୧୧.୭୦୦ ଗ୍ରା | ୯୫୮୨୨.୦୦ |
| ୩ | ୦୦୨୦୩୫୦୦୦୦୬୩ | ଦେବେନ୍ଦ୍ର ପରିଡ଼ା, ମଧୁପୁର, ନୂଆଗଡ଼, କାକଟପୁର, ପୁରୀ | ୧୮.୯୦୦ ଗ୍ରା | ୧୪୪୧୧୮.୦୦ |
| ୪ | ୦୦୨୦୩୫୦୦୦୧୦୨ | ଅରୁଣ ଦଳାଇ, ସୁଅର, ସୁରଭ | ୧୪ ଗ୍ରା | ୧୦୯୮୯୪.୦୦ |

**ନିମାପଡ଼ା ଶାଖା, ନିମାପଡ଼ା, ପୁରୀ ନିଲାମି ତାରିଖ: ତା୧୦।୦୩।୨୦୨୫ ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୧୨୦୩୫୦୦୦୦୪୭ | ଦିଲୀପ କୁମାର ପାଟଶହାଣୀ, ଗଡ଼ଘାଟିର, ଅରିଶଣ୍ଡ, ନିମାପଡ଼ା, ପୁରୀ | ୧୭.୨୦୦ ଗ୍ରା | ୯୫୯୩୫.୦୦ |
| ୨ | ୦୧୨୦୩୫୦୦୦୨୮୯ | କାହ୍ନୁ ଚରଣ ସ୍ୱାଇଁ, ହାଟବଜାର, ନିମାପଡ଼ା, ପୁରୀ | ୧୨ ଗ୍ରା | ୭୧୮୨୩.୦୦ |
| ୩ | ୦୧୨୦୩୫୦୦୦୪୩୬ | କୃଷ୍ଣ ଚନ୍ଦ୍ର ମେକାପ, ବ୍ରହ୍ମଖାଟି, ଅରିଶଣ୍ଡ, ନିମାପଡ଼ା, ପୁରୀ | ୧୨.୪୪୦ ଗ୍ରା | ୬୩୩୯୦.୦୦ |
| ୪ | ୦୧୨୦୩୫୦୦୦୫୩୯ | ପ୍ରଫୁଲ୍ଲ କୁମାର ସାହୁ, ହାଟସାହି, ନିମାପଡ଼ା, ପୁରୀ | ୧୨.୭୮୦ ଗ୍ରା | ୮୭୬୭୨.୦୦ |
| ୫ | ୦୧୨୦୩୫୦୦୦୮୭୬ | ସାଧୁ ଚରଣ ସାହୁ, ଗୁଣ୍ଡିଚାବାଡ଼ି, ନିମାପଡ଼ା, ପୁରୀ | ୧୨.୮୧୦ ଗ୍ରା | ୮୧୫୩୯.୦୦ |
| ୬ | ୦୧୨୦୩୫୦୦୦୯୨୬ | ଗୁରୁପ୍ରସାଦ ମହାନ୍ତି, ପାଣିଙ୍କସାହି, ଓହଳ, ନିମାପଡ଼ା, ପୁରୀ | ୮.୮୭୦ ଗ୍ରା | ୩୬୬୫୩.୦୦ |
| ୭ | ୦୧୨୦୩୫୦୦୦୯୬୮ | ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଅଣ୍ଡିଆ ସାହି, ନିମାପଡ଼ା, ପୁରୀ | ୨୯.୦୧୦ ଗ୍ରା | ୧୧୪୪୧୪.୦୦ |
| ୮ | ୦୧୨୦୩୫୦୦୧୨୦୧ | ପ୍ରଦୀପ୍ତ ଦାସ, ଗଡ଼ଝିଙ୍କାରୀରେ ବଦର, ନିମାପଡ଼ା, ପୁରୀ | ୫.୫୬୦ ଗ୍ରା | ୨୫୦୫୩.୦୦ |
| ୯ | ୦୧୨୦୩୫୦୦୧୨୦୩ | ବ୍ରଜ କିଶୋର ଗୁରୁ, ପାର୍ବତୀପୁର, ସାହାଡ଼ାପଡ଼ା, ନିମାପଡ଼ା, ପୁରୀ | ୧୫.୯୦୦ ଗ୍ରା | ୨୦୧୩୪.୦୦ |
| ୧୦ | ୦୧୨୦୩୫୦୦୧୨୫୫ | ଜୟଦେବ ରାଉତ, ଚଉଁରପଡ଼ା, ନିମାପଡ଼ା, ପୁରୀ | ୧୫.୯୬୦ ଗ୍ରା | ୫୮୭୨୫.୦୦ |
| ୧୧ | ୦୧୨୦୩୫୦୦୧୩୧୫ | ଜୟଦେବ ରାଉତ, ଚଉଁରପଡ଼ା, ନିମାପଡ଼ା, ପୁରୀ | ୭.୬୬୦ ଗ୍ରା | ୫୪୯୬୧.୦୦ |
| ୧୨ | ୦୧୨୦୩୫୦୦୧୩୨୨ | ଜନ୍ମେଜୟ ମାଝି, ପାଟେଲିଗ୍ରାମ, ନହାନତାର, ନିମାପଡ଼ା, ପୁରୀ | ୩.୫୫୦ ଗ୍ରା | ୧୪୯୨୪.୦୦ |
| ୧୩ | ୦୧୨୦୩୫୦୦୧୩୪୪ | ମନ୍ଦାର ଲେଙ୍କା, ତରବୋଇ ଶାସନ, ଡଣ୍ଡୀପୁର, ନିମାପଡ଼ା, ପୁରୀ | ୧୭,୭୫୦ ଗ୍ରା | ୫୮୨୫୫.୦୦ |
| ୧୪ | ୦୧୨୦୩୫୦୦୧୩୫୯ | ଗୋବିନ୍ଦ ମହାରଣା, ଆମ୍ବଡିହା, ବନ୍ଧୁଗ୍ରାମ, ନିମାପଡ଼ା, ପୁରୀ | ୯.୧୦୦ ଗ୍ରା | ୨୨୫୬୨.୫୬ |

ସ୍ଥାନ: ପୁରୀ, ତା: ୦୭।୦୨।୨୦୨୫,
ସ୍ୱା: ଶ୍ରୀମତୀ ବନଶ୍ରୀ ମଲ୍ଲିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୌରଶକ୍ତି କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ

## ୧୦୦ ଗିଗାୱାଟ୍ ଉତ୍ପାଦନ କ୍ଷମତା ହାସଲକଲା ଭାରତ

ନୂଆଦିଲ୍ଲୀ,୭।୨

ଭାରତ ୧୦୦ ଗିଗାୱାଟ୍ ସୌର ଶକ୍ତି କ୍ଷମତା ଅତିକ୍ରମକରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି, ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ଦେଶର ପ୍ରତିବଦ୍ଧତାକୁ ଏହି ଉଲ୍ଲେଖନୀୟ ସଫଳତା ପ୍ରମାଣିତ କରୁଛି। ୨୦୩୦ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫୦୦ଗିଗାୱାଟ ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି କ୍ଷମତାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବାକୁ ଯାଉଛି ବୋଲି କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଭାରତର ଶକ୍ତି ଯାତ୍ରା ଐତିହାସିକ ଏବଂ ପ୍ରେରଣାଦାୟକ ରହିଛି। ସୋଲାର ପ୍ୟାନେଲ, ସୋଲାର ପାର୍କ ଓ ଛାତ ଉପର ସୌର ପ୍ରକଳ୍ପ ଭଳି ପଦକ୍ଷେପ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଫଳରେ ଆଜି ଭାରତ ୧୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟକୁ ସଫଳତାର ସହ ହାସଲ କରିପାରିଛି। ସବୁଜ ଶକ୍ତି କ୍ଷେତ୍ରରେ ଭାରତ କେବଳ ଆତ୍ମନିର୍ଭରଶୀଳ ହେଉ ନାହିଁ ବରଂ ବିଶ୍ୱକୁ ଏକ ନୂଆ ମାର୍ଗ ଦେଖାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଜୋଷୀ କହିଛନ୍ତି। ସେହିପରି ଗତ ୧ଦଶନ୍ଧି ମଧ୍ୟରେ ଭାରତର ସୌରଶକ୍ତି କ୍ଷମତା ୩୪୫୦% ବଢି ଏକ ଅସାଧାରଣ ଅଭିବୃଦ୍ଧି ଘଟିଛି, ଯାହା ୨୦୧୪ରେ ୨.୮୨ ଗିଗାୱାଟ ଥିବାବେଳେ ୨୦୨୫ ସୁଦ୍ଧା ଏହା ୧୦୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି। ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଭାରତର ସମୁଦାୟ ସଂସ୍ଥାପିତ ସୌର କ୍ଷମତା ୧୦୦.୩୩ ଗିଗାୱାଟ ରହିଛି, ଯେଉଁଥିରେ ୮୪.୧୦ ଗିଗାୱାଟ୍ କାର୍ଯ୍ୟକାରୀ ହେଉଛି ଏବଂ ଅତିରିକ୍ତ ୪୭.୪୯ ଗିଗାୱାଟ୍ ପ୍ରସ୍ତାବିତ ରହିଛି।



# ଖସିଲା ଶେୟାର ବଜାର

ମୁମ୍ବାଇ,୭।୨

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୯୮ (୧୯୭.୯୭) ପଏଣ୍ଟ କମି ୭୭,୮୬୦(୭୭,୮୬୦.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୩ (୪୩.୪୦) ପଏଣ୍ଟ ହ୍ରାସ ଘଟି ୨୩,୫୬୦ (୨୩,୫୫୯.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ୩୦୦୦ ନିଯୁକ୍ତି ସୃଷ୍ଟି କରିବ ପତଞ୍ଜଳି

ଭୁବନେଶ୍ୱର, ୭।୨
(ଅନୁରାଧା ମହାରଣା)



ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅରୁନ୍‌ବୀର ସିଂ ଉପସ୍ଥିତ ଅଛନ୍ତି।

ପତଞ୍ଜଳି ଗ୍ରୁପ୍ ଯମୁନା ଏକ୍ସପ୍ରେସ୍‌ୱେ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ଅଥରିଟି କ୍ଷେତ୍ରରେ ଏହାର ଶିଳ୍ପ ବିସ୍ତାର କରିବାକୁ ଯାଉଛି। ଏହି କ୍ରମରେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣା ୟେଇଡାରେ ପହଞ୍ଚି ପତଞ୍ଜଳି ଫୁଡ୍ ଏବଂ ହର୍ବାଲ ପାର୍କର ଆଗାମୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରମୁଖ ପ୍ରକଳ୍ପକୁ ବୃହତ୍ ପରିମାଣର ପୁଞ୍ଜି ବିନିଯୋଗ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ ଲକ୍ଷ୍ୟରେ ବିକଶିତ କରାଯାଉଛି। ଏହି ପାର୍କରେ ଏକ ଅତ୍ୟାଧୁନିକ ଦୁଗ୍ଧ କାରଖାନା ଏବଂ ଶିଳ୍ପ ପ୍ରୋତ୍ସାହନ ହବ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ତଥା ଜାତୀୟ ସ୍ତରରେ ବ୍ୟବସାୟିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ୧,୬୦୦ କୋଟି ଟଙ୍କା ବିନିଯୋଗରେ ଏହି ଶିଳ୍ପ ପାର୍କକୁ ବିକଶିତ କରାଯିବ, ଯାହା ଏହି ଅଞ୍ଚଳର ଅର୍ଥନୀତିକୁ ଏକ ନୂତନ ଦିଗ ଦେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାଦ୍ୱାରା ପତଞ୍ଜଳି ଫୁଡ୍ ଏବଂ ହର୍ବାଲ ପାର୍କ ୩୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ପତଞ୍ଜଳି ଗ୍ରୁପ୍ ପୂର୍ବରୁ ଏକ ଇଣ୍ଡଷ୍ଟ୍ରିଆଲ ପାର୍କର ବିକାଶ କରୁଛି, ଯେଉଁଠାରେ ସବ୍‌ଲିଜ୍ ମାଧ୍ୟମରେ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପ ପାଇଁ ଔଦ୍ୟୋଗିକ ସ୍ଥାନ ଉପଲବ୍ଧ ହୋଇଛି। ଆଗାମୀ ଖାଦ୍ୟ ଏବଂ ହର୍ବାଲ ପାର୍କ ଏହି ପଦକ୍ଷେପକୁ ଆହୁରି ଦୃଢ଼ କରିବ। ଏହା ଏଫ୍‌ଏମ୍‌ସିଜି, ଆୟୁର୍ବେଦ, ଦୁଗ୍ଧ ଏବଂ ହର୍ବାଲ ଶିଳ୍ପକୁ ସ୍ଥାନୀୟ ସ୍ତରରେ ଶିଳ୍ପ ଆତ୍ମନିର୍ଭରଶୀଳତା ତଥା ଉତ୍ସାହିତ କରିବାକୁ ଏକ ସୁଯୋଗ ପ୍ରଦାନ କରିବ। ଇଣ୍ଡଷ୍ଟ୍ରିଆଲ ପାର୍କ ପରିଦର୍ଶନ କରିବା ପରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଶିଳ୍ପ ବିଶେଷଜ୍ଞ ତଥା ବରିଷ୍ଠ ପ୍ରତିନିଧିଙ୍କ ସହ ୟେଇଡା କାର୍ଯ୍ୟାଳୟରେ ପହଞ୍ଚି ସିଇଓ ଅରୁନବୀର ସିଂ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ। ଏହି ସମୟରେ ସିଇଓ ଅରୁନବୀର ସିଂ ୟେଇଡା ଅଞ୍ଚଳରେ ଘଟୁଥିବା ଶିଳ୍ପ ବିକାଶକୁ ନେଇ ତାଙ୍କର ସକାରାତ୍ମକ ଚିନ୍ତାଧାରା ଏବଂ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ଭୁବନେଶ୍ୱରରେ ଫିଦରଲାଇଟ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୭।୨ (ଅଭୟ ଦାଶ)



ଫିଦରଲାଇଟ୍ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫର୍ନିଚର ବ୍ରାଣ୍ଡ 'ଫିଦରଲାଇଟ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ଭୁବନେଶ୍ୱରର ଫାୟାର ଷ୍ଟେଶନ ନିକଟସ୍ଥ ପିଜିଏଲ ହୋଣ୍ଡା ବିଲ୍‌ଡିଂର ତୃତୀୟ ମହଲାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ପିଜିଏଲ୍ ଫର୍ନିଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଏହି ନୂତନ ଆଉଟ୍‌ଲେଟ୍ ତଥା ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଫିଦରଲାଇଟ୍ ଗ୍ରୁପ୍‌ର ଏମ୍‌ଡି ମନୋହର ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଦରଲାଇଟ୍‌ର ସହଯୋଗୀ ନିର୍ଦ୍ଦେଶକ କେ.ଡି. ଚେଲାରାମଙ୍କ ସମେତ ପିଜିଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷା ପୁଷ୍ପାଦେବୀ ଅଗ୍ରୱାଲ,ପିଜିଏଲ୍ ଫର୍ନିଚର୍ସର ନିର୍ଦ୍ଦେଶିକା ପୃଥା ଅଗ୍ରୱାଲ, ନିର୍ଦ୍ଦେଶକ କମଲ ଅଗ୍ରୱାଲ ଏବଂ ବ୍ୟବସାୟ ମୁଖ୍ୟ ଡିଲର ପରିଚାଳନା ଜ୍ଞାନେନ୍ଦ୍ର ସିଂହ ପରିହାର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୧୦,୦୦୦ ବର୍ଗଫୁଟ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଫର୍ନିଚର ଶୋ'ରୁମ୍ ଏବଂ ନୂତନ ଏକ୍ସପେରିଏନ୍ସ ସେଣ୍ଟରରେ କର୍ପୋରେଟ ହାଉସ, ଶିକ୍ଷାନୁଷ୍ଠାନ ଏବଂ ହେଲ୍‌ଥ ସେକ୍ଟର ଭଳି ପ୍ରମୁଖ ଅନୁଷ୍ଠାନଗୁଡିକ ପାଇଁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଫର୍ନିଚର ଉତ୍ପାଦ ଉପଲବ୍ଧ।

# ଚାନ୍ଦି ଭଣ୍ଡାରର ଭେନସ୍ କଲେକ୍ସନ ୨.୦

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)




ମାଣିକ ହଂସ ନୂତନ କଲେକ୍ସନକୁ ପ୍ରଦର୍ଶନ କରୁଛନ୍ତି।

ପ୍ରେମ ସପ୍ତାହ ଚାଲିଥିବାବେଳେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ଭେନସ୍ କଲେକ୍ସନ-୨.୦ର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ଏହି କଲେକ୍ସନ୍‌ର ଶୁଭାରମ୍ଭକରି ମାଣିକ ହଂସ କହିଛନ୍ତି, ୯୨.୫ ଷ୍ଟର୍ଲିଂ ସିଲ୍‌ଭରରେ ପ୍ରସ୍ତୁତ'ଭେନସ୍' କଲେକ୍ସନରେ ଥିବା ଡିଜାଇନଗୁଡ଼ିକରେ ନୀଳ, ଲାଲ, ଧଳା, କଳା ଏବଂ ମାଜେଣ୍ଟା ଗୋଲାପୀ ରଙ୍ଗର ସେଡ୍‌ରେ ଉଜ୍ଜ୍ୱଳ ଜିର୍‌କନ୍ ପଥର ରହିଛି। ଏଥିରେ ବିଭିନ୍ନ ରେଞ୍ଜର ନେକ୍‌ପିସ୍, ବ୍ରେସ୍‌ଲେଟ୍, କାନଫୁଲ ଏବଂ ମୁଦି ଆଦି ରହିଛି। ଏ ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପସା ହଂସ କୁହନ୍ତି, ପ୍ରେମ ଓ ବନ୍ଧନ ସହ ସମକକ୍ଷ ଫେବୃଆରୀର 'ଭେନସ୍' କଲେକ୍ସନ ପାଇଁ ଏକ ପୃଷ୍ଠଭୂମି ଭାବେ କାର୍ଯ୍ୟ କରେ। ଭାବନାର ଗଭୀରତାକୁ ପ୍ରକାଶ କରିବା ପାଇଁ ଏହି କଲେକ୍ସନରେ ଭଳିକି ଭଳି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ସମ୍ଭାର ରହିଛି। ଏହାସହ ଚାନ୍ଦି ଭଣ୍ଡାର ଭାଲେଣ୍ଟାଇନ୍ ୨.୦ ଟିଭିସି ଆଣିଛି। ପ୍ରେମ ସପ୍ତାହକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ଚାନ୍ଦି ଭଣ୍ଡାର ଏକ ଏକ୍ସକ୍ଲୁସିଭ୍ ଅଫର ଆଣିଛି, ଯାହା ମାଧ୍ୟମରେ ଗ୍ରାହକ ଫେବୃଆରୀ ୭ରୁ ୧୪ ଯାଏ ଷ୍ଟର୍ଲିଂ ସିଲ୍‌ଭର ଗହଣାରେ ୧୦% ପର୍ଯ୍ୟନ୍ତ ରିହାତି ପାଇବେ।


# Classified Everyday

**0674-2580101, 9692975378**



## AUTOMOBILE SALE

Kia Sonet 2022 top model Diesel automatic white 24000Km. 6371837547 D-2818



## REAL ESTATE SALE

Outright and Sharing Lands are available for Duplex/ Apartment projects around Bhubaneswar. 8984071303/ 7606870034/ 8599857228/ 7077798353. D-2840

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741. D-2801

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399. D-2772

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

Contact for House Construction (Simplex/ Duplex/ Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2841



## CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2630

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## GENERAL SALE

For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222. D-75591




For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

## ACCOMMODATION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819




Herbal full body massage by smart/ expert therapist. 8327740003, 7205178829. D-76413

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LOST

It is hereby notified for public information that I, Shri Manoranjan Behera, son of Mr. Chaitanya Behera, resident of Barapurikia, Daspalla, have lost my Registered Sale Deed under Khata Number 186/212 in the name of Hadibandhu Rout. The document was misplaced somewhere on the way while returning from the Tahasil Office to my residence on 27.01.2025, without my knowledge. If any kind-hearted person finds it, kindly contact me at: Mobile: 9937263851/ 6372775981. D-2843

## AFFIDAVIT

By virtue of affidavit sworn before Executive Magistrate, Athagarh, dtd- 05.02.2025, CF No.- 539, I Kalpana Khatua, W/o- Akshaya Kumar Khatua, Village- Malabiharpur, Post.- Kadalibadi, P.S.- Banki, Dist.- Cuttack (Odisha)- 754029 declare that I have changed my name from Kalpana Sahoo to Kalpana Khatua. Henceforth, I shall be known as KALPANA KHATUA for all purposes. Kalpana Khatua. D-75490

By virtue of an affidavit on the Notary dtd 06 Feb 2025, Dil Bhoi, S/o- Daitary Bhoi, At- Khandagar, Mahidharapara, Cuttack, Odisha- 754001, my name changed from Dil Bhoi to Nilu Bhoi for all purposes. D-2834

I, Sagnya Swarupa Mohapatra, D/o- Suresh Kumar Mahapatra, resident of Upasana, Flat No.1, Plot No.- 1757/3346, Biswanath Nagar (BJB Nagar), P.O.- BJB Nagar, P.S.- Laxmisagar, Bhubaneswar, Dist.- Khordha, Odisha, PIN: 751014 declared by this affidavit No.- 4767 dtd 5.02.2025 that now onwards I shall be known as SANGYA SWARUPA MAHAPATRA for all future purposes. D-76415

By virtue of an affidavit sworn before the Executive Magistrate, Bhadrak, I declare that in my Bank Passbook, Aadhaar & Voter ID my name has been mentioned as Rajesh Das. Where as on LIC certificate bearing Policy No.- 583259569, my name is recorded as Harihar Das. Both the above name belongs to one & same person. D-2845

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବାସୁଦେବ ଗରାବଡୁ
(୧୯୩୩-୨୦୨୦)
ବଡ଼ଦାଣ୍ଡ ସାହି, ଓଲ୍ଡ ଟାଉନ୍, ପୁରୁଣା ଭୁବନେଶ୍ୱର

ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ, ମା' ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।

ଆଶୀର୍ବାଦାକାଂକ୍ଷୀ: ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୭୬୦୪୪

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ Bhubaneswar, Saturday, February 8/ 2025

## ସଂକ୍ଷେପରେ

### ଏଲ୍‌ଓସିରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୭ ପାକିସ୍ତାନୀ ନିହତ

ଶ୍ରୀନଗର, ୭।୨

ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା କୃଷ୍ଣା ଘାଟି ସେକ୍ଟରସ୍ଥିତ ଲାଇନ୍ ଅଫ କଣ୍ଟ୍ରୋଲ (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ ବେଳେ ୭ ପାକିସ୍ତାନୀ ଭାରତୀୟ ଯବାନଙ୍କ ଗୁଳିରେ ନିହତ ହୋଇଛନ୍ତି। ଏହି ଅନୁପ୍ରବେଶକାରୀଙ୍କ ମଧ୍ୟରେ ପାକିସ୍ତାନର ବର୍ଡର ଆକ୍ସନ ଟିମ୍ (ବିଏଟି)ର ୨ରୁ ୩ ଜଣ ସୈନ୍ୟ ଥିବା ଜଣାପଡ଼ିଛି। ବିଏଟି ସହଯୋଗରେ ପାକିସ୍ତାନୀ ଅନୁପ୍ରବେଶକାରୀ ଭାରତରେ ପ୍ରବେଶ କରି ସୁରକ୍ଷାବାହିନୀଙ୍କ ଉପରକୁ ଆକ୍ରମଣ କରିବା ନେଇ ଯୋଜନା କରିଥିଲେ। ମୃତ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଆତଙ୍କବାଦୀ ସଙ୍ଗଠନ 'ଅଲ୍ ବଦର'ର ଆତଙ୍କବାଦୀ ମଧ୍ୟ ରହିଛନ୍ତି। ପ୍ରକାଶ ଯେ, ବିଏଟି ପୂର୍ବରୁ ଅନେକ ଥର ଏଲ୍‌ଓସିରେ ଅନୁପ୍ରବେଶ କରାଇ ଭାରତୀୟ ସେନା ଉପରେ ଆକ୍ରମଣ କରାଇଛି।

### ବିଦେଶ ଜେଲରେ ୧୦,୧୫୨ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୭।୨

ସମ୍ପ୍ରତି ବିଦେଶର ବିଭିନ୍ନ ଜେଲରେ ଦଣ୍ଡ ଭୋଗୁଥିବା ଏବଂ ବିଚାରାଧୀନ ଅବସ୍ଥାରେ ସମୁଦାୟ ୧୦,୧୫୨ ଭାରତୀୟ ବନ୍ଦୀ ରହିଛନ୍ତି। ଶୁକ୍ରବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଏହି ତଥ୍ୟ ରଖିଛନ୍ତି। ସାଉଦି ଆରବ, କୁଏଟ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ନେପାଳ, ପାକିସ୍ତାନ, ଆମେରିକା, ଶ୍ରୀଲଙ୍କା, ସ୍ପେନ୍, ରୁଷିଆ, ଇସ୍ରାଏଲ, ଚାଇନା, ବାଂଲାଦେଶ, ଆର୍ଜେଣ୍ଟିନା ସମେତ ୮୬ ଦେଶର ବିଭିନ୍ନ ଜେଲରେ ଭାରତୀୟ ବନ୍ଦୀ ଅଛନ୍ତି। ସର୍ବାଧିକ ୨,୬୩୩ ଜଣ ସାଉଦି ଆରବରେ ବନ୍ଦୀ ଥିବାବେଳେ ୨,୫୧୮ ଜଣ ୟୁଏଇର ବିଭିନ୍ନ ଜେଲରେ ବନ୍ଦୀ ହୋଇ ରହିଛନ୍ତି। ସେହିପରି ନେପାଳରେ ୧୩୧୭ ଭାରତୀୟ, କାତାରରେ ୬୧୧, ପାକିସ୍ତାନ ଓ ଶ୍ରୀଲଙ୍କାରେ ଯଥାକ୍ରମେ ୨୬୬ ଏବଂ ୯୮ ଜଣ ବନ୍ଦୀ ହୋଇ ରହିଛନ୍ତି।

### ଏନ୍‌ଏଚ୍ ବ୍ୟବହାରକାରୀଙ୍କୁ ଖୁବ୍‌ଶୀଘ୍ର ଆଶ୍ୱସ୍ତି: ଗଡ଼କରୀ

ନୂଆଦିଲ୍ଲୀ,୭।୨

ଜାତୀୟ ରାଜପଥ (ଏନ୍‌ଏଚ୍) ବ୍ୟବହାରକାରୀଙ୍କୁ ଖୁବ୍‌ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ ଶୁକ୍ରବାର କହିଛନ୍ତି। ଏ ନେଇ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଘୋଷଣା କରିବେ। ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ଲାଭ ପାଇଁ ସରକାର ଏକ ସମାନ ଟୋଲ୍ ନୀତି ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି। ଗ୍ଲୋବାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଜିଏନ୍‌ଏସ୍‌ଏସ୍) ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଜାତୀୟ ରାଜପଥରେ କାର୍ଯ୍ୟକାରୀ ହେବ। ଫଳରେ ଟୋଲ୍ ସଂଗ୍ରହ ପାଇଁ ରାସ୍ତାରେ କୌଣସି ପ୍ରତିବନ୍ଧକ ରଖିବା ଆବଶ୍ୟକ ପଡ଼ିବ ନାହିଁ ଓ ଗାଡ଼ି ଚଳାଚଳ ଅବାଧ ହେବ।

# ମହାରାଷ୍ଟ୍ରରେ ବୟସ୍କଙ୍କଠାରୁ ଭୋଟର ସଂଖ୍ୟା ଅଧିକ

## ଇସି ଜବାବ ନ ଦେଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ: ରାହୁଲ

ନୂଆଦିଲ୍ଲୀ,୭।୨(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସଂଖ୍ୟାଗତ ଅନିୟମିତତା ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ରାଜ୍ୟରେ ସାବାଳକ ଓ ସାବାଳିକାଙ୍କ ମୋଟ ସଂଖ୍ୟା ଯେତେ, ତା'ଠାରୁ ଅଧିକ ଭୋଟର ପଞ୍ଜୀକୃତ ହୋଇଥିବା ଲୋକ ସଭାର ବିରୋଧୀ ଦଳ ନେତା ଦାବି କରିଛନ୍ତି।

ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ମାସ ମଧ୍ୟରେ ବହୁସଂଖ୍ୟାରେ ଭୋଟରଙ୍କୁ ପଞ୍ଜୀକୃତ କରାଯାଇଥିବା ସେ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ଏବଂ ଏହା ପରବର୍ତ୍ତୀ ବିଧାନସଭା ନିର୍ବାଚନର ଭୋଟର ତାଲିକାର କେନ୍ଦ୍ରୀୟ ତଥ୍ୟ ପ୍ରଦାନ ନିମନ୍ତେ ମହାରାଷ୍ଟ୍ରର ବିରୋଧୀ ଦଳ କଂଗ୍ରେସ, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଦାବି ହୋଇଛି। ଯଦି କମିଶନ ଏହି ତଥ୍ୟ ପ୍ରଦାନ ନ କରନ୍ତି, ତେବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି



ଶିବସେନା(ୟୁବିଟି) ଏମ୍‌ପି ସଞ୍ଜୟ ରାଉତ (ବାମ)ଙ୍କ ସହ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି-ଏସ୍‌ପି ନେତ୍ରୀ ସୁପ୍ରିୟା ସୁଲେ।

ରାହୁଲ କହିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ବହୁସଂଖ୍ୟାରେ ଭୋଟରଙ୍କ ନାଁ କାଟିଦିଆଯାଇଥିଲା କିମ୍ବା ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳିତ, ଆଦିବାସୀ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ ଏବଂ ଏନ୍‌ସିପି(ଏସ୍‌ପି)ର ସୁପ୍ରିୟା ସୁଲେଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ରାହୁଲ ଅଭିଯୋଗ ଆଣିଛନ୍ତି। ଯେତିକି ଭୋଟରଙ୍କ ନାଁ ସଂଯୋଗ ହୋଇଛି, ତା'ଠୁ ବହୁ ଅଧିକଙ୍କ ନାଁ କଟାଯାଇଥିବା ରାଜ୍ୟର ବିରୋଧୀ ଦଳଗୁଡ଼ିକ ସନ୍ଦେହ କରୁଛନ୍ତି। ଫଳରେ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ଉଠିଛି। ୨୦୧୦ ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ବର୍ଷ ମଧ୍ୟରେ ମହାରାଷ୍ଟ୍ରର ଭୋଟର ତାଲିକାରେ ୩୨ ଲକ୍ଷ ଭୋଟରଙ୍କୁ ସାମିଲ କରାଯାଇଛି। ତେବେ ୨୦୨୪ ଲୋକ ସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ମାତ୍ର ୫ ମାସ ମଧ୍ୟରେ ୩୯ ଲକ୍ଷ ଭୋଟର ପଞ୍ଜୀକୃତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପରେ କାହିଁକି ଏତେ ସଂଖ୍ୟାରେ ଭୋଟର ସାମିଲ ହେଲେ ? ସେହି ୩୯ ଲକ୍ଷ ଭୋଟର, ଯେଉଁମାନେ ହିମାଚଳପ୍ରଦେଶର ମୋଟର ଭୋଟର ସଂଖ୍ୟା ସହ ସମାନ, ସେମାନେ ପ୍ରକୃତରେ କିଏ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

ମହାରାଷ୍ଟ୍ରରେ ମୋଟ ବୟସ୍କ (ଭୋଟ ଦେବା ପାଇଁ ଯୋଗ୍ୟ ବୟସର ଲୋକ) ଜନସଂଖ୍ୟା ୯.୫୪ କୋଟି ହୋଇଥିବାବେଳେ ବିଧାନସଭା ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୯.୭ କୋଟି। ଏହା କିପରି ସମ୍ଭବ ହେଲା ବୋଲି ରାହୁଲ ଜାଣିବାକୁ ଚାହିଁଛନ୍ତି। ଅତିରିକ୍ତ ଭୋଟର ସୃଷ୍ଟି ହେଲେ କିପରି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳଗୁଡ଼ିକର ଭୋଟ ଭାଗ ସମାନ ରହିଥିବାବେଳେ ନୂଆ ସଂଯୋଗ ହୋଇଥିବା ଭୋଟରଙ୍କ ମଧ୍ୟରୁ ଅଧିକାଂଶ ଭୋଟ ଭାଜପା ସପକ୍ଷରେ ଯାଇଥିଲା। କାମ୍‌ଥି ନିର୍ବାଚନ ମଣ୍ଡଳୀରେ ଭାଜପାର ବିଜୟ ବ୍ୟବଧାନ ନୂଆ ଭୋଟରଙ୍କ ସଂଖ୍ୟା ସହ ପାଖାପାଖି ସମାନ। ଇସିଙ୍କୁ ଏସବୁ ପ୍ରଶ୍ନର ଉତ୍ତର ଦେବାକୁ ହେବ। କମିଶନ ବିରୋଧୀ ଦଳଗୁଡ଼ିକର ଅନୁରୋଧକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଭୋଟର ତାଲିକାର ତଥ୍ୟ ଦିଅନ୍ତୁ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ନଚେତ୍ ବିରୋଧୀ ଦଳଗୁଡ଼ିକ ଆଇନର ଆଶ୍ରୟ ନେବେ ବୋଲି ରାହୁଲ କହିଛନ୍ତି।

## ଭିଜା ପାଇଁ ଭାରତୀୟ କନ୍‌ସୁଲେଟ୍‌ରେ ହଙ୍ଗାମା

ନ୍ୟୁୟର୍କ,୭।୨(ପି.ଟି.)

ଆମେରିକାର ୱାଶିଂଟନ ରାଜ୍ୟ ଅନ୍ତର୍ଗତ ସିଟଲ୍ ସହରରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସରେ ଗୁରୁବାର କେତେଜଣ ଜବରଦସ୍ତ ପ୍ରବେଶ କରି ହଙ୍ଗାମା କରିବାରୁ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଥିଲା। ବେଆଇନ ପ୍ରବେଶ କରିଥିବା ଲୋକଙ୍କ ମଧ୍ୟରେ ସିଟଲ୍ ସିଟି ପୂର୍ବତନ କାଉନ୍‌ସିଲ ସଦସ୍ୟ କ୍ଷମା ସାୱନ୍ତ ଅଛନ୍ତି। ଭାରତ ଯିବା ଲାଗି ତାଙ୍କୁ ଭିଜା ମିଳି ନ ଥିଲା। ଏହାକୁ ନେଇ ସେମାନେ କନ୍‌ସୁଲେଟ୍‌ରେ ହୋହଲ୍ଲା କରିବା ସହ କନ୍‌ସୁଲେଟ୍ କର୍ମଚାରୀଙ୍କ ପ୍ରତି ଆକ୍ରମଣାତ୍ମକ ମନୋଭାବ ଦେଖାଇଥିଲେ। ଆଇନଶୃଙ୍ଖଳା ସ୍ଥିତି ଉପୁଜିବାରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ସାୱନ୍ତ ଏକ୍ସ'ରେ ଲେଖିଛନ୍ତି, ତାଙ୍କ ସୋସିଆଲିଷ୍ଟ ସିଟି କାଉନ୍‌ସିଲ୍ ଅଫିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁସଲମାନ ବିରୋଧୀସିଏଏ-ଏନ୍‌ଆର୍‌ସି ନାଗରିକତ୍ୱ ଆଇନକୁ ନିନ୍ଦା କରି ଏକ ସଂକଳ୍ପ ଗୃହୀତ କରାଇଥିଲା। ସେଥିପାଇଁ ମୋଦି ସରକାର ତାଙ୍କ ନାଁକୁ ରିଜେକ୍ଟ ଲିଷ୍ଟରେ ରଖିଥିବା ସାୱନ୍ତ କହିଛନ୍ତି।



(ବାମରୁ) ଉଦ୍ୟୋଗପତି ଗୌତମ ଆଦାନୀ, ତାଙ୍କ ବୋହୂ ଦିଭା ଶାହା, ପୁଅ ଜିତ୍ ଆଦାନୀ ଓ ସ୍ତ୍ରୀ ପ୍ରୀତି ଆଦାନୀ।

## ବିବାହକଲେ ଆଦାନୀଙ୍କ ପୁଅ

ଅହମଦାବାଦ ୭।୨

ଭାରତର ଜଣାଶୁଣା ଉଦ୍ୟୋଗପତି ଗୌତମ ଆଦାନୀଙ୍କ ସାନ ପୁଅ ଜିତ୍ ଆଦାନୀ ଶୁକ୍ରବାର ଗୁଜରାଟର ବିଶିଷ୍ଟ ହୀରା ବ୍ୟବସାୟୀ ଜୈମିନ ଶାହାଙ୍କ ଝିଅ ଦିଭା ଶାହାଙ୍କୁ ବିବାହ କରିଛନ୍ତି। ଅହମଦାବାଦରେ ପାରମ୍ପରିକ ରୀତିନୀତି ସହ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ଆଦାନୀ ତାଙ୍କର ଏକ୍ସ' ଆକାଉଣ୍ଟରେ ଜିତ୍‌ଙ୍କ ବିବାହର କିଛି ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ଆଦାନୀ, ତାଙ୍କ ସ୍ତ୍ରୀ ପ୍ରୀତି ଆଦାନୀଙ୍କ ସହ ପୁଅ ଜିତ୍ ଓ ବୋହୂ ଦିଭାଙ୍କ ସହ ନଜରକୁ ଆସିଛନ୍ତି। ଆଦାନୀ ନିଜ ପୋଷ୍ଟରେ ଲେଖିଛନ୍ତି, ଅହମଦାବାଦରେ କେବଳ ପରିବାର ଲୋକ ଓ ସମ୍ପର୍କୀୟଙ୍କୁ ନେଇ ଏକ ଛୋଟ ବ୍ୟକ୍ତିଗତ ସମାରୋହରେ ଜିତ୍‌ଙ୍କ ବିବାହ ସମ୍ପନ୍ନ ହୋଇଛି।

## ମହାକୁମ୍ଭରେ ପୁଣି ନିଆଁ: ବହୁ ତମ୍ବୁ ଜଳିଗଲା

ମହାକୁମ୍ଭ ନଗର,୭।୨(ପି.ଟି.)

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ବାରମ୍ବାର ଅଗ୍ନିକାଣ୍ଡ ଘଟିଚାଲିଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ବହୁ ଶିବିର ଜଳିଗଲାଣି, ଯାହା ପ୍ରଶାସନର ଚିନ୍ତା ବଢ଼ାଇଦେଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୫ ମିନିଟ୍ ସମୟରେ ତୃତୀୟ ଥର ପାଇଁ କୁମ୍ଭମେଳା ଅଞ୍ଚଳର ସେକ୍ଟର ୧୯ରେ ଅଗ୍ନିକାଣ୍ଡ ଭୟଙ୍କର ରୂପ ନେଇଥିଲା। ପ୍ରଥମେ ଇସ୍କନ କ୍ୟାମ୍ପରେ ନିଆଁ ଲାଗି ଖୁବ୍‌ଶୀଘ୍ର ଏହା ପାଖରେ ଥିବା ପ୍ରାୟ ଡଜନେ ଶିବିରକୁ ବ୍ୟାପିଯାଇଥିଲା। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ଦମକଳ ସହ ପହଞ୍ଚି ଅଧଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ମହାକୁମ୍ଭ ଡିଆଇଜି ବୈଭବ କ୍ରିଷ୍ଣା କହିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।



କୁମ୍ଭମେଳାସ୍ଥଳରେ ନିଆଁ ଲାଗି ଅନେକ ତମ୍ବୁ ଜଳିଯାଇଛି।

## ଆୱାମି ଲିଗ୍ ନେତାଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ

ଢାକା, ୭।୨ (ପି.ଟି.)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଅନ୍‌ଲାଇନ ସମ୍ବୋଧନକୁ ବିରୋଧ କରି ଗୁରୁବାରଠାରୁ ଢାକାରେ ବିକ୍ଷୋଭ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଶୁକ୍ରବାର ବିକ୍ଷୋଭକାରୀ ଆୱାମି ଲିଗ୍‌ର ଅନେକ ନେତାଙ୍କ ଘରକୁ ଆକ୍ରମଣ କରିବା ସହ ନିଆଁ ଲଗାଇଦେଇଛନ୍ତି। ଆୱାମି ଲିଗ୍ ନେତା ଶେଖ୍ ସଲିମଙ୍କ ଢାକାସ୍ଥିତ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଛନ୍ତି। ୨ ଘଣ୍ଟା ପର୍ଯ୍ୟନ୍ତ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲା। ସେହିପରି ଢାକାର ନୋଆଖଲିସ୍ଥିତ କମ୍ପାନୀଗଞ୍ଜ ଅଞ୍ଚଳରେ ଆୱାମି ଲିଗ୍ (ଏଏଲ୍) ମହାସଚିବ ତଥା ପୂର୍ବତନ ମନ୍ତ୍ରୀ ଅବ୍‌ଦୁଲ କାଦରଙ୍କ ଘର ଉପରେ ଆକ୍ରମଣ ସହ ନିଆଁ ମଧ୍ୟ ଲଗାଇ ଦିଆଯାଇଛି। ରାଜାପୁର ମୋହଲ୍ଲା ଅଞ୍ଚଳରେ ଆୱାମି ଲିଗର କମ୍ପାନୀଗଞ୍ଜ ୟୁନିଟ୍ ଅଧ୍ୟକ୍ଷ ତଥା ବାସୁରହାଟ ନଗରପାଳିକାର ପୂର୍ବତନ ମେୟର ଶାହାଦର ମିର୍ଜାଙ୍କ ୨ ମହଲା କୋଠାରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିବା ସହ ଘର ସାମ୍ନାରେ ରଖାଯାଇଥିବା ଏକ କାର୍‌ରେ ନିଆଁ ଲଗାଇଦେଇଛନ୍ତି।

## ଛୁଟି ନ ମିଳିବାରୁ ୪ ସହକର୍ମୀଙ୍କୁ ଛୁରାମାଡ଼

କୋଲକାତା, ୭।୨

ପଶ୍ଚିମବଙ୍ଗର ସରକାରୀ କର୍ମଚାରୀ ଅମିତ ସରକାରଙ୍କୁ ଛୁଟି ନ ମିଳିବାରୁ ସେ ଉତ୍ତେଜିତ ହୋଇ ନିଜର ୪ ସହକର୍ମୀଙ୍କୁ ଛୁରି ଭୁସି ଆହତ କରିଛନ୍ତି। ସେ ଛୁରି ଧରି ଚାଲିକରି ଯାଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଅମିତ ଲୋକଙ୍କୁ ତାଙ୍କ ନିକଟକୁ ନ ଆସିବାକୁ ଚେତାବନୀ ଦେଉଛନ୍ତି। କୋଲକାତାର ନ୍ୟୁଟାଉନ୍ ଅଞ୍ଚଳରେ ଥିବା କାରିଗରି ଭବନର ବୈଷୟିକ ଶିକ୍ଷା ବିଭାଗରେ ସେ କାର୍ଯ୍ୟ କରନ୍ତି। ସେ କିଛି ଦିନ ଛୁଟିରେ ରହିବା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଛୁଟି ମିଳି ନ ଥିଲା।

## ତଦନ୍ତ ନିର୍ଦ୍ଦେଶ ପରେ କେଜ୍‌ରିୱାଲଙ୍କ ଘରେ ଏସିବି

ମୁମ୍ବାଇ,୭।୨

ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀମାନଙ୍କୁ ଦଳବଦଳ ପାଇଁ ଭାଜପା ପକ୍ଷରୁ ମନ୍ତ୍ରୀ ପଦ ଏବଂ ୧୫ କୋଟି ଟଙ୍କା ଯଚାଯାଇଥିବା ନେଇ ଦଳ ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିର୍ଦ୍ଦେଶ ଦେବା ପରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଦିଲ୍ଲୀ ଏସିବି ଅଧିକାରୀମାନଙ୍କ ଏକ ଟିମ୍ ଶୁକ୍ରବାର କେଜ୍‌ରିୱାଲଙ୍କ ଘରେ ପହଞ୍ଚି ନୋଟିସ ଦେଇଛନ୍ତି। ଭାଜପା ବିରୋଧରେ ଲାଞ୍ଚ ଅଭିଯୋଗର ପ୍ରମାଣ

### ଭାଜପା ଅର୍ଥ ଯାଚିବା ନେଇ ଆପ୍‌ର ଅଭିଯୋଗ



ଅରବିନ୍ଦ କେଜ୍‌ରିୱାଲ୍

ଦେବା ପାଇଁ ତାଙ୍କୁ କୁହାଯାଇଛି। ଯେଉଁ ୧୬ ଜଣ ବିଧାୟକଙ୍କୁ ଲାଞ୍ଚ ଦିଆଯିବା ପାଇଁ ଫୋନ୍‌ରେ ପ୍ରତିଶ୍ରୁତି ଦିଆଯାଇଥିଲା ସେମାନଙ୍କ ନାଁ ଓ ଫୋନ୍ ନମ୍ବର ଦେବା ପାଇଁ କେଜ୍‌ରିୱାଲଙ୍କୁ କୁହାଯାଇଛି।

ଆପ୍‌ର ୧୬ ଜଣ ପ୍ରାର୍ଥୀଙ୍କୁ ନିଜ ଦଳକୁ ନେବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା କେଜ୍‌ରିୱାଲ ଗୁରୁବାର ଅଭିଯୋଗ କରିଥିଲେ। ସେମାନେ ଭାଜପାକୁ ଗଲେ ମନ୍ତ୍ରୀ ପଦ ମିଳିବା ସହ ୧୫ କୋଟି ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଆପ୍ ଏମ୍‌ପି ସଞ୍ଜୟ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ଅନୁରୂପ ଅଭିଯୋଗ ଆଣିଥିଲେ। ଶାସକ ଦଳ ଲିଗାଲ ସେଲ୍ ଅଧ୍ୟକ୍ଷ ସଞ୍ଜୀବ ନାସିଆର୍ ଏସିବିର କର୍ତ୍ତୃତ୍ୱକୁ ନେଇ ପ୍ରଶ୍ନ ଉଠାଇବା ସହ ଭାଜପା ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ବାଢ଼ିଥିଲେ।

## ଫୁରସତ୍

## ଅଳିଆ ବିକି ମାସିକ ୯ ଲକ୍ଷ ରୋଜଗାର

ଡଲାସ

ଆମେରିକାର ଟେକ୍ସାସ ବାସିନ୍ଦା ଏଲା ରୋଜ୍(୨୩) ଗତ ୧୦ ବର୍ଷ ହେଲା ଅଳିଆ ଗଦା ମଧ୍ୟରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଏବଂ ଜିନିଷ ଖୋଜିବା ସହ ତାହାକୁ ବିକ୍ରି କରି ଅର୍ଥ ରୋଜଗାର କରି ଆସୁଛନ୍ତି। ଏପରି ବୃତ୍ତି ତାଙ୍କୁ ଆର୍ଥିକ ରୂପେ ସଶକ୍ତ କରିଥିବା ଏଲା କହିଛନ୍ତି। ସେ ସାଧାରଣତଃ ବିଭିନ୍ନ ବଡ଼ ସପିଂ ମଲ୍, ଅଫିସ୍, ଦୋକାନ ଆଗରେ ଫୋପାଡି ଦିଆଯାଇଥିବା ଆବର୍ଜନା ମଧ୍ୟରୁ ଖୋଜି ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ସଂଗ୍ରହ କରନ୍ତି। ଏହି ସାମଗ୍ରୀଗୁଡ଼ିକୁ ସେ ଅନେକ ହଜାର ଟଙ୍କା ମୂଲ୍ୟରେ ବିକ୍ରି କରିଥାନ୍ତି। ତାଙ୍କୁ ଅଳିଆ ଗଦା ମଧ୍ୟରୁ ବଡ଼ ବଡ଼ ବ୍ରାଣ୍ଡର ବିଭିନ୍ନ ସରଞ୍ଜାମ ମିଳିଥାଏ, ଯାହାକୁ ସେ ଅନ୍‌ଲାଇନରେ



ବିକ୍ରି କରନ୍ତି। ଦି ସନ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏଲା ମାତ୍ର ୧୩ ବର୍ଷର ହୋଇଥିବାବେଳେ କିଛି ଲୋକ ଅଳିଆ ଗଦାରୁ ମୂଲ୍ୟବାନ ଜିନିଷ ଖୋଜୁଥିବାର ଏକ ଭିଡିଓ ୟୁଟ୍ୟୁବ୍‌ରେ ଦେଖିବାକୁ ପାଇଥିଲେ। ନିଜ ଅବସର ସମୟରେ ଏପରି କରିବାକୁ ସେ ତାଙ୍କ ମା'ଙ୍କଠାରୁ ଅନୁମତି ମାଗିଥିଲେ। ପ୍ରଥମେ ତାଙ୍କ ପରିବାର ଏଥିରେ ରାଜି ହୋଇ ନ ଥିଲେ। ପରେ ଏଲା ଜିଦ୍ ଧରିବାରୁ ତାଙ୍କ ପରିବାର ଏଥିରେ ରାଜି ହୋଇଥିଲେ। ଏହି କାର୍ଯ୍ୟରେ ତାଙ୍କର ରୋଜଗାର ମାସକୁ ଅତି କମ୍‌ରେ ୪୫ ହଜାର ଟଙ୍କା ହୋଇଥିବାବେଳେ ସପିଂ ଏବଂ ଫେଷ୍ଟିଭାଲ ସିଜନ୍‌ରେ ଏହା ବଢ଼ି ମାସିକ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥାଏ ବୋଲି ଏଲା କହିଛନ୍ତି। ସେ ସୋସିଆଲ ମିଡିଆ ଏବଂ ୟୁଟ୍ୟୁବ୍‌ରେ ତାଙ୍କ କାର୍ଯ୍ୟ ସହ ଜଡିତ ଭିଡିଓ ମଧ୍ୟ ପୋଷ୍ଟ କରନ୍ତି, ଯାହା ଅନେକ ଲୋକଙ୍କୁ ଏପରି ବୃତ୍ତି ଆପଣାଇ ଟଙ୍କା ରୋଜଗାର କରିବାର ପ୍ରେରଣା ଦେଇଆସୁଛି। ସେ ପୂର୍ବରୁ କେବଳ ନିଜ ଅବସର ସମୟରେ ଏହି କାର୍ଯ୍ୟ କରୁଥିଲେ, ପରେ ସେ ଏହାକୁ ନିଜର ବୃତ୍ତି କରିବାକୁ ସ୍ଥିର କରିଥିଲେ ବୋଲି ଏଲା କହିଛନ୍ତି।

## ଗ୍ଲାମର ଦୁନିଆ ଛାଡ଼ି ସାଧ୍ୱୀ ହେଲେ

ପ୍ରୟାଗରାଜ

ଚଳଚ୍ଚିତ୍ର ଏବଂ ଅନେକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଥିବା ଅଭିନେତ୍ରୀ ଇଶିକା ତନେଜାଙ୍କୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। ସେ ମହାକୁମ୍ଭରେ ସାଧ୍ୱୀ ରୂପେ ନଜରକୁ ଆସିଛନ୍ତି। ସେ ଗ୍ଲାମର ଜଗତକୁ ଛାଡ଼ି ଆଧ୍ୟାତ୍ମିକ କ୍ଷେତ୍ରକୁ ଆପଣାଇଛନ୍ତି ବୋଲି ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଇଶିକା କହିଛନ୍ତି।

ଇଶିକା ୨୦୧୮ରେ ମିସ୍ ୱାର୍ଲ୍ଡ ଟୁରିଜମ୍ ଟାଇଟଲ୍ ଜିତିଥିଲେ। ୨୦୧୬ରେ ସେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ଭାରତର ୧୦୦ ମହିଳା ଆଚିଭର୍ସ ବର୍ଗରେ ସମ୍ମାନିତ ହୋଇଥିଲେ। ୨୦୧୭ରେ ସେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶିତ 'ଇନ୍ଦୁ ସରକାର' ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।



ପରେ ସେ ଫିଲ୍ମ ନିର୍ମାତା ବିକ୍ରମ ଭଟ୍ଟଙ୍କ ସିରିଜ୍ 'ହଦ୍'ରେ ମଧ୍ୟ କାମ କରିଥିଲେ।

ମହାକୁମ୍ଭରେ ଜଣେ ସାଧ୍ୱୀ ଭାବେ ଯୋଗଦେଇ ଇଶିକା କହିଛନ୍ତି, ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ସେ ସନାତନ ଧର୍ମର ପ୍ରଚାର ପ୍ରସାର କରିବାକୁ ଶପଥ ନେଇଥିଲେ। ଯୁବପିଢ଼ିଙ୍କୁ ଆଗେଇ ଆସି ସନାତନ ପଥ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏବେ ସେ 'ଶ୍ରୀ ଲକ୍ଷ୍ମୀ' ନାମରେ ସନାତନ ଧର୍ମର ପ୍ରଚାର ପ୍ରସାରରେ ବ୍ୟସ୍ତ ରହିବେ ବୋଲି ଇଶିକା କହିଛନ୍ତି। ଗତ ଜାନୁଆରୀର ଇଶିକା ମଧ୍ୟପ୍ରଦେଶର ଜବଲପୁରରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜୀ ମହାରାଜଙ୍କ ମାର୍ଗ ଦର୍ଶନରେ ଗୁରୁ ଦୀକ୍ଷା ନେଇଥିଲେ। ତେବେ ସାଧ୍ୱୀ ହୋଇ ସେ ପବ୍ଲିସିଟି ଷ୍ଟଣ୍ଟ କରୁଛନ୍ତି ବୋଲି ହେଉଥିବା ଆଲୋଚନାକୁ ଇଶିକା ଖଣ୍ଡନ କରିଛନ୍ତି। ତେବେ ଯଦି ସୁଯୋଗ ମିଳେ, ସେ ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଇଶିକା ତନେଜା

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ